


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

୮୦ ତମ ସ୍ୱାଧୀନତା ଦିବସ

SAMBALPUR ◆VOLUME- 44 ◆ISSUE-52 ◆SATURDAY ◆15 AUGUST 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୫୨ ◆ଶନିବାର ◆୧୫ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ବିନୟତୋଷ ମିଶ୍ର କାର୍ଯ୍ୟକାରୀ ଡିଜି



"ସବୁ ଜଗନ୍ନାଥଙ୍କ ଆଶୀର୍ବାଦ"

■ ଭୁବନେଶ୍ୱର, ୧୪।୮ (ସମିସ): ପୁଲିସ ଡିଜି ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କ ଅବସର ପରେ କ୍ରାଇମ୍‌ବ୍ରାଞ୍ଚ ଡିଜି ତଥା ବରିଷ୍ଠ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ହେବେ ପରବର୍ତ୍ତୀ ଡିଜି। ରାଜ୍ୟ ପୁଲିସରେ ଏହା ସ୍ଥାୟୀ ନିଯୁକ୍ତି ନୁହେଁ। ତାଙ୍କୁ କାର୍ଯ୍ୟକାରୀ ଡିଜି ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ତାଙ୍କ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ପ୍ରକାଶ ସିଂ ଗାଇଡ ଲାଇନ୍‌ର ଉଲଙ୍ଘନ କରିବା ଅଭିଯୋଗରେ ରାଜ୍ୟ ସରକାରଙ୍କ ଡିଜିପି ଚୟନ ମାମଲା ସୁପ୍ରିମ୍‌କୋର୍ଟଙ୍କ ବିଚାରାଧୀନ ରହିଛି। ୟୁପିଏସ୍‌ସି ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଡିଜିପି ଚୟନ ନେଇ ୟୁପିଏସ୍‌ସିର ବୈଠକ ଉପରେ ସୁପ୍ରିମ୍‌କୋର୍ଟ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଇଛନ୍ତି। ସ୍ଥାୟୀ ଡିଜିପି ଚୟନକୁ ନେଇ ଅଦାଲତି କଟକଣା ଲାଗିଥିଲା ▶ପୃଷ୍ଠା-୭

### 'ସକାଳ'ର ଛୁଟି

ପବିତ୍ର ସ୍ୱାଧୀନତା ଦିବସ ଅବସରରେ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୧୬ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ (ସୋମବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

### ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ହ୍ରାସ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

# ସର୍ବଦଳୀୟ ବୈଠକ, ସ୍ୱତନ୍ତ୍ର ଅଧିବେଶନ ବସୁ

**ସଂଶୋଧିତ ଆଇନ ବିରୋଧରେ ବିଧାନସଭାରେ ପାରିତ ହେଉ ସର୍ବସମ୍ମତ ପ୍ରସ୍ତାବ**

**ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବ ଖଣିଜ ସମ୍ପଦରେ ସେସ୍ ଲାଗୁ କ୍ଷମତାରେ ଅଙ୍କୁଶ**

**ଓଡ଼ିଶାର ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କର, ସଂଶୋଧିତ ବ୍ୟବସ୍ଥାରେ ଓଡ଼ିଶା ପ୍ରଭାବିତ ହେବ**

■ ଭୁବନେଶ୍ୱର, ୧୪।୮ (ସମିସ): ସଂସଦରେ ସଦ୍ୟ ପାରିତ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ) ସଂଶୋଧନ ବିଲ୍, ୨୦୨୬କୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ବିଲ୍ ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତାରେ ଅଙ୍କୁଶ ଓ ଖଣିଜ ସମ୍ପଦ ଉପରେ ରାଜ୍ୟର ସାମ୍ବିଧାନିକ ଅଧିକାର ହ୍ରାସ ବୋଲି ଉଲ୍ଲେଖ କରି ଏଥିନିମନ୍ତେ ତୁରନ୍ତ ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟର ଆର୍ଥିକ ଅଧିକାର ହାନି ଆଶଙ୍କା ଥିବାରୁ ରାଜ୍ୟସଭାରେ ବିଜେଡି ସାଂସଦମାନେ ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ; ମାତ୍ର କେନ୍ଦ୍ର ସରକାର ଏହି ବିଲ୍ ପାରିତ କରିଛନ୍ତି ବୋଲି ନବୀନ କହିଛନ୍ତି ।



ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ କହିଛନ୍ତି ଯେ ସଂଶୋଧିତ ବ୍ୟବସ୍ଥା ଦ୍ୱାରା ଖଣିଜ ସମୃଦ୍ଧ ରାଜ୍ୟ ଯଥା ଓଡ଼ିଶା ଭଳି ରାଜ୍ୟ ଅଧିକ ପ୍ରଭାବିତ ହେବ। ଏହା ଫଳରେ ରାଜ୍ୟ ବ୍ୟାପକ ରାଜସ୍ୱ ହରାଇବା ସହ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହେବ। ଧାରା ୨ରେ ପରିବର୍ତ୍ତନ ମାଧ୍ୟମରେ କେନ୍ଦ୍ରର ନିୟନ୍ତ୍ରଣ କେବଳ ଖଣି ପରିଚାଳନାରେ ସୀମିତ ନ ରହି 'ଖଣିଜ ବହନକାରୀ ଜମି' ପର୍ଯ୍ୟନ୍ତ ବିସ୍ତାର କରାଯାଇଛି। ଏହା ରାଜ୍ୟର ଜମି ଓ ଆର୍ଥିକ ଅଧିକାର ଉପରେ କେନ୍ଦ୍ରର ହସ୍ତକ୍ଷେପ ବଢ଼ାଇବ। ସେହିପରି ଧାରା ୯-ଡି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତୀତ ଖଣିଜ ଅଧିକାର କିମ୍ବା ଖଣିଜ ଭିତ୍ତିକ ଜମି ଉପରେ ରାଜ୍ୟ ସରକାର କର, ସେସ୍ କିମ୍ବା ସମାନ ପ୍ରକାରର ଶୁଳ୍କ ଲାଗୁ କରିପାରିବ ନାହିଁ। ଏଥିସହ ଧାରା ୧୩ ର ସଂଶୋଧନ ମାଧ୍ୟମରେ ଖଣିଜ ପଦାର୍ଥ ଉପରେ ରାଜ୍ୟର କର ଲାଗୁ କରିବାର କ୍ଷମତାକୁ ସୀମିତ କରିବା ପାଇଁ ନିୟମ ପ୍ରଣୟନର ଅଧିକାର କେନ୍ଦ୍ରକୁ ଦିଆଯାଇଛି। ▶ପୃଷ୍ଠା-୭

## ୨୦୨୭ ଜନଗଣନା ପାଇଁ ୪୦ଟି ପ୍ରଶ୍ନ

**ଜାତି, ଆଧାର ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ**

■ ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଆସନ୍ତା ୨୦୨୭ ମସିହା ଜନଗଣନାର ଜନସଂଖ୍ୟା ଗଣନା ପର୍ଯ୍ୟାୟ ପାଇଁ କେନ୍ଦ୍ର ସରକାର ୪୦ଟି ନିର୍ଦ୍ଦିଷ୍ଟ ପ୍ରଶ୍ନର ଭାଲିଡେସନ୍ ଓ ଅନୁମୋଦନ କରିଛନ୍ତି। ରେଜିଷ୍ଟ୍ରାର ଜେନେରାଲ୍ ଏବଂ ଜନଗଣନା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ଦ୍ୱାରା ଜାରି ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ଜନଗଣନା ଅଧିକାରୀମାନେ ପରିବାର ଅନୁସୂଚୀ (ହାଉସହୋଲ୍ଡ ସେଡ୍ୟୁଲ୍) ମାଧ୍ୟମରେ ଏହି ସବୁ ତଥ୍ୟ ସଂଗ୍ରହ କରିବେ। ଏହି ଜନଗଣନାରେ ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନ୍ୟାନ୍ୟ ଜାତି ସମ୍ପର୍କିତ ତଥ୍ୟ ସହିତ ମାତା-ପିତାଙ୍କ ବିବରଣୀ, ଭିନ୍ନକ୍ଷମତା, ଜନ୍ମସ୍ଥାନ, ପ୍ରବାସର କାରଣ ଓ ଅବଧି ଆଦି ପ୍ରଶ୍ନ ସାମିଲ ରହିଛି। ଏହା ବ୍ୟତୀତ ନାମ, ବୟସ, ଲିଙ୍ଗ, ବୈବାହିକ ସ୍ଥିତି, ଧର୍ମ, ମାତୃଭାଷା, ଶିକ୍ଷାଗତ ଯୋଗ୍ୟତା, ବୃତ୍ତି, ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ୍ ନମ୍ବର, ଆଧାର ନମ୍ବର, ଭୋଟର ଆଇଡି, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ଏବଂ କୋଭିଡ୍-୧୯ ଟିକାକରଣ ସମ୍ପର୍କିତ ବିବରଣୀ ମଧ୍ୟ ସଂଗ୍ରହ କରାଯିବ। ମହିଳାମାନଙ୍କ କ୍ଷେତ୍ରରେ ସେମାନଙ୍କ ସନ୍ତାନସନ୍ତତି ସଂଖ୍ୟା ସମ୍ପର୍କରେ ମଧ୍ୟ ପଚରାଯିବ। ଜନଗଣନା ଆଇନ୍, ୧୯୪୮ ଅନୁଯାୟୀ ସରକାରୀ ଯୋଜନା ଓ ନୀତି ପ୍ରଣୟନକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ବିସ୍ତୃତ ତଥ୍ୟ ସଂଗ୍ରହ ପ୍ରକ୍ରିୟା ପରିଚାଳିତ ହେବ।

### ବ୍ଲକ୍ ଅଫିସରେ ବିଜେପି ନେତାଙ୍କ ଦାଦାଗିରି

# ଚେତା ହରାଇଲେ ମହିଳା ବିଡିଓ



ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର

■ କେନ୍ଦ୍ରାପଡ଼ା/ଡେରାବିଶ, ୧୪।୮ (ସମିସ): ରାଜ୍ୟର ସରକାରୀ କାର୍ଯ୍ୟାଳୟରେ ଶାସକ ବିଜେପି ନେତାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୋଟିକ ପରେ ଗୋଟିଏ ଘଟଣା ଅନୁରୂପ ଘଟଣା ଘଟି ଚାଲିଥିବାବେଳେ ଶୁକ୍ରବାର ଡେରାବିଶ୍ ବ୍ଲକ୍ କାର୍ଯ୍ୟାଳୟରେ ଶାସକ ଦଳର ନେତା ଓ କର୍ମୀଙ୍କ ଦାଦାଗିରିରେ ଅସ୍ତବ୍ୟସ୍ତ ହୋଇ ବିଡ଼ିଓ ନମିତା ବାରିକଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇଛି। ଅଶାଳୀନ ଗାଳି, କଟୁଭାଷା ଓ ମାନସିକ ଚାପରେ ବିଡିଓ ନମିତାଙ୍କ ରକ୍ତଚାପ ଏତେ ବଢ଼ି ଯାଇଥିଲା ଯେ ସେ ନିଜ ଚେୟାର ଉପରେ ଚେତାଶୂନ୍ୟ ▶ପୃଷ୍ଠା-୭


15001/88/2627



## ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



## ୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ। ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି। ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0088



डाक जीवन बीमा
Postal Life Insurance

ग्रामीण डाक जीवन बीमा
Rural Postal Life Insurance

सत्यमेव जयते
Government of India

भारतीय डाक
डाक सेवा-जन सेवा
India Post
Dak Sewa-Jan Sewa

## ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା

⬇ କମ୍ ପ୍ରିମିୟମ ⬆ ଅଧିକ ବୋନସ

ସୁରକ୍ଷିତ ଜୀବନ ସୁନିଶ୍ଚିତ ସମୃଦ୍ଧି



ଡାକ ଜୀବନ ବୀମା



ଗ୍ରାମୀଣ ଡାକ ଜୀବନ ବୀମା

### ବିଶେଷ ବୈଶିଷ୍ଟ୍ୟ

- ସରକାର-ସମର୍ଥିତ ସୁରକ୍ଷା ଏବଂ ବିଶ୍ୱସନୀୟତା
- ଯେକୌଣସି ସରକାରୀ କର୍ମଚାରୀ ତଥା ସ୍ନାତକ/ ଡିପ୍ଲୋମା ପ୍ରମାଣପତ୍ରଧାରୀମାନେ ଡାକ ଜୀବନ ବୀମା କରିବା ପାଇଁ ଯୋଗ୍ୟ
- ଆୟକର ପ୍ରଦାନ କ୍ଷେତ୍ରରେ ପ୍ରିମିୟମ ଜମା ଉପରେ ରିହାତି
- ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଗ୍ରାମୀଣ ଡାକ ଜୀବନ ବୀମା ଉପଲବ୍ଧ
- ଡାକ ଜୀବନ ବୀମା ଏବଂ ଗ୍ରାମୀଣ ଡାକ ଜୀବନ ବୀମା ପ୍ରିମିୟମ ଜମା ଉପରେ 0 % GST
- ଅନଲାଇନ ଏବଂ NACH ମାଧ୍ୟମରେ ପ୍ରିମିୟମ୍ ଦେୟ ପ୍ରଦାନ କରିବାର ସୁବିଧା
- ଋଣ ପ୍ରଦାନ ତଥା ଅବଧି ଓ ପ୍ରକାର ପରିବର୍ତ୍ତନ ବ୍ୟବସ୍ଥା

BHIM UPI
PhonePe G Pay
Paytm SBI Unipay
ମାଧ୍ୟମରେ କ୍ଷଣକରେ ନିଜର ପ୍ରିମିୟମ ଜମା କରିବାର ସୁବିଧା

#InsuranceHoTohPostalHo

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଡାକଘର ସହିତ ଯୋଗାଯୋଗ କରନ୍ତୁ
ୱେବ୍ ସାଇଟ୍: www.indiapost.gov.in
ଟେଲିଫୋନ: ୦୬୭୪-୨୩୯୫୧୯୩ / ଟୋଲ୍ ଫ୍ରି: ୧୮୦୦ ୨୬୬ ୬୮୬୮

ସୌଜନ୍ୟ: ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ, ଓଡ଼ିଶା ପରିମଣ୍ଡଳ, ଭୁବନେଶ୍ୱର- ୭୫୧୦୦୧

## ବାଂଲା ପ୍ରଧାନମନ୍ତ୍ରୀ ତାରିକ୍ ରହମାନ୍‌ଙ୍କ ପ୍ରଥମ ଭାରତ ଗସ୍ତ ଆସନ୍ତା ସପ୍ତାହରେ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବାଂଲାଦେଶରେ କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ତାରିକ୍ ରହମାନ୍ ଆସନ୍ତା ସପ୍ତାହରେ ନିଜର ପ୍ରଥମ ଭାରତ ଗସ୍ତରେ ଆସିବେ। ଦୁଇ ଦିନିଆ ଏହି ଦ୍ୱିପାକ୍ଷିକ ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଏହି ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟ, ଆଞ୍ଚଳିକ ସୁରକ୍ଷା, ଜଳ ବଣ୍ଟନ, ଶକ୍ତି କ୍ଷେତ୍ରରେ ସହଯୋଗ ଓ ସୀମା ପରିଚାଳନା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚର୍ଚ୍ଚା ହେବାର ସମ୍ଭାବନା ରହିଛି। ବିଶେଷ କରି ୧୯୯୬ ମସିହାର ଗଙ୍ଗା ଜଳ ବଣ୍ଟନ ଚୁକ୍ତିର ଅବଧି ଚଳିତ ବର୍ଷ ଡିସେମ୍ବରରେ ଶେଷ ହେବାକୁ ଯାଉଥିବାରୁ ଏହାର ନବୀକରଣ ପ୍ରସଙ୍ଗ ପ୍ରମୁଖ ସ୍ଥାନ ଗ୍ରହଣ କରିବ। ଏହାବ୍ୟତୀତ ଶେଖ୍ ହସିନାଙ୍କ ପ୍ରତ୍ୟାର୍ପଣ ଦାବିକୁ ନେଇ ସୃଷ୍ଟ ତିକ୍ତତା ମଧ୍ୟରେ ଏହି ଶୀର୍ଷସ୍ତରୀୟ ବୈଠକ ଦୁଇ ଦେଶର ସମ୍ପର୍କକୁ ପୁନଃ ସ୍ୱାଭାବିକ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହେବ।

## ଆର୍‌ଜି କର ମାମଲା: ପୂର୍ବତନ ଟିଏମ୍‌ସି ବିଧାୟକ ନିର୍ମଳ ଘୋଷଙ୍କୁ ଆକ୍ରମଣ, ଚପଲ, ଅଣ୍ଡା ମାଡ଼

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ପୀଡ଼ିତାଙ୍କ ଶବଦାହ ତରବରିଆ ଭାବେ କରିବା ଅଭିଯୋଗରେ ଗିରଫ ହୋଇଥିବା ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ନିର୍ମଳ ଘୋଷଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିଛନ୍ତି। ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାସ୍ଥିତ ଖରଦହ ଥାନା ବାହାରେ ପୁଲିସ ସୁରକ୍ଷା ବଳୟ ଭାଙ୍ଗି ଉତ୍ତ୍ୟକ୍ତ ଜନତା ତାଙ୍କ ଉପରକୁ ଚପଲ, ଅଣ୍ଡା ଓ କାଦୁଅ ମାଡ଼ କରିଛନ୍ତି। ନିର୍ମଳଙ୍କୁ କୋର୍ଟରେ ହାଜର କରିବା ପାଇଁ ନିଆଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ପୁଲିସ ରାପିଡ୍ ଆକ୍ସନ୍ ଫୋର୍ସ କର୍ମଚାରୀମାନେ ତାଙ୍କୁ ସୁରକ୍ଷା ଦେବା ପାଇଁ ହେଲମେଟ୍ ପିନ୍ଧାଇ ଗାଡ଼ି ନିକଟକୁ ନେଇଥିଲେ। ବାରାକପୁର କୋର୍ଟ ପରିସରରେ ମଧ୍ୟ ଲୋକମାନେ ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ମାମଲାରେ ପୀଡ଼ିତାଙ୍କ ପିତାଙ୍କ ନୂତନ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ନିର୍ମଳ ଘୋଷ ଏବଂ ତାଙ୍କ ସହଯୋଗୀ ସଞ୍ଜୀବ ମୁଖାର୍ଜୀ ତରବରିଆ ଭାବେ ଶବଦାହ କରାଇଥିବା ଅଭିଯୋଗ ହୋଇଛି।

## ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଆସିବେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ୍

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ସାମରିକ ଓ କୂଟନୈତିକ ଉତ୍ତେଜନା ମଧ୍ୟରେ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ସେପ୍ଟେମ୍ବର ମାସରେ ଭାରତ ଗସ୍ତ କରିବେ। ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ସେ ଯୋଗଦେବେ ବୋଲି ଇରାନ ସୂତ୍ରରୁ ପ୍ରକାଶ ପାଇଛି। ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ଇରାନ ଆଶାପ୍ରକଟ କରିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ସାମରିକ ପନ୍ଥା ନୁହେଁ, ବରଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ। ଭାରତର କୂଟନୈତିକ ହସ୍ତକ୍ଷେପକୁ ଇରାନ ସ୍ୱାଗତ କରିବ। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବଂ ହର୍ମୁଜ୍ ପ୍ରଣାଳୀର ସୁରକ୍ଷା ନେଇ ମଧ୍ୟ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ହୋଇଛି। ୨୦୨୪ରେ ଇରାନ ବ୍ରିକ୍ସର ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା।

## ସ୍ୱାମୀଙ୍କ ବନ୍ଧୁକରୁ ଗୁଳିକରି ମହିଳାଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଉତ୍ତର ପ୍ରଦେଶର ସାହାରନପୁର ଜିଲ୍ଲାରେ ଜଣେ କନଷ୍ଟେବଲଙ୍କ ସ୍ତ୍ରୀ ସ୍ୱାମୀଙ୍କ ସରକାରୀ ବନ୍ଧୁକରୁ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଥିବା ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସଦର ବଜାର ଥାନା ଅନ୍ତର୍ଗତ ହକିକତ ନଗର ଅଞ୍ଚଳରେ କନଷ୍ଟେବଳ ଟିଙ୍କୁ ସିଂହ ନିଜ ପରିବାର ସହ ଭଡ଼ା ଘରେ ରହୁଥିଲେ। ସ୍ୱାମୀ ଗାଧୋଉଥିବା ସମୟରେ ତାଙ୍କ ୩୨ ବର୍ଷୀୟା ସ୍ତ୍ରୀ ସବିତା ସରକାରୀ ବନ୍ଧୁକରୁ ନିଜ ବେକକୁ ଗୁଳି ମାରିଥିଲେ। ଗୁଳି ଶବ୍ଦ ଶୁଣି ପଡ଼ୋଶୀମାନେ ରୁଣ୍ଡ ହୋଇଥିଲେ ମଧ୍ୟ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ଖବର ପାଇ ସାହାରନପୁର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଅଭିନନ୍ଦନ ସିଂହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିବାରିକ କଳହ କିମ୍ବା ମାନସିକ ତ୍ରାସ ଭଳି ସମସ୍ତ ସମ୍ଭାବ୍ୟ କାରଣକୁ ନେଇ ପୁଲିସ ସ୍ୱାମୀ, ପଡ଼ୋଶୀ ଓ ଘରମାଲିକଙ୍କୁ ପଚରାଉଚରା ଜାରି ରଖିଛି।

### ବିକଶିତ ଭାରତ ୨୦୪୭ ପାଇଁ ରାଷ୍ଟ୍ରପତିଙ୍କ ଆହ୍ୱାନ

# ସନ୍ତ୍ରାସବାଦ ବିରୋଧୀ ପଦକ୍ଷେପ ଓ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଭାରତର ୮୦ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଭାରତ ଭାବେ ଗଢ଼ିତୋଳିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଦେଶ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ବେଳେ ସେ ଜାତୀୟ ସୁରକ୍ଷା, ଅର୍ଥନୀତି ଏବଂ ସାମାଜିକ ନ୍ୟାୟକ୍ଷେତ୍ରରେ ସରକାରଙ୍କ ପ୍ରାଥମିକତା ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶ ବିରୋଧରେ ସିନ୍ଧୁ ଜଳ ଚୁକ୍ତିର ସ୍ଥଗିତାଦେଶକୁ ଏକ ନିର୍ଣ୍ଣାୟକ ଓ ସାହସିକ ପଦକ୍ଷେପ ଭାବେ ବର୍ଣ୍ଣନା କରିଥିଲେ। ଏହି ନିଷ୍ପତ୍ତି ବିଶେଷ କରି ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଆଯାଇଥିବା ସେ କହିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିମାନେ ଯେଉଁଠି ଲୁଚିଲେ ମଧ୍ୟ ସେମାନଙ୍କୁ କଠୋର ପରିଣାମ ଭୋଗିବାକୁ ପଡ଼ିବ। 'ଅପରେସନ ସିନ୍ଦୂର' ଭାରତୀୟ ସଶସ୍ତ୍ର ବାହିନୀର ଶତ୍ରୁ ଉପରେ ସଠିକ ଆକ୍ରମଣ କରିବାର କ୍ଷମତାର ପ୍ରମାଣ ବୋଲି ସେ ପ୍ରକାଶ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ସାମରିକ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର କର୍ମଚାରୀଙ୍କ ପାଇଁ ୭୮ଟି ବୀରତ୍ୱ ପୁରସ୍କାର ମଧ୍ୟ ଅନୁମୋଦନ କରିଛନ୍ତି। ବିଶ୍ୱସ୍ତରୀୟ ଅସ୍ଥିରତା ଏବଂ ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୀତି ବିଶ୍ୱର ହାରାହାରି ଅଭିବୃଦ୍ଧି ହାରଠାରୁ ୨ ଗୁଣ ଅଧିକ ବେଗରେ ବୃଦ୍ଧି ପାଉଛି। ଗତ ଏକ ଦଶନ୍ଧିରେ ଦେଶର ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି। ଏହା ବ୍ୟତୀତ ଜନ ଧନ ଯୋଜନା ଅଧୀନରେ ୫୯ କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇଛି। ସେମାନଙ୍କ ମଧ୍ୟରେ ୩୨ କୋଟିରୁ ଅଧିକ ମହିଳା ରହିଛନ୍ତି। ୮୦ କୋଟି ହିତାଧିକାରୀଙ୍କୁ ମାଗଣା ରାସନ ଜରିଆରେ ଖାଦ୍ୟ ସୁରକ୍ଷା ନିଶ୍ଚିତ କରାଯାଉଛି। ଆୟୁଷ୍ମାନ ଭାରତ ଯୋଜନାରେ ୭୦ କୋଟି ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଦେଶକୁ ନକ୍ସଲମୁକ୍ତ କରିବାକୁ ରାଷ୍ଟ୍ରପତି ଏକ ବଡ଼ ସଫଳତା ଭାବେ ଦର୍ଶାଇଛନ୍ତି। ବିଶେଷକରି ବସ୍ତର ଭଳି ଅଞ୍ଚଳରେ ଦ୍ରୁତ ବିକାଶ ଓ ସାଂସ୍କୃତିକ ପରିବର୍ତ୍ତନ ହେଉଥିବା ସେ ଉଲ୍ଲେଖ କରିଛନ୍ତି। ନ୍ୟାୟିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ, ସମ୍ବଳ ଅଭାବରୁ କେହି ନ୍ୟାୟରୁ ବଞ୍ଚିତ ନ ହେବା ନ୍ୟାୟିକ ଅଧିକାରୀମାନେ ସୁନିଶ୍ଚିତ କରିବା ଉଚିତ୍। ଭାରତ ଆଜି ବିଶ୍ୱର ଡିଜିଟାଲ କାରବାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିଶ୍ୱର ଅଧାରୁ ଅଧିକ ରିଅଲ-ଟାଇମ ଡିଜିଟାଲ କାରବାର କେବଳ ଭାରତରେ ହେଉଛି। ଏହି ଅବସରରେ ରାଷ୍ଟ୍ରପତି ଯୁବପିଢ଼ିଙ୍କୁ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ଭାବେ ବର୍ଣ୍ଣନା କରିଥିଲେ। ଏଥିସହ ପରୀକ୍ଷା ପରିଚାଳନାରେ ସଂସ୍କାର ନିମନ୍ତେ ସରକାରଙ୍କ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଏଥିସହିତ ସେ ଦେଶରେ ଖେଲୋ ଇଣ୍ଡିଆର ସକରାତ୍ମକ ଦିଗ ବିଷୟରେ ଆଲୋକପାତ କରିଥିଲେ। ଲକ୍ଷପତି ଦିଦି, ମାଁ ପାଇଁ ଗଛଟିଏ ଭଳି ଲୋକାଭିମୁଖୀ ପଦକ୍ଷେପର ସେ ପ୍ରଶଂସା କରିଥିଲେ। ଅଭିଭାଷଣର ଶେଷରେ ରାଷ୍ଟ୍ରପତି ଆଜିର ଦିନକୁ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଭାବେ ମନେ ପକାଇଥିଲେ। ସେ ଦେଶର ଅଖଣ୍ଡତା ତଥା ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିବାକୁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରିଛନ୍ତି।

## ବିଦେଶରେ ଆକ୍ରମଣ: ୫ ବର୍ଷରେ ୭ ଗୁଣ ବୃଦ୍ଧି ପାଇଲା ଭାରତୀୟଙ୍କ ଉପରେ ହିଂସା

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବିଦେଶରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ଉପରେ ଆକ୍ରମଣ ଘଟଣା ପ୍ରାୟ ୭ ଗୁଣ ବୃଦ୍ଧି ପାଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ରାଜ୍ୟସଭାରେ ପ୍ରକାଶ କରିଛି। ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୨୧ରେ ୧୫ଟି ଆକ୍ରମଣ ମାମଲା ସାମ୍ନାକୁ ଆସିଥିବା ବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୧୦୪ରେ ପହଞ୍ଚିଛି। ୨୦୨୧ରୁ ୨୦୨୫ ମଧ୍ୟରେ ସମୁଦାୟ ୩୦୨ଟି ହିଂସାକାଣ୍ଡ ଘଟିଛି। ସର୍ବାଧିକ ଆକ୍ରମଣ ମାମଲା ଆମେରିକା (୩୩), ୟୁଏଇ (୩୨), ବ୍ରିଟେନ୍ (୩୧), କାନାଡ଼ା (୩୦), ଆୟରଲାଣ୍ଡ (୨୪), ରୁଷ (୨୩) ଏବଂ ଜର୍ମାନୀ (୧୯) ଭଳି ଦେଶଗୁଡ଼ିକରେ ରେକର୍ଡ କରାଯାଇଛି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ ବିଦେଶରେ ଭାରତୀୟ ନାଗରିକଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା। ଭାରତୀୟ ଦୂତାବାସଗୁଡ଼ିକ ଏହିପରି ଘଟଣା ଉପରେ ନଜର ରଖିଛନ୍ତି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଦେଶର ପ୍ରଶାସନ ସହ ଆଲୋଚନା କରୁଛନ୍ତି।

● ରାସ୍ତାରେ ଚନ୍ଦ୍ର ଓ ମଙ୍ଗଳର ଗର୍ତ୍ତ!

## ମହାକାଶଚାରୀ ବେଶରେ ଶତାଧିକ ଲୋକଙ୍କ ଅଭିନବ ପ୍ରତିବାଦ

ଜୟପୁର, ୧୪।୮ (ଏଜେନ୍ସି): ବିନା ମହାକାଶ ଯାତ୍ରାରେ ଚନ୍ଦ୍ରପୃଷ୍ଠର ଅନୁଭୂତି! ରାଜସ୍ଥାନର ଜୟପୁରସ୍ଥିତ ଝୋଟୱାଡ଼ା ଅଞ୍ଚଳରେ ଖରାପ ରାସ୍ତା ଓ ବଡ଼ ବଡ଼ ଖାଲଖମାକୁ ନେଇ ସ୍ଥାନୀୟ ଅଧିବାସୀମାନେ ଏକ ଅଭିନବ ପ୍ରତିବାଦ କରିଛନ୍ତି। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ରାସ୍ତାରେ ଥିବା ପାଣିପୂର୍ଣ୍ଣ ଖାଲଗୁଡ଼ିକୁ ଚନ୍ଦ୍ରପୃଷ୍ଠର ଗାତ (କ୍ରେଟର) ସହ ତୁଳନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଝୋଟୱାଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋକୁଳପୁରାର ପ୍ରତାପ ସର୍କଲ ରାସ୍ତାରେ ଗୁରୁବାର ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ଏହି ପ୍ରଦର୍ଶନ ଚାଲିଥିଲା। ପ୍ରତିବାଦକାରୀଙ୍କ ମଧ୍ୟରୁ ଦୁଇଜଣ ଜଣ ମହାକାଶଚାରୀ ପୋଷାକ ପିନ୍ଧି ରାସ୍ତାରେ ଜମିଥିବା ବର୍ଷା ପାଣି ଓ ବଡ଼ ବଡ଼ ଖାଲ ମଧ୍ୟରେ ଚାଲିଥିଲେ। ଏହା ସହିତ ଏକ ନକଲି ରକେଟ୍ ମଧ୍ୟ ରଖାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ଦ୍ୱାରା ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଧାୟକ ତଥା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂହ ରାଠୋର, ସାଂସଦ ରାଓ ରାଜେନ୍ଦ୍ର ସିଂହ ଏବଂ ଜୟପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଗତ ତିନି ମାସ ହେଲା ଚେଷ୍ଟା କରି ନିରାଶ ହେବା ପରେ ସେମାନେ ଏହି ବ୍ୟଙ୍ଗାତ୍ମକ ପ୍ରତିବାଦର ପନ୍ଥା ଆପଣେଇଛନ୍ତି। ସମସ୍ୟାର ଗାମ୍ଭୀର୍ଯ୍ୟକୁ ଦର୍ଶାଇ ପ୍ରତିବାଦକାରୀମାନେ କହିଛନ୍ତି ଯେ ଖାଲଗୁଡ଼ିକ ଚନ୍ଦ୍ର ଓ ମଙ୍ଗଳ ଗ୍ରହର ଗାତ ପରି ଦେଖାଯାଉଥିବାରୁ ମହାକାଶ ଯାତ୍ରା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ। ଅପରପକ୍ଷରେ, ସମ୍ପୃକ୍ତ ଅଞ୍ଚଳରେ ଡ୍ରେନେଜ୍ ଓ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଛି ଏବଂ ମୌସୁମୀ ବର୍ଷା ଶେଷ ହେବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ସାବରକରଙ୍କୁ ଅସମ୍ମାନ ମାମଲା ରଦ୍ଦ କଲେ ସୁପ୍ରିମକୋର୍ଟ


ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତି


ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଚାଲିଥିବା ଅପରାଧିକ ଅବମାନନା ମାମଲାକୁ ଶୁକ୍ରବାର ସୁପ୍ରିମ୍ କୋର୍ଟ ରଦ୍ଦ କରିଛନ୍ତି। ନିମ୍ନ ଅଦାଲତ ପକ୍ଷରୁ ଜାରି ହୋଇଥିବା ସମନ୍‌କୁ ଖାରଜ କରି ସୁପ୍ରିମକୋର୍ଟ ଲୋକସଭାର ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏହି ଅଭିଯୋଗ ପାଇଁ ଆବଶ୍ୟକୀୟ ଆଇନଗତ ମଞ୍ଜୁରି ନିଆଯାଇ ନଥିଲା। ଉତ୍ତର ପ୍ରଦେଶ ସରକାର ଏବଂ ଅଭିଯୋଗକାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ମଧ୍ୟ ମଞ୍ଜୁରି ଅଭାବର ସ୍ପଷ୍ଟ ସୂଚନା ମିଳିବା ପରେ କୋର୍ଟ ନିମ୍ନ ଅଦାଲତର ସମସ୍ତ ନିର୍ଦ୍ଦେଶ ଓ ଅଭିଯୋଗକୁ ପ୍ରତ୍ୟାହାର କରିନେଇଛନ୍ତି। ସୂଚନାଯୋଗ୍ୟ, ଏହି ବିବାଦୀୟ ମାମଲାଟି ୨୦୨୨ ନଭେମ୍ବର ୧୭ ତାରିଖର ଅଟେ। ମହାରାଷ୍ଟ୍ରର ଅକୋଲା ଜିଲ୍ଲାରେ 'ଭାରତ ଯୋଡ଼ ଯାତ୍ରା' ସମୟରେ ଏକ ସମାବେଶକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ ସାବରକରଙ୍କ ସମ୍ପର୍କରେ କେତେକ ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ଦ୍ୱାରା ସାବରକରଙ୍କୁ ଯୋଜନାବଦ୍ଧ ଭାବେ ଅପମାନିତ କରାଯାଇଛି ବୋଲି ଅଭିଯୋଗ କରି ଆଇନଜୀବୀ ନୃପେନ୍ଦ୍ର ପାଣ୍ଡେ ଏକ ଅପରାଧିକ ମାମଲା ଦାୟର କରିଥିଲେ। ଏହି ମାମଲାରେ ନିମ୍ନ ଅଦାଲତ ରାହୁଲଙ୍କୁ ହାଜର ହେବା ପାଇଁ ସମନ୍ ଜାରି କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ୨୦୨୫ ଏପ୍ରିଲ୍ ୪ରେ ଲକ୍ଷ୍ନୌ ଖଣ୍ଡପୀଠ ଏଥିରେ ହସ୍ତକ୍ଷେପ ନକରି ସେସନ୍ସ କୋର୍ଟକୁ ଯିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ନିଷ୍ପତ୍ତିକୁ ସୁପ୍ରିମ୍ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶ ପରେ ରାହୁଲଙ୍କ ବିରୋଧରେ ଚାଲିଥିବା ଏକ ପ୍ରମୁଖ ଆଇନଗତ ବିବାଦର ଅନ୍ତ ଘଟିଛି।

## ଜାପାନରେ ଗୋଟିଏ ଘଣ୍ଟାରେ ମାସକର ବର୍ଷା

ଟୋକିଓ, ୧୪।୮ (ଏଜେନ୍ସି): ଜାପାନ ରାଜଧାନୀ ଟୋକିଓ ନିକଟସ୍ଥ ଚିବା ପ୍ରଦେଶରେ ଗୁରୁବାର ରାତିରେ ମାତ୍ର ଗୋଟିଏ ଘଣ୍ଟାରେ ୧୧୫ ମିଲିମିଟର ବର୍ଷା ହୋଇଛି, ଯାହା ସାଧାରଣତଃ ସମ୍ପୂର୍ଣ୍ଣ ଅଗଷ୍ଟ ମାସରେ ହୋଇଥାଏ। ଏହି ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଏପର୍ଯ୍ୟନ୍ତ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ନାରିତା ବିମାନବନ୍ଦରରେ ୭ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ରାତିସାରା ଫସି ରହିଛନ୍ତି। ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ଏହି ଅଞ୍ଚଳରେ ସର୍ବୋଚ୍ଚ 'ଲେଭଲ-୫' ବିପଦ ସଙ୍କେତ ଜାରି କରାଯାଇଛି। ବର୍ଷା ଯୋଗୁଁ ୪୫,୦୦୦ରୁ ଅଧିକ ଘରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି ଏବଂ ୪ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେନାବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବନ୍ୟା ପାଣିରେ ଗାଡ଼ି ଫସିଯିବା ଓ ରାସ୍ତାରେ ପାଣି ଜମିବା କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି। ଚିବା ପ୍ରଦେଶର ରାଜ୍ୟପାଳ ତୋଷିହିତୋ କୁମାଗାଇ ଏହାକୁ ଐତିହାସିକ ଓ ଅତ୍ୟନ୍ତ ଭୟାନକ ପରିସ୍ଥିତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଜୀବନରେ ସେ କେବେ ଏପରି ବିପର୍ଯ୍ୟୟ ଦେଖିନଥିଲେ। ଗତ ୧୫ ଦିନ ମଧ୍ୟରେ ଜାପାନରେ 'ଡଲଫିନ୍', 'ଚାନ-ହୋମ୍' ଓ 'ପିଲୋ' ନାମକ ତିନୋଟି ବଡ଼ ସାମୁଦ୍ରିକ ଝଡ଼ ଆସିବା ଫଳରେ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବ ଦେଖିବାକୁ ମିଳିଛି। ଶୁକ୍ରବାର ବର୍ଷାର ପରିମାଣ କମିଥିଲେ ହେଁ ବନ୍ୟା ଓ ଭୂସ୍ଖଳନର ବିପଦ ଏବେ ବି ଟଳିନାହିଁ। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ଅନୁରୋଧ କରାଯାଇଛି।

- ୪ ମୃତ, ବିମାନବନ୍ଦରରେ ୭ ହଜାର ଯାତ୍ରୀ ଫସିଲେ
- ପ୍ରଥମ ଥର ପାଇଁ ସର୍ବୋଚ୍ଚ ସତର୍କସୂଚନା ଜାରି

## ଭାରତକୁ ପୁଣି ପାକ୍ ପ୍ରଧାନମନ୍ତ୍ରୀଙ୍କ ଧମକ



ଇସଲାମାବାଦ, ୧୪।୮ (ଏଜେନ୍ସି): ୧୯୬୦ ମସିହାର ସିନ୍ଧୁ ନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ଭାରତ ସ୍ଥଗିତ ରଖିବା ନିଷ୍ପତ୍ତିକୁ ନେଇ ପାକିସ୍ତାନ ପୁଣି ଥରେ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରିଛି। ଇସଲାମାବାଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭାରତକୁ ଚେତାବନୀ ଦେଇ କହିଛନ୍ତି ଯେ ପାକିସ୍ତାନର ପ୍ରତ୍ୟେକ ଟୋପା ଜଳ ସେମାନଙ୍କ ପାଇଁ ଜୀବନ ରେଖା ବା 'ଲାଲ୍ ରେଖା' (ରେଡ୍ ଲାଇନ୍) ଏବଂ ଜଳ ଅଧିକାରରେ କୌଣସି ଆଞ୍ଚ ଆସିଲେ ଏହାର ପ୍ରତ୍ୟକ୍ଷ ଜବାବ ଦିଆଯିବ। ଶେହବାଜ ଶରିଫ ନିଜ ଦେଶକୁ ଶାନ୍ତିର ପକ୍ଷଧର ଭାବେ ଦର୍ଶାଇବା ସହ ଏହି ଶାନ୍ତି କାମନାକୁ ଦୁର୍ବଳତା ନ ଭାବିବାକୁ କହିଛନ୍ତି। ଭାରତ ଏକପାଖିଆ ଓ ବେଆଇନ ଭାବେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖି ଶାନ୍ତିର ଶତ୍ରୁ ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୫ ଏପ୍ରିଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ। ଏହି ପାକିସ୍ତାନ ପ୍ରଯୋଜିତ ଆତଙ୍କବାଦୀ ଆକ୍ରମଣର ପ୍ରତିଜବାବରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଚୁକ୍ତି ସ୍ଥଗିତ ହେବା ପରଠାରୁ ଭାରତ ସିନ୍ଧୁ, ଜେଲମ ଓ ଚେନାବ ନଦୀର ଜଳସ୍ତର ସମ୍ପର୍କିତ ତଥ୍ୟ ପାକିସ୍ତାନକୁ ଦେବା ବନ୍ଦ କରିଦେଇଛି। ଏହି ତଥ୍ୟ ବର୍ଷା ସମୟରେ ବନ୍ୟା ସୂଚନା ପାଇଁ ପାକିସ୍ତାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

● ଫୁକେଟ୍-ଦିଲ୍ଲୀ ବିମାନ ଦୁର୍ଘଟଣା

## ହାଇଡ୍ରୋଲିକ୍ ସିଷ୍ଟମ୍ ଫେଲ୍ ହେବାରୁ ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣ ହରାଇଥିଲେ ପାଇଲଟ୍


ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ ଗତ ଅଗଷ୍ଟ ୪ ତାରିଖରେ ଆକାଶମାର୍ଗରେ ହଠାତ୍ ୩୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହି ଘଟଣାରେ ଏୟାରବସ୍‌ର ପ୍ରାରମ୍ଭିକ ତଦନ୍ତରୁ ପ୍ରକାଶ ଯେ, ବିମାନର ତିନୋଟିଯାକ ହାଇଡ୍ରୋଲିକ୍ ସିଷ୍ଟମ୍ ଏକାସଙ୍ଗରେ ଅଚଳ ହୋଇଯିବାରୁ ପାଇଲଟ୍ ପ୍ରାୟ ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣ ହରାଇଥିଲେ। ଏହି ଦୁର୍ଘଟଣାରେ ୨୪ ଜଣ ଯାତ୍ରୀ ଓ ବିମାନ କର୍ମଚାରୀ ଆହତ ହୋଇଥିଲେ। ହାଇଡ୍ରୋଲିକ୍ ସିଷ୍ଟମ୍ ବନ୍ଦ ହେବା ସହ ଅଟୋପାଇଲଟ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା, ଯାହାଫଳରେ ପାଇଲଟ୍‌ଙ୍କ ନିୟନ୍ତ୍ରଣ କାମ କରିନଥିଲା। ତେବେ କିଛି ସେକେଣ୍ଡ ପରେ ସିଷ୍ଟମ୍ ପୁଣି ସକ୍ରିୟ ହେବାରୁ ପାଇଲଟ୍ ବିମାନକୁ ନିୟନ୍ତ୍ରଣକୁ ଆଣି ଦିଲ୍ଲୀରେ ସୁରକ୍ଷିତ ଅବତରଣ କରାଇଥିଲେ। ଅନ୍ୟପଟେ ତଦନ୍ତରୁ ଜଣାପଡ଼ିଛି ଯେ, ବିମାନର ଜଣେ ପାଇଲଟ୍ ଗଞ୍ଜେଇ ସେବନ କରିଥିଲେ। ଏହି ଘଟଣା ପରେ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ନିଜର ସମସ୍ତ ୫, ୦୦୦ରୁ ଊର୍ଦ୍ଧ୍ୱ ପାଇଲଟ୍‌ଙ୍କ ପାଇଁ ନିୟମିତ ନିଶାଦ୍ରବ୍ୟ ଯାଞ୍ଚ ବାଧ୍ୟତାମୂଳକ କରିଛନ୍ତି।

## ୧୩, ୦୦୦ କୋଟିର ଡ୍ରଗ୍ସ କାରବାର: ବୀରେନ୍ଦ୍ର ବସୋୟା ଦୁବାଇରୁ ପ୍ରତ୍ୟାର୍ପିତ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ୧୩,୦୦୦ କୋଟି ଟଙ୍କାର ବୃହତ୍ ଡ୍ରଗ୍ସ କାରବାରର ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ସିଂହ ବସୋୟାଙ୍କୁ ଦୁବାଇରୁ ଭାରତ ଆଣିବାରେ ସଫଳ ହୋଇଛି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)। ଅନ୍ତର୍ଜାତୀୟ ପୁଲିସ ସଂସ୍ଥାର ରେଡ୍ ନୋଟିସ୍ ଆଧାରରେ ତାଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସରେ ଗିରଫ କରାଯାଇଥିଲା। ବସୋୟା ୨୦୨୩ରୁ ଦେଶଛାଡ଼ି ଫେରାର୍ ଥିଲେ ଏବଂ ବିଦେଶରେ ରହି ଏହି ଅନ୍ତର୍ଜାତୀୟ ଡ୍ରଗ୍ସ ଗ୍ୟାଙ୍ଗର ପରିଚାଳନା କରୁଥିଲେ। ୨୦୨୪ରେ ଦିଲ୍ଲୀ, ପଞ୍ଜାବ ଓ ଗୁଜରାଟର ଅଙ୍କଲେଶ୍ୱର ସ୍ଥିତ ଔଷଧ କାରଖାନାରୁ ବିପୁଳ ପରିମାଣର କୋକେନ୍, ମେଫେଡ୍ରୋନ୍ ଓ ଗଞ୍ଜେଇ ଜବତ କରାଯାଇଥିଲା। ସମୁଦାୟ ୧,୨୮୯ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବିପୁଳ ନିଶାଦ୍ରବ୍ୟ ଜବତ ହେବା ସହ ଏହି ମାମଲାରେ ୧୪ ଜଣଙ୍କୁ ଗିରଫ କରାଯାଇଥିଲା। ବିଦେଶରୁ ସମୁଦ୍ର ଓ ବିମାନ ପଥରେ ଆସୁଥିବା ଏହି ନିଶାଦ୍ରବ୍ୟକୁ ଔଷଧ ଓ ଖାଦ୍ୟ ସାମଗ୍ରୀର ପ୍ୟାକେଟ୍‌ରେ ଲୁଚାଇ ବିଭିନ୍ନ ସହରକୁ ପଠାଯାଉଥିଲା। ଏହି ବେଆଇନ କାରବାରରେ ବସୋୟାଙ୍କ ପୁଅ ଓ ଭାଇ ମଧ୍ୟ ସାମିଲ ଥିବା ଜଣାପଡ଼ିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ସଫଳତାକୁ ନିଶାଦ୍ରବ୍ୟ ବିରୋଧରେ ଜାତୀୟ ନୀତିର ଏକ ବଡ଼ ବିଜୟ ବୋଲି କହିଛନ୍ତି। ବିଦେଶରେ ଲୁଚି ରହିଥିବା ଅପରାଧୀମାନଙ୍କୁ ଆଇନର ପରିସରଭୁକ୍ତ କରିବା ପାଇଁ ଭାରତୀୟ ସଂସ୍ଥାଗୁଡ଼ିକର ଏହା ଏକ ପ୍ରଶଂସନୀୟ ପଦକ୍ଷେପ।

### ନାଲ୍‌ସାର୍ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ବାର୍ କାଉନସିଲକୁ ସମାଲୋଚନା କଲେ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ହାଇଦରାବାଦ ସ୍ଥିତ ନାଲସାର୍ ଆଇନ୍ ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଓକିଲାତି ପଞ୍ଜୀକରଣ ଉପରେ କଟକଣା ଲଗାଯାଇଛି। ଏନେଇ ଭାରତୀୟ ବାର୍ କାଉନ୍ସିଲକୁ (ଆଇବିସି) କଡ଼ା ଭାଷାରେ ସମାଲୋଚନା କରିଛନ୍ତି ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ। ବାର୍ କାଉନସିଲର ଏହି ଆଦେଶକୁ 'ସମ୍ପୂର୍ଣ୍ଣ ଅନାବଶ୍ୟକ' ବୋଲି ଦର୍ଶାଇ, ଛାତ୍ର କିମ୍ବା ଅଧ୍ୟାପକଙ୍କ ବିରୋଧରେ କୌଣସି ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ନାଲସାର୍‌ର ୨୦୨୬ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯିବା ନିଷ୍ପତ୍ତିକୁ ପ୍ରାୟ ୪୫୦ରୁ ଅଧିକ ଛାତ୍ରଛାତ୍ରୀ ବିରୋଧ କରିଥିଲେ। ଏହି ପ୍ରତିବାଦ ପରେ ଭାରତୀୟ ବାର୍ କାଉନ୍ସିଲ୍‌ର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ନେତୃତ୍ୱରେ କାଉନ୍ସିଲ ସମସ୍ତ ରାଜ୍ୟ ବାର୍ କାଉନ୍ସିଲ୍‌ଗୁଡ଼ିକୁ ନାଲସାର୍‌ର ୨୦୨୬ ବ୍ୟାଚ୍‌ର ସ୍ନାତକମାନଙ୍କୁ ଆଇନଜୀବୀ ଭାବେ ପଞ୍ଜୀକରଣ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବାର୍ କାଉନ୍ସିଲ କିଛି ଘଣ୍ଟା ମଧ୍ୟରେ ନିଜ ନିଷ୍ପତ୍ତି ବଦଳାଇ ଏହି ଆଦେଶକୁ ପ୍ରତ୍ୟାହାର କରିନେଇଥିଲା। ଏହି ପ୍ରସଙ୍ଗକୁ ନେଇ ଦାୟର ହୋଇଥିବା ଜରୁରୀ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବାର୍ କାଉନ୍ସିଲର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟ ବିଚାରପତି ମୌଖିକ ଭାବେ କହିଛନ୍ତି ଯେ, 'ଛାତ୍ରଛାତ୍ରୀଙ୍କର ପ୍ରତିବାଦ କରିବାର ଅଧିକାର ରହିଛି। ଏହା ମୋ ଏବଂ ଛାତ୍ରମାନଙ୍କ ମଧ୍ୟରେ ଏକ ଆଲୋଚନା। ଏଥିରେ ବାର୍ କାଉନ୍ସିଲର ଭୂମିକା କ'ଣ ସେମାନେ ଅନାବଶ୍ୟକ ଭାବେ ହସ୍ତକ୍ଷେପ କରୁଛନ୍ତି।'

### 'କକ୍ରୋଚ୍' ମନ୍ତବ୍ୟକୁ ନେଇ ସ୍ପଷ୍ଟୀକରଣ

ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ଦେଇଥିବା ମୌଖିକ ମନ୍ତବ୍ୟକୁ ବିକୃତ କରି ସୋସିଆଲ ମିଡିଆରେ ଭୁଲ୍ ଭାବେ ପ୍ରସାରିତ କରାଯାଇଛି ବୋଲି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ କହିଛନ୍ତି। ଦେଶର ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରିବା ପାଇଁ ଏକ ମନ୍ଦ ଉଦ୍ଦେଶ୍ୟ ରଖି ଏହି ମନ୍ତବ୍ୟକୁ ଅପବ୍ୟବହାର କରାଯାଇଥିବା ସେ ପ୍ରକାଶ କରିଛନ୍ତି। 'ଡିଡି ନିଉଜ୍'କୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରଧାନ ବିଚାରପତି କହିଛନ୍ତି ଯେ କୋର୍ଟ କାର୍ଯ୍ୟାନୁଷ୍ଠାନର ଛୋଟ ଛୋଟ ଭିଡିଓ କ୍ଲିପ୍‌କୁ ବିନା ସମ୍ପୂର୍ଣ୍ଣ ପ୍ରସଙ୍ଗରେ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ସୂଚନାଯୋଗ୍ୟ, ଗତ ମେ ୧୫ରେ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜାଲ୍ ଡିଗ୍ରୀ ହାସଲ କରି ସୋସିଆଲ ମିଡିଆ ଓ ଆରଟିଆଇ ଆକ୍ଟିଭିଷ୍ଟ ସାଜିଥିବା କିଛି ବ୍ୟକ୍ତିଙ୍କୁ 'କକ୍ରୋଚ' ବା ଅସରପା ସହ ତୁଳନା କରିଥିଲେ।

### ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ

# ଚାରି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି



ଭୁବନେଶ୍ୱର, ୧୪।୮ (ସମିସ): ସାମ୍ପ୍ରତିକ ସମୟର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି ବିଜେଡି। ନବୀନ ନିବାସରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଛି। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ହାନି ସମୟରେ ବିଜେଡି ନିରବ ରହିପାରିବ ନାହିଁ ଏବଂ ଏହି ପ୍ରସଙ୍ଗରେ ସାରା ରାଜ୍ୟରେ ଜନ ଆନ୍ଦୋଳନ ସୃଷ୍ଟି କରିବାକୁ ନବୀନ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ପିଏସି ବୈଠକରେ ମୁଖ୍ୟତଃ ଚାଷୀ ପ୍ରସଙ୍ଗ, ଖଣି ବିଲ, ଶିକ୍ଷା ଅବ୍ୟବସ୍ଥା, ଏସ୍ଆଇଆର୍, ପଞ୍ଚାୟତ ନିର୍ବାଚନ ଓ ସାଂଗଠନିକ ବିଷୟରେ ଆଲୋଚନା ହୋଇଛି। ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ବ୍ୟବସ୍ଥାରେ ଭାଗ ଚାଷୀ ମାନେ ଯେପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେଥିରେ ସଭ୍ୟ ମାନେ ଉଦବେଗ ପ୍ରକାଶ କରିବା ସହ ଚାଷୀଙ୍କ ସ୍ୱାର୍ଥ ସହ ନ ଖେଳିବା ପାଇଁ ସରକାରଙ୍କୁ ସତର୍କ କରିଦେଇଛନ୍ତି। ଏହାସହିତ ନିକଟରେ ସଂସଦରେ ଗୃହୀତ ଏମଏମଡିଆର ବିଲ ଯୋଗୁ ଓଡିଶା ବ୍ୟାପକ କ୍ଷତି ସହିବ। ଏ ବିଷୟ ନେଇ ସଭ୍ୟ ମାନେ ଚିନ୍ତା ପ୍ରକଟ କରିଥିଲେ। ଓଡିଶାର ସ୍ୱାର୍ଥ ପାଇଁ ବିଜେଡି ଏଥିପାଇଁ ଆଇନ ଗତ ପଦକ୍ଷେପ ନେବା ସହ ରାସ୍ତାକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ହୋଇଛି। ଏହାସହିତ ଏସ୍ଆଇଆର୍‌ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ କମ୍ ଦିନରେ ଶେଷ ହେବ। ତେଣୁ ଯେପରି ଯୋଗ୍ୟ ଭୋଟର ତାଲିକାରୁ କେହି ବାଦ ନ ପଡିବେ ସେଥିପ୍ରତି ସଜାଗ ରହିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଏହା ସହତ ପଞ୍ଚାୟତ ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତି ସହ ବ୍ଲକ ଓ ପଞ୍ଚାୟତ ସ୍ତରୀୟ କମିଟି ଗଠନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଆଜି ସାରା ରାଜ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ପିଲାମାନଙ୍କୁ ସଂଶୋଧିତ ପୁସ୍ତକ ଯୋଗାଇବାରେ ବିଫଳ ହୋଇଥିବାରୁ ଏଥିପାଇଁ ଉତ୍ତରଦାୟିତ୍ୱ ଦାବି କରି ଆଗାମୀ ଦିନରେ ବିଜେଡି ତାର ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ନିକଟରେ ସଂସଦରେ ପାରିତ ହୋଇଥିବା ସଂଶୋଧିତ ଏମ୍ଏମ୍ଡିଆର୍ ଆକ୍ଟ ଦ୍ୱାରା ଓଡ଼ିଶା ବର୍ଷକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହରାଇବା ଆଶଙ୍କା ରହିଛି। ଏହା ସହ ରାଜ୍ୟର ଆର୍ଥିକ ସାର୍ବଭୌମତ୍ୱ ଉପରେ କେନ୍ଦ୍ର ସରକାର ଅଙ୍କୁଶ ଲଗାଇଛନ୍ତି । ରାଜ୍ୟ ସ୍ୱାର୍ଥ ବିରୋଧୀ ନୀତି ପ୍ରସ୍ତୁତ ବେଳେ ରାଜ୍ୟରୁ ନିର୍ବାଚିତ ୨୦ ବିଜେପି ସାଂସଦ କେବଳ ନିରବ ରହିନାହାନ୍ତି, ସଂସଦରେ ଏହାକୁ ସମର୍ଥନ କରିଛନ୍ତି। ଏହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ବୈଠକରେ ଆଲୋଚନା ହୋଇଛି। ଅନୁରୂପ ଭାବରେ ସ୍କୁଲ ପିଲାଙ୍କ ପଢ଼ା ବହିରେ ହଜାର ହଜାର ତ୍ରୁଟିବିଚ୍ୟୁତି ରାଜ୍ୟର ଭବିଷ୍ୟତକୁ ଶେଷ କରିବାକୁ ଉଦ୍ୟମ ବୋଲି ମନେ କରାଯାଉଛି। ସେହିପରି ଚାଷୀ ପଞ୍ଜିକରଣରେ ସୃଷ୍ଟି ହୋଇଥିବା ସମସ୍ୟା ରାଜ୍ୟର କୋଟିକୋଟି ଅନ୍ନଦାତାଙ୍କ ପେଟରେ ଲାତ ପରି ହୋଇଛି। କ୍ରମବର୍ଦ୍ଧିଷ୍ଣୁ ଚାଷୀ ସମସ୍ୟା ଓ ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ସରକାରଙ୍କ ବିରୋଧରେ ଆନ୍ଦୋଳନ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସରକାର ସମ୍ଭବତଃ ଏବେ ରାଜ୍ୟରେ ଅଧିକ ପରିମାଣ ଚାଷ ଓ ଧାନ ଉତ୍ପାଦନ ଚାହୁଁ ନାହାନ୍ତି; ତେଣୁ ଚାଷୀ ପଞ୍ଜୀକରଣରେ ଯାବତୀୟ ବିଭ୍ରାଟ ସୃଷ୍ଟି କରାଯାଉଛି ବୋଲି ଦଳର ନେତାମାନେ ବୈଠକରେ କ୍ଷୋଭ ପ୍ରକାଶ କରିଛନ୍ତି ।

ପିଏସି ବୈଠକ ସମ୍ପର୍କରେ ସୂଚନା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ସରକାର ଏବେ ଚାଷୀଙ୍କଠାରୁ ଅଧିକ ଧାନ କିଣିବାକୁ ଚାହୁଁ ନାହାନ୍ତି। ଏଥିପାଇଁ ବିଭିନ୍ନ ଫନ୍ଦି କରାଯାଉଛି। ଚାଷୀଙ୍କୁ ଯେପରି ପୂର୍ବଭଳି ପଞ୍ଜିକରଣ ସୁବିଧା ମିଳୁଥିଲା ଏବେ ସମାନ ବ୍ୟବସ୍ଥା ଲାଗୁ କରିବା ଉପରେ ସରକାରଙ୍କ ଉପରେ ଚାପ ପକାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ପୂର୍ବରୁ ନବୀନ ସରକାର ଏସ୍ଏଚ୍‌ଜିମାନଙ୍କୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରିଥିବା ବେଳେ ଏବେ ନୂତନ ସରକାର ସେମାନଙ୍କୁ ଏଥିରୁ ବାଦ୍ ଦେଇଛନ୍ତି। ମହିଳାମାନଙ୍କ ବିରୋଧୀ ବିଜେପି ସରକାର ବିରୋଧରେ ବିଜେଡି ତୀବ୍ର ବିରୋଧ କରିବ ବୋଲି ସେ କହିଛନ୍ତି।

ସେହିପରି ପିଏସି ସଦସ୍ୟ ତଥା ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେଏମ୍ଏମ୍ଡିଆର୍ ଆକ୍ଟ ସଂଶୋଧନ ଦ୍ୱାରା ଓଡ଼ିଶା ବର୍ଷକୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର କ୍ଷତି ସହିବ। ଏହି ପ୍ରସଙ୍ଗରେ ବିଜେପିର ୨୦ ଜଣ ସାଂସଦ ସଂସଦରେ ନିରବ ରହିବା ଅତ୍ୟନ୍ତ କ୍ଷୋଭର ବିଷୟ। ବିଜେଡି ଏହି ବିଲ୍‌କୁ ବିରୋଧ କରିଛି ଓ ସଂସଦରେ ଦୃଢ଼ ପ୍ରତିବାଦ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜନେସ୍ ଆଡ୍‌ଭାଇଜରୀ କମିଟିରେ ମଧ୍ୟ ସେ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ କରିଥିବା ଦାବିରେ ସରକାର ସହମତ ହୋଇଥିଲେ ହେଁ ସଂସଦରେ ଏହାକୁ ବଳପୂର୍ବକ ଧ୍ୱନୀମତରେ ପାସ୍ କରାଇ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବ ଓ ଏହା ବିରୋଧରେ ଜୋରଦାର ଲଢ଼େଇ ପାଇଁ ରଣନୀତି ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି । ବୈଠକରେ ସାଂସଦ ଡଃ ସଂତୃପ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ, ସଞ୍ଜୟଦାସ ବର୍ମା, ଟୁକୁନୀ ସାହୁ, ବିକ୍ରମ କେଶରୀ ଆରୁଖ, ସୁଦାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

- ଚାଷୀ ପଞ୍ଜୀକରଣ, ଏସ୍ଆଇଆର୍‌କୁ ନେଇ ଉଦ୍‌ବେଗ
- ବହି ତ୍ରୁଟି, ଏମ୍ଏମ୍ଡ଼ିଆର୍ ସଂଶୋଧନ ଚିନ୍ତାଜନକ
- ରାଜ୍ୟର ବିଜେପି ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନ
- ପଞ୍ଚାୟତ ନିର୍ବାଚନ ପାଇଁ ବ୍ଲକ ଓ ପଞ୍ଚାୟତ ସ୍ତରୀୟ କମିଟି ଗଠନ ଉପରେ ଗୁରୁତ୍ୱ

# ପୋଖରୀରୁ ମାଈ ହାତୀର ମୃତଦେହ ଉଦ୍ଧାର



ଜଗନ୍ନାଥପୁର, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା ଜଗନ୍ନାଥପୁର ପଞ୍ଚାୟତ ଜଗନ୍ନାଥପୁର ଗାଁ ବଡ଼ଘାଇ ପୋଖରୀରୁ ଶୁକ୍ରବାର ଏକ ମାଈ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ଅପରାହ୍ନ ପ୍ରାୟ ୩ଟାରେ ସ୍ଥାନୀୟ ଲୋକେ ପୋଖରୀରେ ମୃତ ହାତୀ ଭାସୁଥିବା ଦେଖିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ମୃତ୍ୟୁ କିପରି ହେଲା, ତାହାର କାରଣ ସ୍ପଷ୍ଟ ହୋଇନାହିଁ। ବନ ବିଭାଗ ପକ୍ଷରୁ ଏ ନେଇ ତଦନ୍ତ କରାଯାଉଛି। ହାତୀଟି କେଉଁଠାରୁ ଆସିଥିଲା ଏବଂ କେତେ ସମୟ ଧରି ପୋଖରୀ ନିକଟରେ ଥିଲା, ସେ ନେଇ ମଧ୍ୟ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି। ତଦନ୍ତ ଓ ଆବଶ୍ୟକ ପରୀକ୍ଷା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।




### ପୁଣି ତେଜିଲା ରେଭେନ୍ସା ବିବାଦ

# ୱାର୍ଡେନ ଅଦଳବଦଳ ନିଷ୍ପତ୍ତି ପ୍ରତ୍ୟାହାର ଦାବି

କଟକ, ୧୪।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟଇଷ୍ଟ ହଷ୍ଟେଲ ସମସ୍ୟାକୁ ନେଇ ହୋଇଥିବା ଛାତ୍ର ଅନଶନରୁ ବିଧାୟକ-ଅଧ୍ୟାପକ ବିବାଦ ପୁଣି ତେଜିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତିଙ୍କ



ପକ୍ଷରୁ ଗତ ୧୨ ତାରିଖରେ ସମସ୍ତ ହଷ୍ଟେଲର ୱାର୍ଡେନଙ୍କ ଅଦଳ ବଦଳ ସହିତ ଚିଫ ୱାର୍ଡେନ ଓ ଡେପୁଟି ୱାର୍ଡେନଙ୍କୁ ପଦରୁ ହଟାଯିବା ନେଇ ଜାରି ହୋଇଥିବା ବିଜ୍ଞପ୍ତିକୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ରୁଟା) ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଆଜି ମୂଳ ପ୍ରସଂଗ ସହ ୱାର୍ଡେନ ଅଦଳ ବଦଳକୁ ନେଇ ରେଭେନ୍ସା କୁଳପତିଙ୍କୁ ଭେଟିଛନ୍ତି ରୁଟାର କର୍ମକର୍ତ୍ତା। ଅଦଳବଦଳ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ପୂର୍ବରୁ ଦାୟିତ୍ୱରେ ଥିବା ଚିଫ୍ ୱାର୍ଡେନଙ୍କ ସମେତ ସମସ୍ତ ୱାର୍ଡେନଙ୍କୁ ପୂର୍ବ ଭଳି ହଷ୍ଟେଲ ଦାୟିତ୍ୱ ପ୍ରଦାନ ପାଇଁ ରୁଟା ଦାବି ଜଣାଇଛି। ସେହିଭଳି

**■ ସଦର ବିଧାୟକଙ୍କ ସିନେଟ ସଦସ୍ୟତା ପ୍ରତ୍ୟାହାର ପାଇଁ ରେଭେନ୍ସା ବିକାଶ ଅଭିଯାନର ସ୍ମାରକପତ୍ର**

ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ବ୍ୟାପାରରେ ରାଜନୈତିକ ବ୍ୟକ୍ତିଙ୍କ ହସ୍ତକ୍ଷେପ କେଉଁ ଭଳି ହେବ ଅବା ନହେବ ସେନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉ ବୋଲି ସଂଘ ଦାବି କରିଛି। କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ପକ୍ଷରୁ ପୂର୍ବତନ ଚିଫ୍ ୱାର୍ଡେନ ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ଯେଉଁ ଚିଠି ଲେଖାଯାଇଥିଲା ତାହା ପ୍ରତ୍ୟାହାର କରିବା ବିଧାୟକଙ୍କ ବିବେକ ଉପରେ ନିର୍ଭର କରେ। ଏଥିପାଇଁ ରୁଟା ପକ୍ଷରୁ ତାଙ୍କୁ ବାଧ କରାଯାଇପାରିବ ନାହିଁ ବୋଲି କହିଛନ୍ତି ରୁଟାର ସଂଯୋଜକ ନେତାଜୀ ଅଭିନନ୍ଦନ। କୁଳପତିଙ୍କ ସହ ରୁଟା ପ୍ରତିନିଧି ଦଳର ଦୀର୍ଘ ସମୟ ଆଲୋଚନା ହୋଇଛି। ସମସ୍ତ ଘଟଣା ସମ୍ପର୍କରେ କୁଳାଧିପତି ତଥା ରାଜ୍ୟପାଳ ଓ ଉଚ୍ଚଶିକ୍ଷା ବିଭାଗକୁ ବିସ୍ତୃତ ରିପୋର୍ଟ ଦିଆଯାଇଥିବା ନେଇ କୁଳପତି କହିଛନ୍ତି।

ଅନ୍ୟପଟରେ, ସ୍ୱାଭାବିକ ପ୍ରଶାସନିକ ଅଦଳ ବଦଳ ଆଳରେ ରାଜନୈତିକ ଚାପ ଆଗରେ ନଇଁ ବିଧାୟକଙ୍କ ଅସୌଜନ୍ୟ ମୂଳକ ଆଚରଣର ଦୃଢ଼ ପ୍ରତିବାଦ କରିଥିବା ଅଧ୍ୟାପକ ଅଧ୍ୟାପିକାଙ୍କୁ ବିଭିନ୍ନ ହଷ୍ଟେଲ ଦାୟିତ୍ୱରୁ କୁଳପତି ଅନ୍ତର କରିଛନ୍ତି। ଏଭଳି ନିଷ୍ପତ୍ତିକୁ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ରେଭେନ୍ସା ସିନେଟ୍ ସଭ୍ୟ ଭାବରେ ହୋଇଥିବା ସଦର ବିଧାୟକଙ୍କ ମନୋନୟନକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଆଜି ସଂଗଠନ ପକ୍ଷରୁ ରାଜ୍ୟ ବିଧାନସଭାର ବାଚସ୍ପତିଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ଓଡ଼ିଶାରୁ ୧୭ ଜଣ ପାଇବେ ପୁଲିସ ପଦକ

ଭୁବନେଶ୍ୱର,୧୪।୮ (ସମିସ): ସାହସିକତା, ଉଲ୍ଲେଖନୀୟଓ ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସର ୧୭ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଓଡ଼ିଶା ପୁଲିସ ସେବାର ୧୭ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ସାହସିକତା ପାଇଁ 'ପୁଲିସ ପଦକ', ଉଲ୍ଲେଖନୀୟ ସେବା ପାଇଁ ୨ ଜଣଙ୍କୁ 'ରାଷ୍ଟ୍ରପତି ପୁଲିସ ପଦକ' ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ୧୦ ଜଣଙ୍କୁ 'ପୁଲିସ ପଦକ'ରେ ସମ୍ମାନିତ କରାଯିବ। ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା, କାରାଗାର ସଂସ୍କାର ସେବା ବର୍ଗରେ ମଧ୍ୟ ପଦକ ତାଲିକା ଘୋଷଣା କରାଯାଇଛି।

ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ପାଇବାକୁ ଆଇପିଏସ ଅଫିସର ସଞ୍ଜୀବ ପଣ୍ଡା ଓ ଡିଏସପି ସ୍ମିତାରାଣୀ ମହାନ୍ତି ମନୋନୀତ ହୋଇଛନ୍ତି। ସାହସିକତା ପୁଲିସ ପଦକ ପାଇଁ ସବ୍

**ଡିଜି ସଞ୍ଜୀବ ପଣ୍ଡା ଓ ଡିଏସ୍‌ପି ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତି ପୁଲିସ ପଦକ**

ଇନ୍ସପେକ୍ଟର ମନ୍ମଥ କୁମାର ମହାପାତ୍ର, ହାବିଲଦାର ନିରାକାର ଭୁଏ, କମାଣ୍ଡୋ ସନ୍ତୋଷ ଗୁରୁଙ୍ଗ, ସୁମନ ପୁନ, ସୁରେଶ ଚନ୍ଦ୍ର ପୁତା ମନୋନୀତ ହୋଇଛନ୍ତି। ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ରାଜ୍ୟରୁ ପୁଲିସ ପଦକ ପାଇବାକୁ ମନୋନୀତ ୧୦ଜଣ ହେଲେ ଡିଏସପି ମନୋରଞ୍ଜନ ପାଇକରାୟ, ସୁରେଶ କୁମାର ବଳ, ଇନ୍ସପେକ୍ଟର ଗୀତାଞ୍ଜଳି ପଣ୍ଡା, ଡେପୁଟି କମାଣ୍ଡାଣ୍ଟ ଭବେଶ କୁମାର ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପରେଶ କୁମାର ମିନତୀ ନନ୍ଦନ ପତି, କନଷ୍ଟେବଳ ଶ୍ୟାମଳି ବିଶ୍ୱାସ, ସବ୍ ଇନ୍ସପେକ୍ଟର ବରୁଣ କୁମାର ନାୟକ, ହାବିଲଦାର ସୁବାଷ ଚନ୍ଦ୍ର ତ୍ରିନାଥ ଗୌଡ, କନଷ୍ଟେବଳ ମୁସ୍ତାକ ଅଲ୍ଲି ଖାନ୍, ଦାବିଲଦାର ପ୍ରଶାନ୍ତ କୁମାର ବିଶ୍ୱାଳ। ରାଜ୍ୟରେ ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ଏବଂ କାରାଗାର ସଂସ୍କାର ସେବା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୬ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଅଗ୍ନିଶମ ବର୍ଗରେ ଉଲ୍ଲେଖନୀୟ ସେବା ପାଇଁ ଜଣଙ୍କୁ ରାଷ୍ଟ୍ରପତି ପଦକ ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଡ୍ରାଇଭର ହାବିଲଦାର ନୁଏଲ କେରକେଟା, ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଅମିତାଭ ରାଜଙ୍କୁ ପୁଲିସ ପଦକ ମିଳିବ। ସେହିପରି ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ବର୍ଗରେ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ହାମଗାର୍ଡ ଅଭିରାମ ସେଠୀଙ୍କୁ ପଦକ ମିଳିବ। ସେହିପରି ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ କାରାଗାର ସଂସ୍କାର ସେବା ବର୍ଗରେ ଚିଫ୍ ୱାର୍ଡର ପ୍ରମୋଦ କୁମାର ସ୍ୱାଇଁ ଏବଂ ୱାର୍ଡର ବିଶ୍ୱନାଥ ପଣ୍ଡାଙ୍କୁ ପଦକ ମିଳିବ ।



# ଆଜି ଉଡ଼ିବ ଦେଢ଼ ଲକ୍ଷ ତ୍ରିରଙ୍ଗା

ସମ୍ବଲପୁର, ୧୪।୮ (ସମିସ)



ସ୍ୱାଧୀନତାର ୮୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେଉଛି 'ହର୍ ଘର୍ ତ୍ରିରଙ୍ଗା'। ଅଗଷ୍ଟ ୯ ତାରିଖରୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ପଦଯାତ୍ରା ଓ ରାଲି ଆଦି କରାଯାଉଛି। ମିଶନ ଶକ୍ତି ବିଭାଗ ଅଧୀନରେ ସମ୍ବଲପୁର ଜିଲ୍ଲାର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ପ୍ରାୟ ଦେଢ଼ ଲକ୍ଷ ଜାତୀୟ ପତାକା ତିଆରି କରିଛନ୍ତି। ବିଭିନ୍ନ ବ୍ଲକରେ ମାଗଣା ବଣ୍ଟନ ପାଇଁ ଏହି ପତାକା ତିଆରି କରାଯାଇଛି। ପତାକା ତିଆରିରେ ଜିଲ୍ଲାର ୬ଟି ପ୍ରଡ୍ୟୁସର୍ସ ଗ୍ରୁପ୍ ସହ ୨୪ଟି ଏସ୍ଏଚ୍‌ଜିର ୩୦୭ ଜଣ ସଭ୍ୟା ନିୟୋଜିତ ହୋଇଥିଲେ। ପ୍ରତିବର୍ଷ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ସମୟରେ ଏସ୍ଏଚ୍‌ଜି ସଭ୍ୟାମାନେ ବହୁସଂଖ୍ୟାରେ ଜାତୀୟ ପତାକା ପ୍ରସ୍ତୁତ କରି ବହୁ ସମୟରେ ଅନ୍ୟ ଜିଲ୍ଲାକୁ ମଧ୍ୟ ଯୋଗାଇଥାନ୍ତି।

ସମ୍ବଲପୁର ଜିଲ୍ଲା ସକାଶେ ଦିଆଯାଇଥିବା ଲକ୍ଷ୍ୟ ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଜାତୀୟ ପତାକା ପ୍ରସ୍ତୁତ କରିବାପରେ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକକୁ ବଣ୍ଟନ କରାଯାଇଛି। ବାମରା ବ୍ଲକର ୧୭ଟି ପଞ୍ଚାୟତକୁ ୧୩୭୦୦ ପତାକା ଦିଆଯାଇଥିବାବେଳେ ଧନକଉଡ଼ା ବ୍ଲକର ୯ ପଞ୍ଚାୟତ ଓ ୧୦ ସହରାଞ୍ଚଳକୁ ୧୩୩୦୦, ଜମନକିରା ବ୍ଲକର ୨୧ ପଞ୍ଚାୟତକୁ ୧୬୯୦୦, ଝୁଯୋମୁରା ବ୍ଲକର ୧୮ ପଞ୍ଚାୟତକୁ ୧୪୫୦୦, କୁଚିଣ୍ଡା ବ୍ଲକର ୧୭ ପଞ୍ଚାୟତ ଓ ୧୧ ସହରାଞ୍ଚଳକୁ ୨୦୩୦୦, ମାନେଶ୍ୱର ବ୍ଲକର ୧୨ ପଞ୍ଚାୟତ ଓ ୭ ସହରାଞ୍ଚଳକୁ ୧୩୯୦୦, ନାକଟିଦେଉଳ ବ୍ଲକର ୧୪ ପଞ୍ଚାୟତକୁ ୧୧୩୦୦, ରେଢ଼ାଖୋଲ ବ୍ଲକର ୧୪ ପଞ୍ଚାୟତ ଓ ୧୩ ସହରାଞ୍ଚଳକୁ ୧୯୧୦୦, ରେଙ୍ଗାଲି ବ୍ଲକର ୧୬ ପଞ୍ଚାୟତକୁ ୧୨୫୦୦ ପତାକା ବଣ୍ଟନ କରାଯାଇଥିବା ମିଶନ ଶକ୍ତି ଡିପିସି ଭାରତୀ ବେସ୍ରାଙ୍କ ସୂଚନା ଦେଇଛନ୍ତି। ସେହିପରି ସମ୍ବଲପୁର ସହରାଞ୍ଚଳରେ ୧୪୫୦୦ଟି ପତାକା ବଣ୍ଟନ କରାଯାଇଛି। ଏହିଭଳି ଜିଲ୍ଲାରେ ମୋଟ ୧, ୫୦, ୦୦୦ ପତାକା ପ୍ରସ୍ତୁତ କରି ବଣ୍ଟନ କରାଯାଇଛି।

ଜାତୀୟ ପତାକା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ପ୍ରତିଟି ଘରେ ଉଡ଼ାଇବା ପାଇଁ ପ୍ରୋତ୍ସାହିତ କରଯାଇଛି ଓ ବହୁଳ ମାତ୍ରାରେ ଆବଶ୍ୟକ ହେଉଥିବା ଜାତୀୟ ପତାକା ତିଆରି କରି ଯୋଗାଇବା ପାଇଁ ସରକାର ମିଶନ ଶକ୍ତି ବିଭାଗ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ନିୟୋଜିତ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କଠିନ ପରିଶ୍ରମ କରି ନିର୍ଦ୍ଧାରିତ ମାନ ଅନୁଯାୟୀ ୨୦ / ୩୦ ଇଞ୍ଚ ଆକାରର ସିଲେଇ କରି ସେଥିରେ ଅଶୋକଚକ୍ର ମୁଦ୍ରଣ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଜାତୀୟ ପତାକା ପ୍ରସ୍ତୁତ ହେବାପରେ ତାହା ମିଶନ ଶକ୍ତି ବିଭାଗକୁ ହସ୍ତାନ୍ତର କରାଯାଇଥିଲା ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ବିଭିନ୍ନ ବ୍ଲକ ଗୁଡ଼ିକୁ ତାହା ବଣ୍ଟନ କରାଯାଇଛି। ଗତ କେଇ ବର୍ଷ ହେବ ସରକାରଙ୍କ ନିର୍ଦ୍ଦେଶକ୍ରମେ ମିଶନ ଶକ୍ତି ବିଭାଗ ପକ୍ଷରୁ ତ୍ରିରଙ୍ଗା ତିଆରି ଓ ମାଗଣା ବଣ୍ଟନ କରାଯାଉଥିବାବେଳେ ସ୍ଥାନୀୟ ବ୍ୟବସାୟୀମାନେ ଆଉ ବେଶୀ ମାତ୍ରାରେ ଜାତୀୟ ପତାକା ଆଣୁନଥିବା ଦେଖାଯାଉଛି।

## ହୀରାକୁଦର ୨ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୧୪।୮ (ସମିସ):** ହୀରାକୁଦ ନଦୀବନ୍ଧର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୬୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏଁ ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୦୦, ୮୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୭, ୯୭୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୦, ୬୨୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପାୱାର ଚ୍ୟାନାଲ ଦେଇ ୨୩୪୮୮ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୨୨୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁରେ ୧୬, ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପଥର୍ଲାରେ ୨୬, ୩୯୬ କ୍ୟୁସେକ୍, ଖଇରମାଲରେ ୯୬, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨, ୫୭, ୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ବିଭେଦ ଓ ଅସ୍ପୃଶ୍ୟତା ବିରୋଧରେ ସତ୍ୟାଗ୍ରହ



**ସମ୍ବଲପୁର, ୧୪।୮ (ସମିସ):** ବିଭେଦ ଓ ଅସ୍ପୃଶ୍ୟତା ବିରୋଧରେ ସମ୍ବଲପୁର କଂଗ୍ରେସର ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। ସମ୍ବଲପୁର ଜିଲ୍ଲା କଂଗ୍ରେସ ଭବନରୁ ଏକ ପଦଯାତ୍ରା ବାହାରି ମୁଦିପଡ଼ା ଛକ ସ୍ଥିତ ବି.ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସତ୍ୟାଗ୍ରହ କରାଯାଇଛି। ଇଂ ଅମିତ୍ ଗୁରୁଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ସଭାପତି ଜୟ ଶଙ୍କର ମିଶ୍ର, ନିରଞ୍ଜନ ତ୍ରିପାଠୀ, ଦୀନବନ୍ଧୁ ପରିଡ଼ା, ସୁଧୀର ପଣ୍ଡା, ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ଜିତେନ ମହାନନ୍ଦ, ମୋହନ ଶାହା, ଅଭିରାମ ପଟେଲ, ପିସିସି ସମ୍ପାଦକ ଦିଲୀପ ଦୁରିଆ, ଜୟରାମ ବଣିଆ, ଓକିଲ ଚୌଧୁରୀ, ଫିଲିପ୍ କୁମାର, ପିଙ୍କୁ ସିଂ, ଜୟନ୍ତ ସାହୁ, ଦୀନବନ୍ଧୁ ପରିଡ଼ା, ପ୍ରମୋଦ ଛୁରିଆ, ନକୁଳ ବେହେରା, ଅଶୋକ ମେହେର, ଗିରିଜା ନାୟକ, ରବି ରାଉତ୍, ସଞ୍ଜୟ ଛୁରିଆଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟ ଉପରୁ ଖସିପଡ଼ିଲେ ବ୍ୟକ୍ତି

**ସମ୍ବଲପୁର, ୧୪।୮ (ସମିସ):** ଝୁଯୁମୁରା ବ୍ଲକ କାର୍ଯ୍ୟାଳୟରେ ଅଘଟଣ ଘଟିଛି। ପତାକା ଲଗାଇବା ବେଳେ ଜଣେ ବ୍ୟକ୍ତି ଖସି ପଡ଼ିଛନ୍ତି। କୈଳାଶ ପ୍ରଧାନ (୪୦) ନାମକ ଏହି ବ୍ୟକ୍ତି ଜଣକ ଆଜି ଖସି ପଡ଼ି ଆହତ ହୋଇଛନ୍ତି। ସେ ୧୫ ଫୁଟ ଉଚ୍ଚତାରେ ପତାକା ଲଗାଉଥିଲେ।

## ପୁତୁରା ମାଡ଼ରେ ବୃଦ୍ଧ କକା ଆହତ

**ସମ୍ବଲପୁର, ୧୪।୮ (ସମିସ):** ଝୁଯୁମୁରା ଥାନା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ତାଙ୍କ ପୁତୁରା ମାଡ଼ ମାରି ଗୁରୁତର କରିଛି। କୌଣସି କଥାକୁ ନେଇ ଝଗଡ଼ା ଲାଗିବାରୁ ଉକ୍ତ ପୁତୁରା ବୃଦ୍ଧ କକାଙ୍କ ମୁଣ୍ଡରେ ମାଡ ମାରିଥିଲା। ଏହା ଫଳରେ ବୃଦ୍ଧଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ପ୍ରଥମେ ଝୁଯୁମୁରା ଡାକ୍ତରଖାନା ଏବଂ ପରେ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ରେଢ଼ାଖୋଲ, ୧୪।୮ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅଧୀନ ଚାରମାଲ ରେଞ୍ଜ କୁସୁମବାହାଲି ଗ୍ରାମ ନିକଟ ଜଙ୍ଗଲରେ ଶୁକ୍ରବାର ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣଙ୍କ ହେଲେ କୁସୁମବାହାଲି ଗ୍ରାମର ପଞ୍ଚାନନ ବେହେରା (୩୧)। ସକାଳୁ ସେ ଜଙ୍ଗଲକୁ ଛତୁ ଖୋଜିବା ପାଇଁ ଯାଇଥିବା ସମୟରେ ହଠାତ ତାଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ଏଥିରେ ପରିବାର ଲୋକେ ଓ ଗ୍ରାମବାସୀ ଖବର ପାଇ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପ୍ରଥମେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## କୁଚିଣ୍ଡାରେ ତ୍ରିରଙ୍ଗା ଶୋଭାଯାତ୍ରା

**କୁଚିଣ୍ଡା, ୧୪।୮ (ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ପ୍ରଶାସନ ଓ ଏନ୍ଏସି ମିଳିତ ଆନୁକୂଲ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିଲା। ଏଥିରେ ମନ୍ତ୍ରୀ ରବି ନାରାୟଣ ନାଏକ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ସମ୍ବଲପୁର ଏସ୍‌ପି ମୁକେଶ ଭାମ୍ଭୁ, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବନନ ସ, ଉପଖଣ୍ଡ ପୁଲିସ୍ ଅଧିକାରୀ ପ୍ରଦୀପ ଦାସ, ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟେଲ, ଏନ୍ଏସି ଚେୟାରମ୍ୟାନ ପ୍ରଦ୍ୟୁତ ମହାନ୍ତି, ବିଡ଼ିଓ ଜୟନ୍ତ ସାହୁ, ଏନ୍ଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା ପ୍ରମୁଖ ସାମିଲ ହୋଇଥିଲେ।



ସମ୍ବଲପୁର : ସ୍ୱାଧୀନତା ଦିବସ ପୂର୍ବରୁ ସମ୍ବଲପୁରର ବିଭିନ୍ନ ସ୍ଥାନରେ ବମ୍ ସ୍କ୍ୱାଡ୍ ଓ ଡଗ୍ ସ୍କ୍ୱାର୍ଡର ଯାଞ୍ଚ

## ବିଏସ୍ଏନ୍ଏଲ୍‌ର '୧ ଟଙ୍କାରେ ଫ୍ରିଡମ୍ ଅଫର୍'

**ସମ୍ବଲପୁର, ୧୪।୮ (ସମିସ) :** ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଗ୍ରାହକମାନଙ୍କ ପାଇଁ ଅନେକ ନୂଆ ଡିଜିଟାଲ୍ ପଦକ୍ଷେପ ଓ ସ୍ୱତନ୍ତ୍ର ଅଫର୍ ଘୋଷଣା କରିଛି। ସ୍ୱାଧୀନତା ଦିବସ ଅବସରରେ ଗ୍ରାହକଙ୍କ ପାଇଁ ବିଏସ୍ଏନ୍ଏଲ୍ '୧ ଟଙ୍କାରେ ଫ୍ରିଡମ୍ ଅଫର୍' ଆଣିଛି। ଏହି ଅଫର୍‌ରେ ନୂଆ ଗ୍ରାହକମାନେ ୨୪ ଦିନର ବୈଧତା ସହିତ ଦୈନିକ ୧ ଜିବି ଡାଟା, ୧୦୦ଟି ଏସ୍ଏମ୍ଏସ୍ ଏବଂ ଅସୀମିତ ଭଏସ୍ କଲ୍‌ର ସୁବିଧା ମାତ୍ର ୧ ଟଙ୍କାରେ ପାଇପାରିବେ। ଏହା ସହ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକଙ୍କ ପାଇଁ ମାସିକ ୧୧୧୧ ଟଙ୍କାର 'ଫାଇବର ଫ୍ରିଡମ୍ ପ୍ଲାନ୍' ଶୁଭାରମ୍ଭ କରାଯାଇଛି। ଏଥିରେ ୨୦୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସ୍ପିଡ୍, ମାସିକ ୫୦୦୦ ଜିବି ଡାଟା ଏବଂ ୨୫ରୁ ଅଧିକ ପ୍ରିମିୟମ୍ ଓଟିଟି ପ୍ଲାଟଫର୍ମର ମାଗଣା ଆକ୍ସେସ୍ ମିଳିବ। ଏହି ଫାଇବର ଅଫର୍ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ବୈଧ ରହିବ। ଅନ୍ୟାନ୍ୟ ନୂଆ ସେବା ମଧ୍ୟରେ ବିଏସ୍ଏନ୍ଏଲ୍ ମୋବାଇଲ୍ ଗ୍ରାହକମାନେ ବିଏସ୍ଏନ୍ଏଲ୍ ସେଲ୍‌ଫକେୟାର୍ ଆପ୍ ମାଧ୍ୟମରେ 'ଟାଙ୍ଗୋ' ଦ୍ୱାରା ପରିଚାଳିତ ମାଗଣା ମୋବାଇଲ୍ ଟିଭି ଓ ଅନ୍-ଡିମାଣ୍ଡ ମନୋରଞ୍ଜନ ସେବା ଉପଭୋଗ କରିପାରିବେ। ସେହିପରି ନେଟୱାର୍କ ନ ଥିବା ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ପାଇଁ ବିଏସ୍ଏନ୍ଏଲ୍ ଗ୍ଲୋବାଲ୍ ସାଟେଲାଇଟ୍ ଫୋନ୍ ସେବା (ଜିଏସ୍‌ପିଏସ) ଯୋଗାଇ ଦେଉଛି। ଦେଶର ଡିଜିଟାଲ୍ ଭବିଷ୍ୟତକୁ ସୁଦୃଢ଼ କରିବା ସହ ପ୍ରତ୍ୟେକ ନାଗରିକଙ୍କୁ ଶସ୍ତା ଓ ଗୁଣାତ୍ମକ ସେବା ଯୋଗାଇବା ପାଇଁ ବିଏସ୍ଏନ୍ଏଲ୍ ସଦାସର୍ବଦା ପ୍ରତିବଦ୍ଧ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। କଚେରୀ ରୋଡ୍‌ସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଏସ୍ଏନ୍ଏଲ୍ ପ୍ରିନ୍ସିପାଲ ଜେନେରାଲ ମ୍ୟାନେଜର (ପିଜିଏମ୍) ଅଲ୍ପନା ଶୁକ୍ଲା ରାଓ, ସମ୍ବଲପୁର ଜେନେରାଲ ମ୍ୟାନେଜର (ଜିଏମ୍) ତ୍ରିଲୋଚନ ଦାଶ, ସମ୍ବଲପୁର ଡେପୁଟି ଜିଏମ୍ ଧନୁର୍ଜୟ ମାଝୀ, ଆର୍ଥିକ ପରାମର୍ଶଦାତା ସୁରେନ୍ଦ୍ରନାଥ ନନ୍ଦ ଓ ସମ୍ବଲପୁର ଏସ୍‌ଡିଇ (ସେଲ୍‌ସ ଆଣ୍ଡ ମାର୍କେଟିଂ) ବିଜୟ ରଥ ଏହି ସୂଚନା ଦେଇଛନ୍ତି।




## ସର୍କର୍ମା-ସିଟି ଷ୍ଟେସନ ରାସ୍ତା ଶୋଚନୀୟ, ଫସିଲା ଟ୍ରକ୍



**ସମ୍ବଲପୁର, ୧୪।୮ (ସମିସ):** ସର୍କର୍ମା-ସିଟି ଷ୍ଟେସନ ରାସ୍ତା କର୍ଦ୍ଦମାକ୍ତ ହୋଇ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ରେଳସଂଯୋଗ ରାସ୍ତା ହେବାସହ ସାର ଅନ୍‌ଲୋଡ୍ କରି ଟ୍ରକ୍‌ରେ ବୋଝେଇ ନିଆଯାଇଥାଏ। ଆଜି ଏକ ଟ୍ରକ୍ ଘଣ୍ଟା ଘଣ୍ଟା ଧରି ଟ୍ରକ୍ ଫସି ରହିଲା। ଜେସିବି ଆଣି ବହୁ କଷ୍ଟରେ ଟ୍ରକ୍‌ଟିକୁ ସେଠାରୁ ବାହାର କରାଯାଇଥିଲା। ଏହାଦ୍ୱାରା ଯାତାୟାତ ପ୍ରାୟତଃ ବନ୍ଦ ହୋଇଯାଇଥିଲା। ସିଟି ରେଳ ଷ୍ଟେସନ ମାଲ ସେଡ୍‌କୁ ରାଜପଥ ସହିତ ସଂଯୋଗ କରୁଥିବା ଏହି ରାସ୍ତାଟି କାଦୁଅ ଓ ବର୍ଷାପାଣି ଯୋଗୁଁ ବିପଦପୂର୍ଣ୍ଣ ହୋଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନରେ ବାଧା ସୃଷ୍ଟି ହେଉଛି। ଷ୍ଟେସନ୍ ସାଇଡିଂରେ ଏକ ଇଫ୍‌କୋ ୟୁରିଆ ରେକ୍ ଅନଲୋଡ୍ କରିବା ସମୟରେ ଦୁର୍ବଳ ଭିତ୍ତିଭୂମି ବ୍ୟାପକ ବାଧା ସୃଷ୍ଟି କରିଥିଲା। ଗଭୀର କାଦୁଅ ଏବଂ ଖାଲରେ ବହୁ ଟ୍ରକ୍ ଫସି ରହିବାପରେ ସାର ବୋଝେଇ ଏକ ଡଜନରୁ ଅଧିକ ଭାରୀଯାନ ଚାରି ଘଣ୍ଟାରୁ ଅଧିକ ସମୟ ପାଇଁ ଅଟକି ରହିଥିଲା। କାଦୁଅ ରାସ୍ତା ଦେଇ ଲୋଡ୍ ହୋଇଥିବା ଟ୍ରକଗୁଡ଼ିକୁ ଟାଣିବା ପାଇଁ ଜେସିବି ଓ ଅନ୍ୟ ଭାରୀ ଯନ୍ତ୍ରପାତି ନିୟୋଜିତ କରିବାକୁ ପଡ଼ିଥିଲା। ଏଦିଗରେ ଜିଲ୍ଲା ପ୍ରଶାସନ ଧ୍ୟାନ ଦେଇ ରାସ୍ତାକୁ ପିଚୁ ବା ସିମେଣ୍ଟ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ରରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ

**ସମ୍ବଲପୁର, ୧୪।୮ (ସମିସ) :** ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଦେଶଭକ୍ତି, ଜାତୀୟ ଏକତା ଏବଂ ରାଷ୍ଟ୍ରଗୌରବର ଭାବନାକୁ ଜନତାଙ୍କ ମଧ୍ୟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର ପକ୍ଷରୁ ଆଜି 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମ ଉତ୍ସାହ, ଉଦ୍ଦୀପନା ମଧ୍ୟରେ ଆୟୋଜିତ ହୋଇଯାଇଛି। ସମ୍ବଲପୁର ପୋଲିସ ଉପମହାନିରୀକ୍ଷକ ବିଜୟ ଶଙ୍କର ପାଣ୍ଡେ କାର୍ଯ୍ୟକ୍ରମର ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରୁପ୍ କେନ୍ଦ୍ରର ଅଧିକାରୀ ଓ ଯବାନମାନଙ୍କ ସହ ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଆଖପାଖ ଅଞ୍ଚଳର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରାଯାଇଥିଲା। ଉପସ୍ଥିତ ସମସ୍ତେ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରକାଶ କରିବା ସହ 'ହର ଘର ତିରଙ୍ଗା' ଅଭିଯାନର ବାର୍ତ୍ତାକୁ ଜନତାଙ୍କ ନିକଟରେ ପହଞ୍ଚାଇବାପାଇଁ ସଂକଳ୍ପ ନେଇଥିଲେ। ଗ୍ରୁପ୍ କେନ୍ଦ୍ର ପରିସରରୁ ଗୋଶାଳା ଛକଦେଇ କଳାମାଟି ଗ୍ରାମ ପର୍ଯ୍ୟନ୍ତ ତିରଙ୍ଗା ମାର୍ଚ୍ଚ ଆୟୋଜିତ ହୋଇଥିଲା। ଏହାସହିତ ଅଭିଯାନ ସମ୍ପର୍କରେ ଜନସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଅଧିକାରୀ ଓ ଯବାନମାନଙ୍କ ଦ୍ୱାରା ବାଇକ୍ ରାଲି ମଧ୍ୟ ଆୟୋଜନ କରାଯାଇଥିଲା। ଏହି କ୍ରମରେ ଚାରାରୋପଣ ମଧ୍ୟ ଆୟୋଜିତ ହୋଇଥିଲା।



## ଗୁରୁଚରଣ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ

**କୁଚିଣ୍ଡା, ୧୪।୮ (ସମିସ):** କୁଚିଣ୍ଡା ବ୍ଲକ ବକ୍ସମାସ୍ଥିତ ଗୁରୁଚରଣ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ଏଥିରେ ମନ୍ତ୍ରୀ ରବିନାରାୟଣ ନାଏକ, କୁଚିଣ୍ଡା ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, ଶିକ୍ଷାବିତ୍ ଖଗେଶ୍ୱର ଦାଶ, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବନନ ସ, ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଫଣୀନ୍ଦ୍ର ଭୂଷଣ ପଟ୍ଟନାୟକ, ଡା. ସରୋଜ ରଥ, ଡା. ଉଲ୍ଲାଳ ଦାଶ, ଝାରସୁଗୁଡ଼ା ଏଲ୍.ଏନ୍. କଲେଜର ଅଧ୍ୟକ୍ଷ ଡା. ସୁମନ୍ତ ପଟେଲ ଏବଂ ଷ୍ଟାଲୱାର୍ଟ ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ଦୀପ୍ତିମୟ ସାହୁ ଓ ସମ୍ପାଦକ ସତୁଲ୍ୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ନିର୍ଦ୍ଦେଶକ ଫକିରମୋହନ ବରିହା, ସଞ୍ଜିତ ଶର୍ମା, ସୁଧୀର ମହାନ୍ତି, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ



**ରେଢ଼ାଖୋଲ, ୧୪।୮ (ସମିସ):** ଚାରମାଳରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଢାଖୋଲ ଡିଭିଜନ ଅଧୀନରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ କର୍ମଚାରୀଙ୍କ ବିଭିନ୍ନ ଅଧିକାର, ସମସ୍ୟା ଏବଂ କଲ୍ୟାଣମୂଳକ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ରେଢ଼ାଖୋଲ କେନ୍ଦୁପତ୍ର ଡିଭିଜନର ବିଭିନ୍ନ ରେଞ୍ଜରୁ ଶତାଧିକ ତୋଳାଳି, ଶ୍ରମିକ ଓ କର୍ମଚାରୀ ଯୋଗ ଦେଇଥିଲେ। ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ଏହି ବୈଠକରେ କେନ୍ଦୁପତ୍ର ଶ୍ରମିକଙ୍କ ଅଧିକାର, ସରକାରୀ ଘୋଷଣାର କାର୍ଯ୍ୟକାରିତା, କଲ୍ୟାଣ ପାଣ୍ଠିର ବିନିଯୋଗ, ଶ୍ରମିକ ମାନଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ବର୍ତ୍ତମାନ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଜିର ଏହି ସଭାରେ ରାଜ୍ୟ ଉପସଭାପତି ଗୋକୁଳ ମେହେର, ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ସହଯୋଗୀ ସାଧାରଣ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, କାର୍ତ୍ତିକ ପ୍ରଧାନ, ଶଙ୍କର୍ଷଣ ଦେହୁରୀ, ମକରଧ୍ୱଜ ପ୍ରଧାନ, ତୀର୍ଥବାସୀ ପ୍ରଧାନ, ଟିକେଶ୍ୱର ଝାଙ୍କର, ପ୍ରମୋଦ ସାହୁ, ଜିତେନ୍ଦ୍ର ଷଣ୍ଡ, ସତ୍ୟବାଦୀ ନାୟକ, ଅଜିତ ଦେଉ, ସୁମିତ୍ରା ବେହେରା, ଜୟନ୍ତୀ ଦୀପ, ଶୋଭା ଭୋଇ, ଲକ୍ଷ୍ମୀ ଭୋଇ, ସୁଭାଷିନୀ ସେଠି, ସଂଯୁକ୍ତା ସାହୁ, ଅବିନାଶ ପୁରୋହିତ, ଦେବଜ୍ୟୋତି ପଟ୍ଟନାୟକ ଓ ଚିତ୍ରସେନ ନାୟକ ପ୍ରମୁଖଙ୍କ ସହ ଶତାଧିକ ଶ୍ରମିକ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସୁମିତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଗ୍ରନ୍ଥାଗାରିକ ଦିବସ

ସମ୍ବଲପୁର, ୧୪।୮ (ସମିସ)




ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡ. ଭୁବନେଶ୍ୱର ବେହେରା କେନ୍ଦ୍ରୀୟ ପାଠାଗାର ଓ ଗ୍ରନ୍ଥାଗାର ତଥା 'ଗ୍ରନ୍ଥାଗାର ଓ ସୂଚନା ବିଭାଗ' ତରଫରୁ ୧୩୪ତମ ଭାରତୀୟ ଜାତୀୟ ଗ୍ରନ୍ଥାଗାରିକ ଦିବସ ବୌଦ୍ଧିକ ଚର୍ଚ୍ଚା ଓ ଆଲୋଚନା ସହ ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଡ. ଭୁବନେଶ୍ୱର ବେହେରା ପାଠାଗାର ଓ ଗ୍ରନ୍ଥାଗାରର ସଭା କକ୍ଷରେ ଆୟୋଜିତ ଏହି ସମାରୋହରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗ୍ରନ୍ଥାଗାରରୁ ଜ୍ଞାନନେବା ସହ ନିଜସ୍ୱ ଆହରଣରୁ ଅନୁଭୂତିସମ୍ପନ୍ନ ଜ୍ଞାନ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ମିଜୋରାମ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ଗ୍ରନ୍ଥାଗାରିକ ପ୍ରଫେସର ରବି ନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଛନ୍ତି ଯେ, ସାମାଜିକ ସ୍ତରରେ ଥିବା ସାମୂହିକ ଜ୍ଞାନବୃଦ୍ଧିର ପରିଚାଳନାରେ ଗ୍ରନ୍ଥାଗାରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସହଭାଗିତା ରହିଛି। ଏହାସହ ସେ ଲାଇବ୍ରେରୀଜ୍ ଏଜ୍ ପାର୍ଟନର୍ସ ଅଫ୍ କମ୍ୟୁନିଟି ନଲେଜ୍ ମ୍ୟାନେଜମେଣ୍ଟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ବୁଲୁ ମହାରଣା, ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ଖଗେନ୍ଦ୍ର ନାଥ ସେଠୀ ଓ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାଏକ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକଙ୍କୁ ଏହି ଆଧୁନିକ ଗ୍ରନ୍ଥାଗାରର ଲାଭ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଗ୍ରନ୍ଥାଗାରିକ ଡ. ନୀଳ ରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ବିତର୍କ ଓ କୁଇଜ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀ ଲିଲି ସାହୁ ଉପସ୍ଥାପିକା ଦାୟିତ୍ୱ ନିର୍ବାହ କରିଥିବାବେଳେ ସହ-ଗ୍ରନ୍ଥାଗାରିକ ଡ. ଶ୍ରୀନିବାସ ପୁଆଳା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ସେବକ ସଂଘ ପକ୍ଷରୁ ଚାରାରୋପଣ

**ସମ୍ବଲପୁର, ୧୪।୮ (ସମିସ):** ଶ୍ରୀରାମ ସେବକ ସଂଘ ତରଫରୁ ଟିଠେଇପାଲି ଖେଳପଡ଼ିଆରେ ଚାରାରୋପଣ କରାଯାଇଛି। ସଂଘର ସଭାପତି ଅମରନାଥ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ କିଶୋର ଛତର ଏବଂ ସମ୍ମାନୀତ ଅତିଥି ଭାବେ ପ୍ରକୃତିବନ୍ଧୁ ତ୍ରୀବିକ୍ରମ ପୋଢ଼ ଯୋଗ ଦେଇଥିଲେ। ସଂଘର ଉପସଭାପତି ମହେଶ ନାଏକ, ସମ୍ପାଦକ ବିଶ୍ୱନାଥ କୁମୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ପ୍ରୀତମ ବେହେରା, ନିମାଇଁ ଷଣ୍ଢ, କରନ ବେହେରା, ଦୁର୍ଯ୍ୟୋଧନ ମହାନନ୍ଦ, ସୁନୀଲ ଷଣ୍ଡ, ସୁରେନ କିସାନ ଶିବା ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୪।୮ (ସମିସ) :** ଧମାସ୍ଥିତ ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଭାରତ ସରକାରଙ୍କ ପ୍ରାୟୋଜିତ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟାପକ ସତ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆରତୀ ଭୋଇ, ହିମାଂଶୁ ପାଣିଗ୍ରାହୀ, ସ୍ୱପ୍ନେଶ୍ୱର ସାମଲ, ବୀଣା ବେହେରା ପ୍ରମୁଖ ବ୍ରହ୍ମକୁମାରୀ ଓ ବ୍ରହ୍ମକୁମାରମାନେ ଛାତ୍ରଛାତ୍ରୀଙ୍କୁ ନିଶାସେବନର ଭୟାବହତା ଏବଂ ଏଥିରୁ ନିବୃତ ରହି କିପରି ଏକ ସୁସ୍ଥ ଶରୀର ସହ ସୁସ୍ଥ ସମାଜ ଗଢ଼ାଯାଇ ପାରିବ ସେସମ୍ପର୍କରେ ସଚେତନ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର ସଭା ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ବ୍ୟାସଦେବ ପଣ୍ଡା, ମିନତି ଦାଶ, ସୁଶ୍ରୀତ ଷଡ଼ଙ୍ଗୀ, ଚୈତନ୍ୟ ସେନାପତି, ଜୀବର୍ଦ୍ଧନ ସେଠ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିଶାମୁକ୍ତି ସହ ସାଇବର ସୁରକ୍ଷା ସଚେତନତା

ଭବାନୀପାଟଣା,୧୪।୮ (ସମିସ): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଳାହାଣ୍ଡି ଶାଖାର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ନିଶାମୁକ୍ତି ସନ୍ଦେଶ ଦେଇଥିବା ବେଳେ ବିକେ ଶଷି, ବିକେ ଦୁହ୍ଲଣୀ, ଡା. ଜୟନ୍ତିବାଳା, ବିକେ ବିକାଶ, ମହେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଭାବେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଅନ୍ତର୍ଗତ ଓଡ଼ିଶା ପୋଲିସ ଅପରାଧ ଓ ସାଇବର ସୁରକ୍ଷା ଶାଖା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଭାଷି ବାର୍ତ୍ତା ମାଧ୍ୟମରେ ଓଡ଼ିଶାର ଯୁବକ ଯୁବତୀମାନଙ୍କୁ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ଅଫିସର ସୁଶାନ୍ତ କୁମାର ଦାଶ, ଅଧ୍ୟାପକ ଶୁଭେନ୍ଦୁ ପାଢୀ, ଅଧିକାରୀ ପୁରୀତ ରଣା, ଫାଲଗୁନୀ ପ୍ରଧାନୀ, ମହିମା ଖାତୁନ, କେସନୀ ପାୟଲ ମହାନନ୍ଦ, ଅନୁକୁଲ ସାହାଣି, ଦୀନବନ୍ଧୁ ନାଗ, ସୁନିଲ ଗହିର ପ୍ରମୁଖ ସହଯୋଗ କରିଥିଲେ।

# ମହିଳାଙ୍କୁ ଯୌନ ନିର୍ଯାତନା ରୋକିବାକୁ ସଚେତନତା

ଥୁଆମୂଳ ରାମପୁର,୧୪।୮ (ସମିସ): ଥୁଆମୂଳ ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଥୁଆମୂଳ ରାମପୁର କୋର୍ଟର ତାଲୁକ ଆଇନ ସେବା ସମିତି ଅନୁକୂଲ୍ୟରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ପ୍ରତିଷେଧ, ପ୍ରତିବନ୍ଧକ ଓ ପ୍ରତିକାର ସମ୍ପର୍କିତ ଆଇନ-୨୦୧୩ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ତାଲୁକ ଆଇନ ସେବା ସମିତିର ସଦସ୍ୟ ତଥା ଥୁଆମୂଳ ରାମପୁର ଓକିଲ ସଂଘର ସଭାପତି ମନୋରଞ୍ଜନ ନାଏକ ସଭାପତିତ୍ୱ କରିଥିଲେ। ଆଇନଜୀବୀ ଦିଲ୍ଲୀପ ନାଏକ, ସରକାରୀ ଓକିଲ ସୁଧାଂଶୁ ଶେଖର ନାଏକ, କର୍ତ୍ତବ୍ୟ ଅନୁଷ୍ଠାନର ସଂଯୋଜକ ସୁଦର୍ଶନ ନାଏକ ଏବଂ ମିଶନ ଶକ୍ତିର ବିପିସି ପ୍ରତାପ ନାଏକ ପ୍ରମୁଖ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ଘଟୁଥିବା ଯୌନ ନିର୍ଯ୍ୟାତନା, ଏହାର ପ୍ରତିଷେଧ ଏବଂ ପ୍ରତିକାର ବ୍ୟବସ୍ଥା ସମ୍ପର୍କିତ ସଚେତନତାମୂଳକ ପତ୍ରିକା ଉପସ୍ଥିତ ମହିଳା କର୍ମଜୀବୀଙ୍କୁ ବଣ୍ଟନ କରାଯାଇଥିଲା। ଶେଷରେ ମିଶନ ଶକ୍ତିର ବିପିସି ପ୍ରତାପ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ୟାନ କୃଷିରେ ନୂଆପଡ଼ା ଶ୍ରେଷ୍ଠ

ସିନାପାଲି,୧୪।୮ (ସମିସ): ଉଦ୍ୟାନ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୨୦୨୫-୨୬ ବର୍ଷ ନିମନ୍ତେ ନୂଆପଡ଼ା ଜିଲ୍ଲାକୁ ରାଜ୍ୟସ୍ତରରେ "ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା' ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ କୃଷି ଭବନଠାରେ ଆୟୋଜିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କଠାରୁ ନୂଆପଡ଼ାର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ଜିଲ୍ଲା ପକ୍ଷରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଉଦ୍ୟାନ କୃଷି ବିଭାଗକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନ ପାଇଁ ଶୁଭକାମନା ଜଣାଇଛନ୍ତି। ଏହି ସଫଳତା ସମ୍ପୂର୍ଣ୍ଣ ଟିମ୍‌ର ମିଳିତ ପ୍ରୟାସର ଫଳ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ଏହି ସଫଳତା ପଛରେ ପ୍ରେରଣା ଯୋଗାଇଛି ବୋଲି ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ପ୍ରକାଶ କରିଛନ୍ତି। ଏଥିପାଇଁ ସେ ଉଦ୍ୟାନ କୃଷି ବିଭାଗ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ, କର୍ମଚାରୀ, ସହଯୋଗୀ ଓ ହିତାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ପ୍ରଶାସନର ତତ୍ପରତା

# ପରିବାର ପାଖରେ ପହଞ୍ଚିଲେ ଶ୍ରମ ଅଧିକାରୀ

ଥୁଆମୂଳ ରାମପୁର,୧୪।୮ (ସମିସ)



ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ଦୁଃଖରେ ଥିବା ପରିବାର ପାଖରେ ପହଞ୍ଚିଛି ପ୍ରଶାସନ। ଆଜି ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଭାଟିପାସ ଗ୍ରାମରେ ଶ୍ରମ ବିଭାଗର ଅଧିକାରୀମାନେ ପହଞ୍ଚି ତଥ୍ୟ ସଂଗ୍ରହ କରିଛନ୍ତି।

ନର୍ଲା ବ୍ଲକର ସହକାରୀ ଶ୍ରମ ଅଧିକାରୀ ସନାତନ ମାଝୀ ଏବଂ ଥୁଆମୂଳ ରାମପୁର ବ୍ଲକର ସହକାରୀ ଶ୍ରମ ଅଧିକାରୀ ସତ୍ୟବ୍ରତ ଭାଟିପାସ ଗ୍ରାମରେ ପହଞ୍ଚି ମୃତ ଦାଦନ ଶ୍ରମିକଙ୍କ ସ୍ତ୍ରୀ, ମା' ଏବଂ କିଛି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରିବାରର ଆର୍ଥିକ ସ୍ଥିତି, ଆବଶ୍ୟକତା ଏବଂ ପରିବାରକୁ ମିଳୁଥିବା ସରକାରୀ ସୁବିଧା ସମ୍ପର୍କରେ ଅଧିକାରୀମାନେ ତଥ୍ୟ ସଂଗ୍ରହ କରିଥିଲେ। ସଂଗୃହୀତ ତଥ୍ୟ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରାଯିବ ଏବଂ ନିୟମ ଅନୁଯାୟୀ ପରିବାରକୁ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରମ ବିଭାଗର ଅଧିକାରୀମାନେ କହିଛନ୍ତି। ଏହି ସମୟରେ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ନାଏକ, ପିଇଓ ତ୍ରିଲୋଚନ ନାଏକ ଏବଂ ଏଡିଓ ପ୍ରଶାନ୍ତ ବେଶରା ଉପସ୍ଥିତ ରହି ପରିବାରର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ବିଧବା ରଶ୍ମିଙ୍କୁ ପଞ୍ଚାୟତ ପକ୍ଷରୁ ତତ୍କାଳ ୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ସରପଞ୍ଚଙ୍କ ପକ୍ଷରୁ ଏକ ପ୍ୟାକେଟ୍ ଚାଉଳ ମଧ୍ୟ ପ୍ରଦାନ କରାଯାଇଥିଲା। ପରିବାରର ଆର୍ଥିକ ଅସୁବିଧାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ବିଧବା ଭତ୍ତାର ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ କହିଛନ୍ତି।

# ଜ୍ଞାନ କୌଶଳ, ବିଜ୍ଞାନ ହିଁ ଜୀବନବ୍ୟାପୀ ଶିକ୍ଷାକୁ ସୁନିଶ୍ଚିତ କରିବ

ଭବାନୀପାଟଣା,୧୪।୮ (ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ମ୍ୟୁନିସିପାଲ୍ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ-୨୦୨୬ ଉପଲକ୍ଷେ ଜିଲ୍ଲାସ୍ତରୀୟ ବିଜ୍ଞାନଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ୧୩ଟି ବ୍ଲକ୍‌ରୁ ୯୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭା ପରିଚାଳିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଓ ଜିଲ୍ଲା ସଂଯୋଜକ ରବୀନ୍ଦ୍ର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଥିଲେ। ବିଜ୍ଞାନ ଶିକ୍ଷକ ଅମରେଶ କୁମାର ନେଗୀ ସ୍ୱାଗତ ଭାଷଣ ଦେଇଥିଲେ। ବିଜୟାନନ୍ଦ ହୋତା, ପ୍ରକାଶ ଚନ୍ଦ୍ର ନିଶଙ୍କ, ଭି. ସୁରେନ୍ଦ୍ର କୁମାର ଓ ନାରାୟଣ ସାହୁ ସାଧନକର୍ମୀ ଭାବରେ ଉପସ୍ଥିତ ଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ସାଇବର ସଚେତନତା

କେସିଙ୍ଗା,୧୪।୮ (ସମିସ): କେସିଙ୍ଗା ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସମୀର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍ଦ୍ଦଶ ଥାନା କେସିଙ୍ଗାର ଭାରପ୍ରାପ୍ତ ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ଯୋଗଦେଇ ଛାତ୍ରୀମାନଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନ କରିଥିଲେ। କୌଣସି ସାଇବର ଠକେଇର ଶିକାର ହେଲେ ଭୟଭୀତ ନହୋଇ ତୁରନ୍ତ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ, ସାଇବର ସେଲ୍ କିମ୍ବା ପୋଲିସର ସହାୟତା ନେବାକୁ ଆଇଆଇସି ପରାମର୍ଶ ଦେଇଥିଲେ।

# ବନ୍ଧବାହାଲ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଇବଥର୍ମାଲ,୧୪।୮ (ସମିସ): ଶିଶୁ ବିଦ୍ୟା ମନ୍ଦିର, ବନ୍ଧବାହାଲ, ଜଗନ୍ନାଥନଗର ସ୍ଥିତ ବିଦ୍ୟାଳୟ ଠାରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ଯୋଜନା ଅନୁସାରେ ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶିଶୁ ବାଟିକା ଭାଗ-୧ର ଶିଶୁ ଅରୁଣ ଶ୍ରେଣୀରୁ ପ୍ରଭାତ ଶ୍ରେଣୀର ଶିଶୁଙ୍କ ମା' ମାନଙ୍କୁ ନେଇ "ମାତୃସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଲୋକନାଥ ମିଶ୍ର, ବ୍ରଜରାଜନଗର ସଂକୁଳ ପ୍ରମୁଖ ଯୋଗେଶ ପ୍ରଧାନ, ସ୍ଥାନୀୟ ପରିଚାଳନା କମିଟିର କୋଷାଧ୍ୟକ୍ଷ ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁମା ପ୍ରଜ୍ଞା ଦାସ ପରିଚାଳନା ଓ ପ୍ରଭାତ ଶ୍ରେଣୀର ଶିଶୁ ଦେବସ୍ମିତା ଦାଶ ଏକକ ସଂଗୀତ ଗାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ରୋଜାଲି ହୋତାଙ୍କ ମାର୍ଗଦର୍ଶନରେ କୁନି ଶିଶୁମାନେ ମହାପୁରୁଷଙ୍କ ପ୍ରଦର୍ଶନୀ ଓ ତାଙ୍କ ଜୀବନି ବିଷୟରେ କ୍ଷୁଦ୍ର ନାଟକ ମାଧ୍ୟମରେ ବର୍ଣ୍ଣନା କରିଥିଲେ।

# ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସ୍କୁଲ ପରିଦର୍ଶନ

ଲାଞ୍ଜିଗଡ଼,୧୪।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ସ୍କୁଲଗୁଡ଼ିକର ଭିତ୍ତିଭୂମି ଯାଞ୍ଚ କରିବା ଉଦ୍ଦେଶ୍ୟରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଦୁର୍ଗମ ଲାଞ୍ଜି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟ ଗସ୍ତ କରିଛନ୍ତି। ମୂଷାନାଳ ପଞ୍ଚାୟତ ହାଇସ୍କୁଲ, ତେନ୍ତୁଳିପଙ୍ଗା ପ୍ରାଥମିକ ବିଦ୍ୟାଳୟ ଓ ଦାଣ୍ଡିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଶ୍ରୀ ମେହେର ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। କେବଳ ଯାଞ୍ଚ ନୁହେଁ, ସେ ପିଲାମାନଙ୍କୁ ପାଠ



ମଧ୍ୟ ପଢ଼ାଇଥିଲେ। ଏହାସହିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ମଧ୍ୟ ସମୀକ୍ଷା କରିଥିଲେ। ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟ ଯେପରି ସୁଷମ ଏବଂ ସ୍ୱାସ୍ଥ୍ୟକର ହେବ, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ପାଚିକାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅଭିନବ ଜୀବିକା ଓ ଗ୍ରାମୀଣ ଉଦ୍ୟୋଗ ପଦକ୍ଷେପ ଅନୁଧ୍ୟାନ କଲେ ଓର୍‌ମାସ୍ ପ୍ରତିନିଧି ଦଳ


ସିନାପାଲି,୧୪।୮ (ସମିସ)

ସ୍ଥାୟୀ ଜୀବିକା ସୃଷ୍ଟି, ଗ୍ରାମୀଣ ଉଦ୍ୟୋଗର ବିକାଶ, ମହିଳା ସଶକ୍ତିକରଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନୂଆପଡ଼ା ଜିଲ୍ଲାରେ ଗ୍ରହଣ କରାଯାଉଥିବା ଅଭିନବ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ ଓ ଅଭିଜ୍ଞତା ବିନିମୟ ପାଇଁ ଓର୍‌ମାସ୍, କଳାହାଣ୍ଡିର ଏକ ପ୍ରତିନିଧି ଦଳ ନୂଆପଡ଼ା ଗସ୍ତ କରିଛି। ଗସ୍ତ ସମୟରେ ପ୍ରତିନିଧି ଦଳ ଓର୍‌ମାସ୍, ନୂଆପଡ଼ା ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଜୀବିକା ଓ ଗ୍ରାମୀଣ ଉଦ୍ୟୋଗମୂଳକ ପଦକ୍ଷେପ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟପ୍ରଣାଳୀ, ଉତ୍ପାଦନ, ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ ଜୀବିକା ସୃଷ୍ଟି ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ ହୋଇଥିଲେ। ସ୍ଥାନୀୟ ସମ୍ବଳର ସଦୁପଯୋଗ କରି ଗ୍ରାମୀଣ ମହିଳାଙ୍କ ପାଇଁ ଆୟ ଓ ରୋଜଗାର ସୁଯୋଗ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପ୍ରତିନିଧି ଦଳ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ସାକ୍ଷାତ କରି "ଏସୟୁପି-ମୁକ୍ତ ନୂଆପଡ଼ା' ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ଏକକ-ବ୍ୟବହାର ପ୍ଲାଷ୍ଟିକ ନିରାକରଣ, ଜନସଚେତନତା, ସାମୁଦାୟିକ ଅଂଶଗ୍ରହଣ, ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକର ପରିବେଶ ଅନୁକୂଳ ବିକଳ୍ପର ପ୍ରଚାର ଉପରେ ମତବିନିମୟ ହୋଇଥିଲା। ଏହାପରେ ପ୍ରତିନିଧି ଦଳ ଓର୍‌ମାସ୍ ଓ ଗ୍ରାମୀଣ ଶିଳ୍ପ ପାର୍କ ଅଧୀନରେ ପ୍ରୋତ୍ସାହିତ ଶାଳପତ୍ର ୟୁନିଟ୍ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ଓର୍‌ମାସ୍, ନୂଆପଡ଼ାର ୱେବସାଇଟ୍ ଏବଂ ଏହା ମାଧ୍ୟମରେ ପରିଚାଳିତ "ନୂଆପଡ଼ା ହାଟ' ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଓର୍‌ମାସ୍‌ର ଡେପୁଟି ସି ଇ ଓ ବିଦେଶ ଘୋଷ, ଜିଲ୍ଲା ରିସୋର୍ସ କୋଅର୍ଡିନେଟର (ଡି ଆର ସି) ଅନୀଲ କୁମାର ଲେଙ୍କାଙ୍କ ସମେତ ଓର୍‌ମାସ୍, ନୂଆପଡ଼ାର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।







ସକାଳ
THE SAKALA

# ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।

-ଶ୍ରୀଅରବିନ୍ଦ

## ଆଶାର କିରଣ

ଆଜି ସ୍ୱାଧୀନତାର ଦୀର୍ଘବର୍ଷର ଉପଲବ୍ଧି ବିଷୟରେ ଆତ୍ମସମୀକ୍ଷା କରିବା ବେଳେ ଯେଉଁ ନିର୍ଣ୍ଣାୟକ ଓ ଐତିହାସିକ ପ୍ରସଙ୍ଗଟି ପ୍ରଥମେ ମନକୁ ଆସୁଛି ତାହା ନିଶ୍ଚିତ ଭାବେ ଯେ ନିକଟକରେ ଦିଲ୍ଲୀର ଯନ୍ତରମନ୍ତରରେ ଆୟୋଜିତ କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଅହିଂସ ଆନ୍ଦୋଳନ - ଏହାକୁ ଯେ କେହି ସ୍ୱୀକାର କରିବେ। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ବାହୁବଳ ଓ ଅର୍ଥବଳ କବଳିତ ବୋଲି ଯେଉଁ ଧାରଣାଟି କ୍ରମଶଃ ଦୃଢ଼ ହୋଇଆସୁଥିଲା ତାହାକୁ ପ୍ରତିହତ କରିବାରେ ଛାତ୍ର ଓ ଯୁବଶକ୍ତି ସଫଳ ହୋଇଥିବା ଏଥିରୁ ପ୍ରମାଣିତ ହୋଇଛି। ଅଧିକନ୍ତୁ ରାଷ୍ଟ୍ରଗଠନରେ ଯେ ଛାତ୍ର ଓ ଯୁବଶକ୍ତି ସମ୍ବେଦନଶୀଳ ଏହି ଆଶ୍ୱାସନା ମିଳିଛି। ଆଉ ମାତ୍ର ୨୦ ବର୍ଷ ପରେ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏହା ଏକ ଶୁଭସଙ୍କେତ ନିଶ୍ଚୟ। ସ୍ୱାଧୀନତାର ୮୦ ବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ଭାରତୀୟ ଛାତ୍ର-ଯୁବ ସମାଜ ଅନ୍ତତଃ ଏହି ବାର୍ତ୍ତା ଦେଇଛନ୍ତି ଯେ କେବଳ ବରିଷ୍ଠ ଓ ଅଭିଜ୍ଞମାନେ ହିଁ ନୁହନ୍ତି, ଆମେ ମଧ୍ୟ ଭବିଷ୍ୟତର ଡୋରି ସମ୍ଭାଳିବାକୁ ସକ୍ଷମ।

ସିଜେପି ଆନ୍ଦୋଳନର ନେତୃତ୍ୱ ଛାତ୍ର-ଯୁବଶକ୍ତି ନେଇଥିଲେ ହେଁ ସେଥିରେ ସମଗ୍ର ଦେଶର ସ୍ୱର ସେଥିରେ ପ୍ରତିଫଳନ ଘଟିଥିଲା। ଦେଶବାସୀଙ୍କ ସୁପ୍ତ ପୀଡ଼ିତ ଅନ୍ତଃସ୍ୱରକୁ ସାର୍ବଜନିନ କରିବାରେ ସେମାନେ ଏଭଳି ଏକ ମଞ୍ଚ ପ୍ରଦାନ କରିଥିଲେ, ଯେଉଁଥିରେ ଗଣତନ୍ତ୍ର, ଅହିଂସା, ଅଭିବ୍ୟକ୍ତି ସ୍ୱାଧୀନତାର ସମାବେଶ ଘଟିଥିଲା। ଭାରତୀୟ ଗଣତନ୍ତ୍ର ପାଇଁ ଏହାଠାରୁ ବଳି ଉପଲବ୍ଧି ଆଉ କ'ଣ ହୋଇପାରେ! ବୁଦ୍ଧଙ୍କ ଭୂମିରେ ଅହିଂସା ଏବେ ମଧ୍ୟ ଗଣତନ୍ତ୍ରର ସ୍ୱର ହୋଇରହିଛି ଏହା ବିଶ୍ୱବାସୀ ପ୍ରତ୍ୟକ୍ଷ ଅନୁଭବ କଲେ। ତେଣୁ ସିଜେପିର ଆନ୍ଦୋଳନ ଓ ଉପଲବ୍ଧିକୁ କେବଳ ଅଭୂତପୂର୍ବ ଆଖ୍ୟା ଦେଲେ ତାହା ଯଥେଷ୍ଟ ହେବ ନାହିଁ। ବରଂ ସ୍ୱୈରଚାରର କଳାଚାଦରରେ ଗଣତନ୍ତ୍ରକୁ ଢାଙ୍କିବାକୁ ହେଉଥିବା ଉଦ୍ୟମକୁ ପଣ୍ଡ କରିବାରେ ଅମୋଘ ଅସ୍ତ୍ର ଏବଂ ଗଣତନ୍ତ୍ରର ସଞ୍ଜୀବନୀ ଭାବରେ ଏହାକୁ ତୁଳନା କଲେ ନ୍ୟାୟୋଚିତ ହେବ।

ସ୍ୱାଧୀନ ଭାରତର ସାମ୍ପ୍ରତିକ ମହାସଙ୍କଟ ହେଉଛି ସାମାଜିକ-ଆର୍ଥିକ ବୈଷମ୍ୟ ଏବଂ ମହାଅଭିଯୋଗ ହେଉଛି ସ୍ୱାଧୀନତା ଅଭିବ୍ୟକ୍ତିର କଣ୍ଠରୋଧ। ଅଭିବ୍ୟକ୍ତିର କଣ୍ଠରୋଧ ହେଲେ ଦେଶର ବାସ୍ତବ ସମସ୍ୟା ଲୋକଲୋଚନକୁ ଆସିପାରିବ ନାହିଁ କି ଏହାର ସମାଧାନ ମଧ୍ୟ ହୋଇପାରିବ ନାହିଁ। ଧୀରେ ଧୀରେ ଦେଶ ପୁଣି ଥରେ ବାହୁବଳୀ ଓ ପ୍ରତିପତ୍ତି ଧନିକ ଗୋଷ୍ଠୀଙ୍କ କବଳକୁ ଚାଲିଯିବ। ଏହି ପରିପ୍ରେକ୍ଷୀରେ କୌଣସି ପ୍ରଲୋଭନ ଓ ନାଲି ଆଖିକୁ ଭ୍ରୂକ୍ଷେପ ନ କରି ଛାତ୍ର-ଯୁବସମାଜ ଯେଉଁ ସାହସିକତା ପ୍ରଦର୍ଶନ କରିଛନ୍ତି ତାହା ଗଣତନ୍ତ୍ର ପାଇଁ ସଞ୍ଜୀବନୀ ନିଶ୍ଚୟ।

୨୦୪୭- ଭାରତ ଆଗରେ ଏବେ ଅନେକ ଆହ୍ୱାନ। ଭୂ-ରାଜନୀତିରେ ଏକପକ୍ଷରେ ଆମେରିକା ଓ ଅନ୍ୟପକ୍ଷରେ ଚୀନ୍‌ର ଆଧିପତ୍ୟ ବଢ଼ିଚାଲିଥିବା ବେଳେ ଭାରତ କେଉଁ ପକ୍ଷ ନେବ ନା ନିରପେକ୍ଷ ରହିବ ଏହି ଦ୍ୱନ୍ଦ୍ୱ ଅହରହ ଘାରୁଛି। ପାକିସ୍ତାନ-ତୁର୍କୀ-ସାଉଦି ଆରବର ସାମରିକ ମେଣ୍ଟ ଗଠନ ପରେ ଭାରତ ପ୍ରତି ପଡ଼ୋଶୀଙ୍କଠାରୁ ବିପଦ ବଢ଼ିଛି। ଆମେରିକାର ବାରମ୍ବାର ଧମକ ଭାରତର ବାଣିଜ୍ୟ ଅର୍ଥନୀତିକୁ ବଶମ୍ବଦ କରିବାକୁ ବାଧ୍ୟ କରୁଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଅବନତି ଭାରତର ଅର୍ଥନୈତିକ ମହାଶକ୍ତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଦରଦାମ ବଢ଼ୁଛି; ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ସ୍ଥିତି ଦୁର୍ବଳ ହୋଇଚାଲିଛି। ସରକାରୀ ସ୍କୁଲ୍, ସରକାରୀ ଡାକ୍ତରଖାନା ସଂଖ୍ୟା କମୁଛି; ଅପରପକ୍ଷରେ ଏହି ଦୁଇ କ୍ଷେତ୍ରରେ ଘରୋଇ ସଂସ୍ଥାଙ୍କ ଆଧିପତ୍ୟ ବଢ଼ୁଛି। ଗାନ୍ଧୀଜୀଙ୍କ ନିଶାମୁକ୍ତ ସମାଜର ବିପରୀତ ଦିଗରେ ଭାରତ ଗତି କରୁଛି। ଜଳବାୟୁ ପରିବର୍ତ୍ତନ ଉତ୍କଟ ହେବାରେ ଲାଗିଛି।

ଏହି ପୃଷ୍ଠଭୂମିରେ ଛାତ୍ର-ଯୁବଶକ୍ତିଙ୍କ ସ୍ୱଚ୍ଛ-ଦୁର୍ନୀତିମୁକ୍ତ-ଉତ୍ତରଦାୟୀ ଶାସନ ବ୍ୟବସ୍ଥା ପ୍ରତି ଅଙ୍ଗୀକାରବଦ୍ଧତା ନୂଆ ଆଶା ସଞ୍ଚାର କରିଛି। ଆଶାର କିରଣ ଆହୁରି ଦୀପ୍ତିମନ୍ତ ହୋଇ ଭାରତକୁ ଉଦ୍‌ଭାସିତ କରୁ। ପୁଣି ଥରେ ସୁନାର ଭାରତ ଗଢ଼ି ଉଠୁ। ଗଣତନ୍ତ୍ର ଦିବସର ମହାର୍ଘ ମୁହୂର୍ତ୍ତରେ ଏହି କାମନା କରିବା।

## ଜେନ୍ ଜେଡ୍-ଅର୍ଥନୀତି

ସାଧାରଣତଃ ଏକ ଧାରଣା ରହି ଆସିଛି ଯେ ଜେନ୍ ଜେଡ୍ ବର୍ଗ(୨୦୦୦ ମସିହା ପରେ ଜନ୍ମିତ) ଆର୍ଥିକ ଉଚ୍ଛୃଙ୍ଖଳ। କ୍ରମଶଃ ବଜାରର ଆକାର ଓ ପ୍ରକାର ବଢ଼ିବା ସହିତ ବହୁବିଧ ଉପଭୋକ୍ତା ସାମଗ୍ରୀ ଏବଂ ପିତାମାତାଙ୍କ ରୋଜଗାର ବୃଦ୍ଧି ଜେନ୍ ଜେଡ୍‌ଙ୍କ ଆର୍ଥିକ ଶୃଙ୍ଖଳାରେ ଅନ୍ତରାୟ ସୃଷ୍ଟି କରିଛି ବୋଲି ସମାଜ ବିଜ୍ଞାନୀମାନଙ୍କ ମତ। ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ତଥ୍ୟ ଅନୁଯାୟୀ ଜେନ୍‌ଜେଡ୍ ବର୍ଗର ଅନିୟନ୍ତ୍ରିତ ଖର୍ଚ୍ଚ ଯୋଗୁଁ ଋଣ ଭାର ବଢ଼ିବାରେ ଲାଗିଛି। ଅତ୍ୟାଧୁନିକ ଯୁବପିଢ଼ିକୁ 'ଡିଜିଟାଲ୍-ପିଢ଼ି' ଭାବରେ ମଧ୍ୟ ଅଭିହିତ କରାଯାଉଛି। ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫାର ୯୦% ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ଉପରେ ନିର୍ଭର କରୁଥିବା ବେଳେ ୮୪% ୟୁପିଆଇ ଜରିଆରେ ଆର୍ଥିକ ଦେଣନେଣ କରୁଛନ୍ତି। 'ଏବେ କିଣ ପରେ ଦେବ(ବାୟ ନାଓ ପେ ଲେଟର)' ସୂତ୍ରରେ ସେମାନେ ଅନୁପ୍ରାଣିତ ହୋଇଥିବା କୁହାଯାଉଛି। ଏଣୁ ଉତ୍ପାଦକମାନେ ଏବେ ସେମାନଙ୍କ ଉତ୍ପାଦକୁ ଜେନ୍‌ଜେଡ୍ ଓ ଜେନ୍ ଆଲ୍‌ଫା କୈନ୍ଦ୍ରିକ ପାଇଁ ଯୋଜନା କରୁଛନ୍ତି।

ଅପରପକ୍ଷରେ ନିକଟରେ ଏକ ସର୍ବେକ୍ଷଣରୁ ପ୍ରାପ୍ତ ସିଦ୍ଧାନ୍ତ ଉପରୋକ୍ତ ବ୍ୟାଖ୍ୟାନକୁ ଭୁଲ୍ ପ୍ରମାଣିତ କରିଛି। ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଜେନ୍ ଜେଡ୍ ବର୍ଗ ମିତବ୍ୟୟୀ; ଅର୍ଥାତ୍ ଦେଖି ଚାହିଁ ଟଙ୍କା ଖର୍ଚ୍ଚ କରନ୍ତି ଏବଂ ସଞ୍ଚୟ ପ୍ରତି ଅଧିକ ଯତ୍ନଶୀଳ। ଆଇଆଇଏମ୍ ଉଦୟପୁର ଦ୍ୱାରା କରାଯାଇଥିବା ଏହି ସର୍ବେକ୍ଷଣରେ ବାର୍ଷିକ ୧୫ ଲକ୍ଷ ଟଙ୍କା ଆୟ କରୁଥିବା ପରିବାରର ସନ୍ତାନସନ୍ତତିଙ୍କୁ ସାମିଲ୍ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରୁ କେତେକ ପେସାଦାର(ନିଯୁକ୍ତ) ଓ ଛାତ୍ରଛାତ୍ରୀ ଥିଲେ। ପୁଣି ସେମାନଙ୍କ ମଧ୍ୟରୁ ୩୦% ସ୍ୱଉପାର୍ଜନକ୍ଷମ ଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୮୪% ସଞ୍ଚୟ କରୁଥିବା କହିଥିବା ବେଳେ ୬୦% ଅନ୍ତତଃ ଆଗାମୀ ତିନିମାସର ଖର୍ଚ୍ଚ ପାଇଁ ଜରୁରିକାଳୀନ ପାଣ୍ଠି ଗଠନ କରିଛନ୍ତି। ୨୮% ସେମାନଙ୍କ ଆୟର ୧୦-୨୫% ସଞ୍ଚୟ କରୁଛନ୍ତି। ଏହା ନୂଆ ଯୁବପିଢ଼ିଙ୍କ ଆର୍ଥିକ ସଚେତନତା, ଆର୍ଥିକ ବିପର୍ଯ୍ୟୟଜନିତ ପ୍ରାକ୍‌ପ୍ରସ୍ତୁତି, ଦୂରଦୃଷ୍ଟି ସମ୍ପନ୍ନ ଆର୍ଥିକ ପରିଚାଳନାକୁ ସୂଚୀତ କରୁଛି। ପୁଣି ଦୁଇ-ତୃତୀୟାଂଶଙ୍କ ଡିମାଟ୍ ଆକାଉଣ୍ଟ ରହିଛି।

ଏବେ ବଜାର ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ତେଣୁ କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଏକାଧିକ ସମୀକ୍ଷା, ତର୍ଜମା ଆଧାରିତ ସିଦ୍ଧାନ୍ତ ଆବଶ୍ୟକ। ଆଗାମୀ ଦିନରେ ବ୍ୟାଖ୍ୟାନ ନୁହେଁ, ବାସ୍ତବତା ହିଁ ନିର୍ଣ୍ଣାୟକ ହେବ। ଭାରତର ଅର୍ଥନୀତି ଜେନ୍-ଜେଡ୍ କୈନ୍ଦ୍ରିକ ହେବାକୁ ଯାଉଥିବାରୁ ଅର୍ଥନୀତିର ନୂଆ ତତ୍ତ୍ୱ ଜନ୍ମ ନେବ।

# ଉପଲବ୍ଧିର ଶିଖରରେ ଅସମ୍ପୂର୍ଣ୍ଣତାର ଛାୟା

ମାନସ କୁମାର କର

ଭାରତ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି, ସେଠାରେ ପହଞ୍ଚିବାର ଯାତ୍ରା ଆଦୌ ସହଜ ନଥିଲା। ସ୍ୱାଧୀନତା ସମୟର ଦୁର୍ବଳ ଅର୍ଥନୀତି, ଖାଦ୍ୟ ସଙ୍କଟ, ନିରକ୍ଷରତା, ଅନୁନ୍ନତ ଶିକ୍ଷା ବ୍ୟବସ୍ଥା ଓ ସୀମିତ ଭିତ୍ତିଭୂମିରୁ ଆରମ୍ଭ କରି ଆଜିର ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ, ପ୍ରଯୁକ୍ତିଗତ ଓ ମାନବ ସମ୍ପଦର ଶକ୍ତି ଭାବେ ନିଜର ଉପସ୍ଥିତି ଜାହିର କରିପାରିଛି। ମହାକାଶ ବିଜ୍ଞାନରୁ ଡିଜିଟାଲ ଅର୍ଥନୀତି, ଔଷଧ ଶିଳ୍ପରୁ ଭିତ୍ତିଭୂମି, ଷ୍ଟାର୍ଟଅପ୍‌ରୁ ଉଦ୍ୟମିତା ଆଦି ବିଭିନ୍ନ କ୍ଷେତ୍ରରେ ଭାରତର ଅଗ୍ରଗତି ନିଶ୍ଚିତ ଭାବେ ଗର୍ବର ବିଷୟ। କିନ୍ତୁ ବିକାଶର ଏହି ଯାତ୍ରାକୁ କେବଳ ଉପଲବ୍ଧିର ଆଲୋକରେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ରହିଯିବ। ଆଲୋକ ଯେଉଁଠି ଅଛି, ସେଠି ଛାୟା ମଧ୍ୟ ରହିଥାଏ। ଦେଶର ବୃଦ୍ଧିଶୀଳ ଅର୍ଥନୀତି, ଆଧୁନିକ ସହର, ଦ୍ରୁତ ଗତିରେ ନିର୍ମିତ ରାଜପଥ ଓ ପ୍ରଯୁକ୍ତିଗତ ସଫଳତା ଆମକୁ ଗର୍ବିତ କରେ; କିନ୍ତୁ ସମାଜର ଶେଷ ଧାଡ଼ିରେ ଥିବା ମଣିଷଟିର ଜୀବନରେ ବିକାଶର ଆଲୋକ କେତେ ଗଭୀର ଭାବେ ପହଞ୍ଚିଛି - ଏହି ପ୍ରଶ୍ନ ମଧ୍ୟ ସେତିକି ଗମ୍ଭୀର।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଆଜି ମଧ୍ୟ ଆମକୁ ଏକ ମୌଳିକ ମାପଦଣ୍ଡ ଦେଇଥାଏ। ଗାନ୍ଧୀଙ୍କ ପାଇଁ ଭାରତର ବିକାଶ କେବଳ ଅର୍ଥନୈତିକ ସମୃଦ୍ଧିର ପ୍ରଶ୍ନ ନଥିଲା; ତାଙ୍କ ଭାରତର ସ୍ୱପ୍ନର କେନ୍ଦ୍ରରେ ଥିଲେ ସାଧାରଣ ମଣିଷ। ସମାଜର ସବୁଠାରୁ ଦୁର୍ବଳ ମଣିଷଟିର ମୁହଁକୁ ମନେ ପକାଇ ନିଷ୍ପତ୍ତି ନେବାର ତାଙ୍କର ଆହ୍ୱାନ ଆଜିର ବିକାଶ ଚର୍ଚ୍ଚାରେ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ। ଗାନ୍ଧୀଙ୍କ ଚିନ୍ତାରେ ଗାଁ ଥିଲା ଭାରତର ଆତ୍ମା। ଆଜି ଭାରତ ସହରୀକରଣ, ଶିଳ୍ପାୟନ ଓ ଡିଜିଟାଲ ବିପ୍ଳବ ଦ୍ରୁତ ଗତିରେ ଆଗେଇ ଯାଉଥିବା ବେଳେ ଗାଁର ଜୀବନ, କୃଷକଙ୍କ ଆୟ, ଗ୍ରାମୀଣ ରୋଜଗାର, ମୌଳିକ ସ୍ୱାସ୍ଥ୍ୟ ଓ ଶିକ୍ଷାର ପ୍ରଶ୍ନକୁ ଅବହେଳା କରାଯାଇପାରିବ ନାହିଁ। ଗାନ୍ଧୀଙ୍କ ଗ୍ରାମସ୍ୱରାଜର ଧାରଣାକୁ ଆଜିର ସମୟରେ ନୂଆ ଅର୍ଥ ଦେବାର ଆବଶ୍ୟକତା ରହିଛି, ଯେଉଁଠି ଗାଁ କେବଳ ସହରକୁ ଶ୍ରମ ଯୋଗାଇବ ନାହିଁ, ବରଂ ନିଜେ ଶିକ୍ଷା, ଉଦ୍ୟମ, କୃଷି-ପ୍ରକ୍ରିୟାକରଣ ଓ ରୋଜଗାରର କେନ୍ଦ୍ର ହୋଇପାରିବ। ଗାନ୍ଧୀଙ୍କ ସ୍ୱଦେଶୀ ଚିନ୍ତାଧାରାକୁ ଆଜିର ପରିପ୍ରେକ୍ଷୀରେ ଦେଖିଲେ ସ୍ଥାନୀୟ ଉତ୍ପାଦନ, ସ୍ଥାନୀୟ ଉଦ୍ୟମ ଓ ସ୍ଥାନୀୟ ରୋଜଗାରକୁ ଶକ୍ତିଶାଳୀ କରିବାର ଗୁରୁତ୍ୱ ସ୍ପଷ୍ଟ ହୁଏ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିପାରିଲେ ଗ୍ରାମରୁ ସହରକୁ ଅନିବାର୍ଯ୍ୟ ପ୍ରବାସର ଚାପ ମଧ୍ୟ କମିପାରିବ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ସହିତ ଆଉ ଏକ ପ୍ରଶ୍ନ ହେଉଛି ବୈଷମ୍ୟ। ଏକ ପଟେ ଅତ୍ୟାଧୁନିକ ଜୀବନଶୈଳୀ, ଅନ୍ୟ ପଟେ ମୌଳିକ ସୁବିଧା ପାଇଁ ସଂଘର୍ଷ ଏହି ଦୁଇ ଚିତ୍ର ଏକା ସମୟରେ ଦେଖାଯିବା ବିକାଶର ସମାବେଶୀ ସ୍ୱରୂପ ଉପରେ ପ୍ରଶ୍ନ ଉଠାଏ। ଅର୍ଥନୀତି, ଶିଳ୍ପ ବଢ଼ିବା ଦରକାର, ପୁଞ୍ଜିନିବେଶ ଆସିବା ଦରକାର; କିନ୍ତୁ ଏହାର ସୁଫଳ ସମାଜର ବ୍ୟାପକ ବର୍ଗ ପାଖରେ ପହଞ୍ଚିବା ମଧ୍ୟ ଆବଶ୍ୟକ। ଗାନ୍ଧୀଙ୍କ 'ଟ୍ରଷ୍ଟିସିପ୍' ଧାରଣା ଏଠାରେ ମନେ ପଡ଼େ। ସମ୍ପଦର ମାଲିକାନା ଯାହାଙ୍କ ହାତରେ ଥାଉ, ତାହାର ବ୍ୟବହାର ସମାଜର ବ୍ୟାପକ ମଙ୍ଗଳ ପାଇଁ ହେବା ଉଚିତ - ଏହି ଚିନ୍ତା ଆଜିର କର୍ପୋରେଟ୍ ଓ ଅର୍ଥନୈତିକ ଯୁଗରେ ନୂଆ ଭାବେ ଚିନ୍ତା କରିବାର ଅବକାଶ ଦେଇଥାଏ।

ଭାରତର ସବୁଠାରୁ ବଡ଼ ସମ୍ପଦ ହେଉଛି ଏହାର ଯୁବଶକ୍ତି। କିନ୍ତୁ ଯୁବ ଜନସଂଖ୍ୟା ଅଧିକ ଥିଲେ ମଧ୍ୟ ତାହା ଜାତୀୟ ସମ୍ପଦରେ ପରିଣତ ହୁଏ ନାହିଁ। ଯୁବପିଢ଼ିକୁ ଗୁଣାତ୍ମକ ଶିକ୍ଷା, କୌଶଳ, ଗବେଷଣା, ଉଦ୍ୟମିତା ଓ ସମ୍ମାନଜନକ ରୋଜଗାର ଦେବାକୁ ହେବ। ଆଜି ଶିକ୍ଷିତ ଯୁବକଙ୍କ ମଧ୍ୟରେ ନିଜ ଯୋଗ୍ୟତା ଅନୁଯାୟୀ ସୁଯୋଗ ନ ପାଇବାର ଅସନ୍ତୋଷ ରହିଛି। ଦୀର୍ଘ ସମୟ ଧରି ଯୁବକ ନିଜ ଭବିଷ୍ୟତ ନେଇ ଅନିଶ୍ଚିତ ରହିଲେ ତାହାର ପ୍ରଭାବ କେବଳ ପରିବାର ଉପରେ ନୁହେଁ, ସମାଜ ଓ ଅର୍ଥନୀତି ଉପରେ ମଧ୍ୟ ପଡ଼େ। ତେଣୁ ଶିକ୍ଷା ସହିତ ରୋଜଗାରର ସମ୍ପର୍କକୁ ଦୃଢ଼ କରିବାକୁ ହେବ। କେବଳ ଡିଗ୍ରୀ ନୁହେଁ, ଦକ୍ଷତା ଓ ସୃଜନଶୀଳତା ଆଗାମୀ ଦିନର ପରିଚୟ ହେବା ଆବଶ୍ୟକ। ଗାନ୍ଧୀଜୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ମହିଳାଙ୍କୁ ବ୍ୟାପକ ଭାବରେ ଯୋଡ଼ିଥିଲେ। ତାଙ୍କ ପାଇଁ ସ୍ୱାଧୀନତା କେବଳ ରାଜନୈତିକ ମୁକ୍ତି ନଥିଲା; ଏହା ସାମାଜିକ ଓ ମାନବୀୟ ମୁକ୍ତିର ମଧ୍ୟ ଏକ ପ୍ରକ୍ରିୟା ଥିଲା। ଆଜି ମହିଳାମାନେ ଶିକ୍ଷା, ପ୍ରଶାସନ, ବିଜ୍ଞାନ, ଶିଳ୍ପ, କ୍ରୀଡ଼ା ଓ ରାଜନୀତିରେ ନୂଆ ସଫଳତା ହାସଲ କରୁଛନ୍ତି। ତଥାପି ସୁରକ୍ଷା, ସମାନ ଦରମା, ରୋଜଗାରର ସୁଯୋଗ ଓ ସାମାଜିକ ସମ୍ମାନର ପ୍ରଶ୍ନ ରହିଛି। ଆଇନ ଯେତିକି ଆବଶ୍ୟକ, ସାମାଜିକ ଚେତନାର ପରିବର୍ତ୍ତନ ସେତିକି ଆବଶ୍ୟକ।

ଭାରତର ବିକାଶ ଆଲୋଚନା କୃଷକଙ୍କୁ ବାଦ ଦେଇ ସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା, ଉତ୍ପାଦନ ଖର୍ଚ୍ଚ, ବଜାରର ଅନିଶ୍ଚିତତା ଓ ଛୋଟ ଜମି ଭଳି ସମସ୍ୟା କୃଷକଙ୍କ ଜୀବନକୁ ପ୍ରଭାବିତ କରୁଛି। ଓଡ଼ିଶା ପାଇଁ ଏହି ପ୍ରଶ୍ନ ଆହୁରି ଗୁରୁତ୍ୱପୂର୍ଣ୍ଣ। ଧାନଚାଷ ସହିତ ମାଛଚାଷ, ପଶୁପାଳନ, ଉଦ୍ୟାନଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଲକ୍ଷ ଲକ୍ଷ ପରିବାରର ଜୀବିକା ସହ ଜଡ଼ିତ। ଉତ୍ପାଦନ ବଢ଼ାଇବା ସହିତ କୃଷକଙ୍କ ଉତ୍ପାଦର ଉଚିତ ମୂଲ୍ୟ, ଭଣ୍ଡାରଣ, ପ୍ରକ୍ରିୟାକରଣ ଓ ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ହେବ।

ବିକାଶର ଜାତୀୟ ଚିତ୍ରରେ ଓଡ଼ିଶା ଆଜି ଏକ ପରିବର୍ତ୍ତିତ ରାଜ୍ୟ ଭାବେ ନିଜର ପରିଚୟ ଗଢ଼ିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିଳ୍ପାୟନ, ଭିତ୍ତିଭୂମି, କ୍ରୀଡ଼ା ଓ ପ୍ରଶାସନିକ ପରିଚାଳନାରେ ରାଜ୍ୟ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି। କିନ୍ତୁ ଓଡ଼ିଶାର ଆଉ ଏକ ଚିତ୍ରକୁ ମଧ୍ୟ ଦେଖିବାକୁ ହେବ। ଖଣିଜ ସମ୍ପଦରେ ସମୃଦ୍ଧ ଅନେକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ପରିବେଶର ପ୍ରଶ୍ନ ଏବେ ମଧ୍ୟ ରହିଛି। ସମ୍ପଦ ଯେଉଁ ଅଞ୍ଚଳରୁ ଆସୁଛି, ସେଠାର ଲୋକଙ୍କ ଜୀବନମାନରେ ତାହାର ପ୍ରତିଫଳନ କେତେ ଦୃଶ୍ୟମାନ - ଏହି ପ୍ରଶ୍ନ ଗମ୍ଭୀର ଭାବରେ ଉଠିବା ଦରକାର। ବିଶେଷକରି ଆଦିବାସୀ ଅଞ୍ଚଳରେ ବିକାଶର ଅର୍ଥ କେବଳ ରାସ୍ତା କିମ୍ବା ଭବନ ନୁହେଁ। ଶିଶୁଙ୍କ ପାଇଁ ଭଲ ସ୍କୁଲ, ରୋଗୀଙ୍କ ପାଇଁ ନିକଟସ୍ଥ ଚିକିତ୍ସା, ଯୁବକଙ୍କ ପାଇଁ ରୋଜଗାର, ମହିଳାଙ୍କ ପାଇଁ ସୁରକ୍ଷା ଓ ସ୍ୱାବଲମ୍ବନ ଏବଂ ସ୍ଥାନୀୟ ସମୁଦାୟର ଅଧିକାର ଓ ସମ୍ମାନ - ଏସବୁ ମିଶିଲେ ହିଁ ବିକାଶର ପ୍ରକୃତ ଅର୍ଥ ପୂରଣ ହେବ। ଦ୍ରୁତ ଶିଳ୍ପାୟନ ଓ ସହରୀକରଣର ଯୁଗରେ ପରିବେଶ ସୁରକ୍ଷାକୁ ଅଣଦେଖା କରିବାର ସୁଯୋଗ ନାହିଁ। ଜଳସଙ୍କଟ, ବାୟୁ ପ୍ରଦୂଷଣ, ଜଙ୍ଗଲ ହ୍ରାସ ଓ ଜଳବାୟୁ ପରିବର୍ତ୍ତନ ଆଉ କେବଳ ପରିବେଶବିତ୍‌ଙ୍କ ବିଷୟ ନୁହେଁ; ଏହା କୃଷକ, ଶ୍ରମିକ, ଶିଶୁ ଓ ସାଧାରଣ ମଣିଷର ଜୀବନ ସହ ଜଡ଼ିତ। ଓଡ଼ିଶାର ସମୁଦ୍ରତଟ, ଜଙ୍ଗଲ, ନଦୀ ଓ ଜୈବବିବିଧତା ରାଜ୍ୟର ଅମୂଲ୍ୟ ସମ୍ପଦ। ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ନ ରଖିଲେ ଆଜିର ଅର୍ଥନୈତିକ ଲାଭ ଆସନ୍ତାକାଲିର ବିପର୍ଯ୍ୟୟର କାରଣ ହୋଇପାରେ।

ଆଜି ଯେତେବେଳେ ଆମେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡିଜିଟାଲ ଅର୍ଥନୀତି ଓ ସ୍ମାର୍ଟ ସିଟିର କଥା କହୁଛୁ, ସେତେବେଳେ ଗାନ୍ଧୀଙ୍କ ଚିନ୍ତାର ମୂଳ କଥାଟିକୁ ଭୁଲିବା ଉଚିତ ନୁହେଁ, ବିକାଶର କେନ୍ଦ୍ରରେ ମଣିଷ ରହିବା ଦରକାର। ପ୍ରଯୁକ୍ତି ମଣିଷର ଜୀବନକୁ ସରଳ କରିପାରେ, ଅର୍ଥନୀତିକୁ ଦ୍ରୁତ କରିପାରେ, ଉତ୍ପାଦନ ବଢ଼ାଇପାରେ। କିନ୍ତୁ ପ୍ରଯୁକ୍ତି ମାନବୀୟତାର ବିକଳ୍ପ ନୁହେଁ। ଅର୍ଥନୈତିକ ସଫଳତା ସହିତ ସାମାଜିକ ନ୍ୟାୟ, ସହାନୁଭୂତି, ସତ୍ୟ, ଅହିଂସା ଓ ମାନବୀୟ ମର୍ଯ୍ୟାଦାର ମୂଲ୍ୟକୁ ଜୀବନ୍ତ ରଖିବା ଦରକାର। ଭାରତର ଉପଲବ୍ଧି ଆମକୁ ଗର୍ବ କରିବାର ଅଧିକାର ଦେଇଛି। ଓଡ଼ିଶାର ଅଗ୍ରଗତି ମଧ୍ୟ ଆଶା ସୃଷ୍ଟି କରିଛି। କିନ୍ତୁ ଗଣତନ୍ତ୍ରରେ ଆତ୍ମସମୀକ୍ଷା ଦୁର୍ବଳତାର ଲକ୍ଷଣ ନୁହେଁ; ଏହା ଦାୟିତ୍ୱଶୀଳ ସମାଜର ପରିଚୟ। ଯେଉଁ ଗାଁରେ ଭଲ ସ୍କୁଲ ନାହିଁ, ଯେଉଁ ପରିବାର ଚିକିତ୍ସା ଖର୍ଚ୍ଚରେ ଆର୍ଥିକ ଭାବେ ଦୁର୍ବଳ ହୋଇଯାଏ, ଯେଉଁ ଯୁବକ ଯୋଗ୍ୟତା ସତ୍ତ୍ୱେ ରୋଜଗାର ଖୋଜି ଦୂର ରାଜ୍ୟକୁ ଯାଏ, ଯେଉଁ କୃଷକ ପାଣିପାଗ ଓ ବଜାର ସହ ଲଢ଼ୁଛନ୍ତି, ଯେଉଁ ଆଦିବାସୀ ପରିବାର ନିଜ ଅଞ୍ଚଳର ସମ୍ପଦ ମଧ୍ୟରେ ରହି ମୌଳିକ ସୁବିଧା ପାଇଁ ଅପେକ୍ଷା କରୁଛି ସେମାନଙ୍କ ଜୀବନରେ ବିକାଶର ଆଲୋକ କେତେ ଦୂର ପହଞ୍ଚିଛି, ତାହା ହିଁ ଆମର ପ୍ରକୃତ ପରୀକ୍ଷା।

ଗାନ୍ଧୀଙ୍କ ଭାରତର ସ୍ୱପ୍ନ ଥିଲା ଏମିତି ଏକ ଭାରତ, ଯେଉଁଠି ଦୁର୍ବଳ ମଣିଷ ନିଜକୁ ଅସହାୟ ମନେ କରିବ ନାହିଁ, ଯେଉଁଠି ଗାଁ ଓ ସହର ମଧ୍ୟରେ ବିକାଶର ଗଭୀର ଖାଇ ରହିବ ନାହିଁ, ଯେଉଁଠି ସମୃଦ୍ଧି ସହିତ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦା ମଧ୍ୟ ସୁନିଶ୍ଚିତ ହେବ। ଆଜି ଆମେ ଯେତେବେଳେ ନୂଆ ଭାରତ ଓ ବିକଶିତ ଭାରତର ସ୍ୱପ୍ନ ଦେଖୁଛୁ, ସେତେବେଳେ ଗାନ୍ଧୀଙ୍କ ସେହି ମାନବକୈନ୍ଦ୍ରିକ ଦୃଷ୍ଟିକୋଣକୁ ନୂଆ ସମୟର ଆବଶ୍ୟକତା ସହ ଯୋଡ଼ିବାକୁ ହେବ। କାରଣ ରାଷ୍ଟ୍ରର ପ୍ରକୃତ ଶକ୍ତି କେବଳ ତାହାର ଅର୍ଥନୀତିର ଆକାରରେ ନୁହେଁ, ସବୁଠାରୁ ଦୁର୍ବଳ ମଣିଷଟିର ମୁହଁରେ ଫୁଟିଉଠୁଥିବା ନିରାପତ୍ତା, ସମ୍ମାନ ଓ ଆଶାର ହସରେ ରହିଛି।

ଭାରତର ଯାତ୍ରା ଏଯାବତ୍ ଅସମ୍ପୂର୍ଣ୍ଣ। ଓଡ଼ିଶାର ଯାତ୍ରା ମଧ୍ୟ ଅସମ୍ପୂର୍ଣ୍ଣ। କିନ୍ତୁ ଏହି ଅସମ୍ପୂର୍ଣ୍ଣତା ଆମର ଦୁର୍ବଳତା ନୁହେଁ। ଏହା ଆମକୁ ଆହୁରି ଭଲ ଭାରତ ଏବଂ ଆହୁରି ସମୃଦ୍ଧ, ସମ୍ମାନ ଓ ମାନବୀୟ ଓଡ଼ିଶା ଗଢ଼ିବାର ପ୍ରେରଣା ଦେଉଛି। ଉପଲବ୍ଧି ଆମକୁ ଗର୍ବ ଦେଉ, କିନ୍ତୁ ଆହ୍ୱାନ ଆମକୁ ସଚେତନ ରଖୁ। ବିକାଶ ଆମକୁ ଆଗକୁ ନେଉ, କିନ୍ତୁ ମାନବୀୟତା ଆମର ଦିଗ ନିର୍ଦ୍ଦେଶ କରୁ - ଏହା ହେଉ ଆଗାମୀ ଭାରତ ଏବଂ ଓଡ଼ିଶା ପାଇଁ ସବୁଠାରୁ ବଡ଼ ସଙ୍କଳ୍ପ।

କୋଡାଙ୍ଗ(କୋଣାର୍କ)
ମୋ: ୭୩୮୧୩୮୨୨୧୦

# ବ୍ରିଟିଶରାଜ ଓ ଭାରତୀୟ ଗୁପ୍ତ ସଂଗଠନ

ଡ. ପ୍ରଦୀପ କୁମାର ନାୟକ

ଆମ ସମସ୍ତଙ୍କର ଧାରଣା ଅଛି ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୦ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଅହିଂସା ଓ ଶାନ୍ତିପୂର୍ଣ୍ଣ ପଦ୍ଧତିରେ ଚାଲିଥିଲା। ଭାରତୀୟ ଜାତୀୟ କଂଗ୍ରେସର ଅନେକ ତୁଙ୍ଗ ନେତା ଯାହାଙ୍କୁ ସମସ୍ତ ଦେଶବାସୀ ନରମପନ୍ଥୀ ବୋଲି କହୁଥିଲେ ଯଥା ମୋତିଲାଲ ନେହେରୁ, ଜବାହରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଅବୁଲ କଲାମ ଆଜାଦ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସରୋଜିନୀ ନାଇଡୁ ଏବଂ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ୧୯୧୫ ସାଲରେ ଭାରତକୁ ଆସିବା ପୂର୍ବରୁ ଦାଦାଭାଇ ନାରୋଜି, ଗୋପାଳ କ୍ରିଷ୍ଣ ଗୋଖଲେ ଆଦି ନେତା ଶାନ୍ତିପୂର୍ଣ୍ଣ ଭାବେ ଭାରତ ପାଇଁ ସ୍ୱାଧୀନତା ଆଣିବାର ପ୍ରୟାସ କରିଥିଲେ। କିନ୍ତୁ ସେହି କଂଗ୍ରେସ ଦଳର ନେତାଜୀ ସୁଭାଷ ବୋଷ, ଲାଲା ଲଜପତ ରାୟ, ବାଲ ଗଙ୍ଗାଧର ତିଲକ ଓ ବିପିନ ଚନ୍ଦ୍ର ପାଲଙ୍କ ଭଳି ଚରମପନ୍ଥୀ ମଧ୍ୟ ଥିଲେ ଏବଂ ଶକ୍ତି, ହିଂସା ଓ ବଳ ପ୍ରୟୋଗ ଦ୍ୱାରା ବ୍ରିଟିଶରାଜକୁ ଦମନ କରାଯାଇ ପାରିବ ବୋଲି ଭାବୁଥିଲେ। ତତ୍କାଳୀନ ବିପ୍ଳବୀ ଅରବିନ୍ଦ ଘୋଷ ୧୯୦୭ ମସିହା ଏପ୍ରିଲ ୧୧ ଓ ୨୩ ତାରିଖରେ 'ବନ୍ଦେ ମାତାରମ' ଖବରକାଗଜରେ କଂଗ୍ରେସର ନିଷ୍କ୍ରିୟ ପ୍ରତିବାଦ ବା ଅହିଂସା ନୀତିକୁ ଭିକ୍ଷୁକ ନୀତି କହି କଡ଼ା ସମାଲୋଚନା କରିଥିଲେ। କେବଳ ହିଂସା ଓ ରକ୍ତପାତ ଦ୍ୱାରା ହିଁ ବ୍ରିଟିଶରମାନଙ୍କୁ ଭାରତରୁ ବିତାଡ଼ିତ କରାଯାଇପାରେ ବୋଲି ସେ ହୃଦୟଙ୍ଗମ କରିଥିଲେ।

ଗାନ୍ଧୀଙ୍କ ଅହିଂସା ନୀତିରେ ଯେଉଁ ବିପ୍ଳବୀମାନଙ୍କର ଆସ୍ଥା ଓ ବିଶ୍ୱାସ ନଥିଲା ସେମାନେ ଭାରତର ବିଭିନ୍ନ ଅଞ୍ଚଳରେ ଗୁପ୍ତ ସଂଗଠନମାନ ଗଠନ କରି ବ୍ରିଟିଶ ସରକାର ଉପରେ ଚାପ ପ୍ରୟୋଗ କରିଥିଲେ। ୧୯୦୨ ମସିହାରେ ଅବିଭାଜିତ ବଙ୍ଗ ପ୍ରଦେଶରେ 'ଅନୁଶୀଳନୀ ସମିତି' ନାମକ ଏକ ଗୁପ୍ତ ସଂଗଠନ ସ୍ଥାପିତ ହୋଇଥିଲା, ଯାହାର ମୁଖ୍ୟ ପ୍ରତିଷ୍ଠାତା ଥିଲେ ପ୍ରମଥନାଥ ମିତ୍ର, ଅରବିନ୍ଦ ଘୋଷ, ବାରିନ୍ଦ୍ର ଘୋଷ ଓ ସତୀଶ ଚନ୍ଦ୍ର ବାସୁ। ଏହା ଏକ ଆଖଡ଼ା ତଥା ବ୍ୟାୟାମଶାଳା ରୂପେ ଲୋକଙ୍କୁ ବିଭ୍ରାନ୍ତ କରୁଥିଲା। ୧୯୦୬ ସାଲରେ ବଙ୍ଗରେ 'ଯୁଗାନ୍ତର' ନାମକ ଏକ ସଂଗଠନ ଗଠନ ହୋଇଥିଲା, ଯାହାର କାର୍ଯ୍ୟକ୍ଷେତ୍ର ଉତ୍ତର ପ୍ରଦେଶ, ବିହାର ଓ ଓଡ଼ିଶାରେ ଥିଲା। ଏହାର ପ୍ରତିଷ୍ଠାତା ଥିଲେ ବାରିନ୍ଦ୍ର ଘୋଷ, ବାଘା ଯତୀନ, ଭୁପେନ୍ଦ୍ରନାଥ ଦତ୍ତ ଓ ଅବିନାଶ ଭଟ୍ଟାଚାର୍ଯ୍ୟ। ଏହି ସଂଗଠନର ମୁଖ୍ୟ ଲକ୍ଷ୍ୟ ଥିଲା ଉଚ୍ଚପଦସ୍ଥ ବ୍ରିଟିଶ ଅଫିସରମାନଙ୍କୁ ଗୁପ୍ତରେ ହତ୍ୟା କରିବା, ବୋମା ତିଆରି କରିବା ଏବଂ ବିଦେଶରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା।

୧୮୯୯ରେ ମହାରାଷ୍ଟ୍ରର ନାସିକ ଠାରେ 'ମିତ୍ରମେଳା' ଓ ୧୯୦୪ ମସିହାରେ ମହାରାଷ୍ଟ୍ରର ପୁନେ ଠାରେ 'ଅଭିନବ ଭାରତ ସୋସାଇଟି' ବିପ୍ଳବୀ ବିନାୟକ ଦାମୋଦର ସବରକରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ସଂଗଠନର ସଦସ୍ୟମାନେ ନାସିକଠାରେ ବ୍ରିଟିଶ କଲେକ୍ଟର ଏ.ଏମ. ଟି ଜ୍ୟାକସନ୍‌ଙ୍କୁ ୧୯୦୯ ଡିସେମ୍ବର ୨୧ ତାରିଖରେ ହତ୍ୟା କରି ଚର୍ଚ୍ଚିତ ହୋଇଥିଲେ। ୧୮୯୭ ମସିହାରେ କଲିକତାରେ ବିପିନ ବିହାରୀ ଗାଙ୍ଗୁଲି 'ଆତ୍ମୋନ୍ନତି ସମିତି' ନାମକ ଏକ ବ୍ରିଟିଶ ବିରୋଧୀ ସଂଗଠନର ସ୍ଥାପନା କରିଥିଲେ। ସେହିପରି ୧୯୦୭ ମସିହାରେ ଭଗତ ସିଂଙ୍କ ଦାଦା ଅଜିତ ସିଂ ଲାହୋରରେ 'ଭାରତ ମାତା ସୋସାଇଟି' ଗଠନ କରି ବ୍ରିଟିଶରମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲେ।

୧୯୨୪ ମସିହାରେ କାନପୁରଠାରେ ସଚିନ୍ଦ୍ରନାଥ ସାନ୍ୟାଲ 'ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ' ଗଠନ କରିଥିଲେ। ଏହାପୂର୍ବରୁ ବାଳକୃଷ୍ଣ ଓ ବାସୁଦେବ ଚପେକର ଦୁଇ ଭାଇ ୧୮୯୦ ଦଶକରେ 'ଚପେକର କ୍ଲବ' ଆରମ୍ଭ କରିଥିଲେ ବ୍ରିଟିଶମାନଙ୍କୁ ଭୟଭୀତ କରିବା ପାଇଁ। ୧୮୯୭ ମସିହାରେ ସେମାନେ ପୁନେର ପ୍ଲେଗ କମିଶନର ଡବ୍ଲୁ.ସି. ରୟାଣ୍ଡଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାଛଡ଼ା ଲଣ୍ଡନରେ ୧୯୦୫ ମସିହାରେ 'ଇଣ୍ଡିଆ ହାଉସ' ଶ୍ୟାମଜି କ୍ରିଷ୍ଣା ବର୍ମାଙ୍କ ଦ୍ୱାରା ଏବଂ କାନାଡ଼ାରେ ୧୯୧୩ ମସିହାରେ 'ଘଦର ପାର୍ଟି' ଗଠିତ ହୋଇଥିଲା ହିଂସା ଓ ରକ୍ତପାତ ଦ୍ୱାରା ବ୍ରିଟିଶରମାନଙ୍କୁ ଭୟଭୀତ କରି ଭାରତରୁ ବିତାଡ଼ିତ କରିବା ପାଇଁ।

ସେଥିପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯେଉଁ ବୀର ବିପ୍ଳବୀମାନେ ନିଜର ସ୍ୱାର୍ଥର ଜଳାଞ୍ଜଳି ଦେଇ ଦେଶ ପାଇଁ ସ୍ୱାଧୀନତା ଆଣିବାରେ ପ୍ରମୁଖ ଭୂମିକା ତୁଲେଇଛନ୍ତି ତାହାକୁ ଦେଶବାସୀ ଭୁଲିବା ଉଚିତ ନୁହେଁ। ସେମାନେ ଥିଲେ ଅଦୃଶ୍ୟ ଶକ୍ତି। ସେମାନେ ନେତାଜୀଙ୍କ 'ଆଜାଦ ହିନ୍ଦ ଫୌଜ' ପରି ବ୍ରିଟିଶରମାନଙ୍କ ଶାସନକଳର ମୂଳଦୁଆକୁ ଦୋହଲେଇ ଦେଇଥିଲେ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

## ଓଡ଼ିଶାର ବୌଦ୍ଧ ପରମ୍ପରା

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

**କେବଳ କଳିଙ୍ଗରେ ପ୍ରକାଶିତ ଶିଳାଲେଖ:**

ନଂ ୧ - ପ୍ରଥମ କଳିଙ୍ଗ ଶିଳାଲେଖରେ ଏକ କଠୋର ଏବଂ ନିର୍ଦ୍ଦେଶାତ୍ମକ ସ୍ୱର ରହିଛି, ଯାହା ଅଧିକାଂଶ ଅନ୍ୟ ଶିଳାଲେଖରେ ଦେଖିବାକୁ ମିଳେ ନାହିଁ। କିନ୍ତୁ ପ୍ରଥମତଃ ଏହା ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ କରାଯାଇ ନାହିଁ, ବରଂ ତୋଷାଳୀ ଓ ସମପା ନଗରୀର ଉଚ୍ଚ ପଦାଧିକାରୀ(ମହାମାତ୍ର) ଏବଂ ସହରର ବିଚାରପତି(ନ୍ୟାୟିକ ଅଧିକାରୀ)ମାନଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଥିଲା। ଅଶୋକ ଦୃଢ଼ତାର ସହିତ ଘୋଷଣା କରିଛନ୍ତି କି ସେ ଯେଉଁ ନୀତିକୁ ସମର୍ଥନ କରିବେ ତାହାକୁ ଯେ କୌଣସି ଉପାୟରେ କାର୍ଯ୍ୟକାରୀ କରିବେ। ସେମାନେ ହଜାର ହଜାର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କୁ ଲୋକମାନଙ୍କର ବିଶ୍ୱାସ ତଥା ସ୍ନେହ ଓ ଆଦର ହାସଲ କରିବାକୁ ହେବ। ଅଶୋକ ନିଜର ଅଧିକାରୀମାନଙ୍କ ସହିତ ନିଜକୁ ସାମିଲ କରି 'ଆମେ' (ପ୍ରଥମ ପୁରୁଷ ବହୁବଚନ) ଶବ୍ଦ ବ୍ୟବହାର କରୁଥିଲେ। ସେ ତାଙ୍କର ପ୍ରସିଦ୍ଧ ବକ୍ତବ୍ୟକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି - 'ସମସ୍ତେ ମୋର ସନ୍ତାନ'। ନିଜ ସନ୍ତାନଙ୍କ ପାଇଁ ସେ ଯେପରି କାମନା କରନ୍ତି, ସେହିପରି ସେ ସମସ୍ତ ପ୍ରଜାମାନଙ୍କର ସୁଖ ଓ କଲ୍ୟାଣ କାମନା କରିଛନ୍ତି। ଅଧିକାରୀମାନେ ଏହା ବୁଝିପାରିନାହାନ୍ତି, ଅଶୋକ ନିଜର ନୀତିକୁ କାର୍ଯ୍ୟକାରୀ କରିବାକୁ କେତେ ଆନ୍ତରିକତାର ସହ ଚାହୁଁଛନ୍ତି। ବିନା କାରଣରେ ଲୋକମାନଙ୍କୁ ବନ୍ଦୀ କରାଯାଇ ନିର୍ଯାତନା ଦିଆଯାଉଛି। ଅଧିକାରୀମାନେ ନିଜର ଦୁର୍ବଳତା ବା ତ୍ରୁଟିଗୁଡ଼ିକୁ ସୁଧାରିବାକୁ ହେବ। ନଚେତ୍ ସ୍ୱର୍ଗର କ୍ରୋଧର ଶିକାର ହେବାକୁ ପଡ଼ିବ ଏବଂ ରାଜାଙ୍କର ମଧ୍ୟ।

ଏହି ଶିଳାଲେଖର ଏକ ଅସାଧାରଣ ବ୍ୟବସ୍ଥାଟି ହେଉଛି ଏହାକୁ ଉଚ୍ଚସ୍ୱରରେ ସର୍ବସାଧାରଣରେ ପ୍ରତି ତିଷ୍ୟ ନକ୍ଷତ୍ର ଦିବସରେ ଘୋଷଣା କରାଯିବ ଏବଂ ସମୟକୁ ସମୟ ସଠିକ୍ ବ୍ୟବଧାନରେ ସେହି ତିଷ୍ୟ ନକ୍ଷତ୍ର ଦିବସଗୁଡ଼ିକରେ ଏହି ଘୋଷଣା ଜାରି ରହିବ। ଏହିପରି ଭାବରେ ସେହି ସମୟରେ ଯେତେ ଅଧିକ ସମ୍ଭବ ଏହି ଶିଳାଲେଖଟିର ପ୍ରଚାର ପ୍ରସାର କରାଯାଇଥିଲା। ତାଙ୍କ ପ୍ରଜାମାନଙ୍କ ମଧ୍ୟରୁ କେହି ଯେପରି ଅନ୍ୟାୟ କାରାବାସ ବା ନିର୍ଯାତନାର ଶିକାର ନ ହୁଅନ୍ତି, ତାହାକୁ ନିଶ୍ଚିତ କରିବା ବିଷୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅଶୋକ ଏହି ଅନୁଶାସନରେ ଉଲ୍ଲେଖ କରିଛନ୍ତି। ରାଜାଙ୍କ ନିର୍ଦ୍ଦେଶଗୁଡ଼ିକ ଠିକ୍ ଭାବରେ ପାଳନ ହେଉଛି କି ନାହିଁ ତାହା ନିଶ୍ଚିତ କରିବା ସକାଶ ପ୍ରତି ପାଞ୍ଚ ବର୍ଷରେ ରାଜଧାନୀରୁ ଜଣେ ସ୍ୱତନ୍ତ୍ର ପରିଦର୍ଶକଙ୍କୁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା। ଉଜ୍ଜୟିନୀର ପ୍ରାଦେଶିକ ରାଜ୍ୟପାଳ ଭାବେ ନିଯୋଜିତ ଯୁବରାଜ କୁନାଲଙ୍କୁ ମଧ୍ୟ ଏହିଭଳି ଅନୁସନ୍ଧାନ ଏବଂ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ଯାଞ୍ଚ ତିନିବର୍ଷରୁ ଅଧିକ ବ୍ୟବଧାନରେ ହେବା ଉଚିତ ନୁହେଁ ବୋଲି ମଧ୍ୟ କୁହାଯାଇଥିଲା। ସେହିଭଳି ତକ୍ଷଶିଳା ପ୍ରଦେଶର ଅଧିକାରୀମାନଙ୍କ ପାଇଁ ମଧ୍ୟ ଏହିଭଳି ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା।

ଯେହେତୁ ଏହି ଶାସନାଦେଶରେ ବିଶେଷ ଭାବରେ ଉଜ୍ଜୟିନୀ ଓ ତକ୍ଷଶିଳା ନାମକ ଦୁଇଟି ପଶ୍ଚିମ ପ୍ରଦେଶ ବିଷୟରେ ଉଲ୍ଲେଖ ଅଛି, ତେଣୁ ଏହା ସ୍ପଷ୍ଟ ଯେ ଏହା କେବଳ ନବବିଜିତ କଳିଙ୍ଗ ଅଞ୍ଚଳ ନିମନ୍ତେ ଉଦ୍ଦିଷ୍ଟ ନଥିଲା; ବରଂ ଏହାକୁ ସମଗ୍ର ସାମ୍ରାଜ୍ୟରେ ପଢ଼ାଯିବା ପାଇଁ ଜାରି କରାଯାଇଥିଲା। ନିଶ୍ଚିତ ଭାବରେ ଅଶୋକ କେବଳ କଳିଙ୍ଗରେ ନୁହେଁ; ବରଂ ତାଙ୍କର ସମଗ୍ର ସାମ୍ରାଜ୍ୟରେ ତାଙ୍କ ଅଧିକାରୀମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଅନ୍ୟାୟ ତଥା ଅତ୍ୟାଚାର କରାଯାଉଥିବା ଏବଂ ଅକାରଣରେ ସେମାନଙ୍କୁ ଦଣ୍ଡିତ କରୁଥିବା ଯୋଗୁଁ ବ୍ୟକ୍ତିଗତ ଭାବେ ଅତ୍ୟନ୍ତ ଚିନ୍ତିତ ଥିଲେ। ଆମେ ସହଜରେ ଅନୁମାନ କରିପାରିବା ଯେ ଉଜ୍ଜୟିନୀର ଅଧିକାରୀମାନେ ବିଶେଷ ଭାବରେ ଅତ୍ୟାଚାରୀ ଥିଲେ। ଏଣୁ ସେଠାକାର ଜେଲ ପରିଦର୍ଶକଙ୍କୁ ଅନ୍ୟୂନ ପ୍ରତି ତିନିବର୍ଷରେ ଥରେ ଗସ୍ତ କରିବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଥିଲା। ତକ୍ଷଶିଳାରେ ସ୍ଥିତି ହୁଏତ ସାମାନ୍ୟ ଭଲ ଥିଲା। ଏଣୁ ସେଠାକାର ଅଧିକାରୀମାନଙ୍କୁ ସେମାନଙ୍କର ନିୟମିତ ପରିଦର୍ଶନ ସମୟରେ ଅନ୍ୟାୟ କାରାବାସ ଓ ନିର୍ଯାତନା ଭଳି ମାମଲାର ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିନୟତୋଷ ମିଶ୍ର...

ବେଳେ ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ଡିଜିପି ଦାୟିତ୍ୱ ଦିଆଯାଇଛି। ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ୧୯୬୬ ମସିହାରେ ବିହାରରେ ଜନ୍ମଗ୍ରହଣ କରିଥିଲେ। ଆଉ ମାତ୍ର କିଛି ମାସ ମଧ୍ୟରେ ଅବସର ନେବାକୁ ଯାଉଥିବା ବିନୟତୋଷଙ୍କ କାର୍ଯ୍ୟକାଳ ଆଉ ମାତ୍ର ୬ ମାସରୁ କମ୍ ଥିବାରୁ ରାଜ୍ୟ ସରକାର ତାଙ୍କ ନାମକୁ ୟୁପିଏସ୍‌ସିକୁ ପଠାଇ ନ ଥିଲେ। ବର୍ତ୍ତମାନର ଡିଜିପି ୱାଇବି ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଅବସର ନେବାକୁ ଯାଉଛନ୍ତି। କାର୍ଯ୍ୟକାରୀ ଡିଜିପି ଚୟନ ବ୍ୟତିତ ରାଜ୍ୟ ସରକାରଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା। ଏଣୁ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ଉପରେ ଭରସା ପ୍ରକଟ କରି ତାଙ୍କୁ କାର୍ଯ୍ୟକାରୀ ଡିଜିପି ଭାବେ ଚୟନ କରିଛନ୍ତି। ତେବେ ବିନୟତୋଷ ମିଶ୍ର କେତେଦିନ ଡିଜିପି ଭାବେ କାର୍ଯ୍ୟ କରିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏସମ୍ପର୍କରେ ବିନୟତୋଷ ମିଶ୍ର କହିଛନ୍ତି ରାଜ୍ୟ ସରକାର ମୋତେ କାର୍ଯ୍ୟକାରୀ ଡିଜିପି ଭାବେ ନିଯୁକ୍ତ କରିଛନ୍ତି। ସବୁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ। ମୁଁ ଯେତିକି ସମୟ ପାଇଁ କାର୍ଯ୍ୟକାରୀ ଡିଜିପି ରହିବି ସୁଚାରୁ ରୂପେ ମୋର କର୍ତ୍ତବ୍ୟ କରିବି। ରାଜ୍ୟ ଆଇନଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବି ବୋଲି ଶ୍ରୀ ମିଶ୍ର କହିଛନ୍ତି।

### ସର୍ବଦଳୀୟ ବୈଠକ...

ନବୀନ କହିଛନ୍ତି ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କର। ଖଣିରୁ ମିଳୁଥିବା ରାଜସ୍ୱକୁ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ କଲ୍ୟାଣ ଓ ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଖଣିଜ ସମ୍ପଦ ଉପରେ କର ଓ ସେସ୍ ଲାଗୁ କରିବାର କ୍ଷମତା ହ୍ରାସ ପାଇଲେ ଏହା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବ । ଏହି ପରିପ୍ରେକ୍ଷୀରେ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ରାଜ୍ୟର ସଂଘୀୟ ଅଧିକାର ଓ ଖଣିଜ ରାଜସ୍ୱ ସୁରକ୍ଷା ନେଇ ଏକମତ ହେବା ଏବଂ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ସଂଶୋଧନ ଆଇନକୁ ବିରୋଧ କରି ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ କରିବାକୁ ନବୀନ ଦାବି କରିଛନ୍ତି। ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଆମର ସଂଘୀୟ ବ୍ୟବସ୍ଥାରେ ସମ୍ବିଧାନସମ୍ମତ ଭାବେ ଅନ୍ତର୍ନିହିତ ଏକ ମୌଳିକ ସିଦ୍ଧାନ୍ତ। ଏହି ବିଲ୍ କେନ୍ଦ୍ର-ରାଜ୍ୟ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭକୁ ସିଧାସଳଖ ଦୁର୍ବଳ କରୁଛି। ଏହା ଭାରତର ସଂଘୀୟ ଢାଞ୍ଚାକୁ ଆଘାତ କରୁଛି ବୋଲି ନବୀନ କହିଛନ୍ତି। ଚିଠିରେ ନବୀନ ଦର୍ଶାଇଛନ୍ତି, ଏହା କୌଣସି ରାଜନୈତିକ ଦଳର ପ୍ରସଙ୍ଗ ନୁହେଁ; ଓଡ଼ିଶାର ଆର୍ଥିକ ସ୍ଥିରତା ଓ ଭବିଷ୍ୟତ ବିକାଶ ସହ ଜଡ଼ିତ ଏକ ଗୁରୁତର ବିଷୟ। କେନ୍ଦ୍ର ସରକାର ଯଦି ଖଣିଜ ଜମି ଉପରେ ରାଜ୍ୟର ଅଧିକାର ଓ ସେସ୍ ଲାଗୁ କରିବାର କ୍ଷମତା କମାଇ ଦିଅନ୍ତି, ତେବେ ଖଣିଜ ଖନନର ପ୍ରଦୂଷଣ, ବିସ୍ଥାପନ ଓ ଅନ୍ୟାନ୍ୟ ଭାର ଓଡ଼ିଶା ଉପରେ ରହିବ, କିନ୍ତୁ ଏହା ଦ୍ୱାରା ମିଳିବାକୁ ଥିବା କୌଣସି ଲାଭ ରାଜ୍ୟବାସୀ ପାଇବେ ନାହିଁ। ଏହି ପ୍ରସଙ୍ଗ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ବୋଲି ଉଲ୍ଲେଖ କରି ନବୀନ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ଏକମତ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

### ଚେତା ହରାଇଲେ...

ହୋଇଯାଇଥିଲେ। ବ୍ଲକ୍ ଅଫିସର କର୍ମଚାରୀମାନେ ବିଜେପି ନେତା ଓ କର୍ମୀଙ୍କ ଘେରାବନ୍ଦୀରୁ ତାଙ୍କୁ ମୁକ୍ତ କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ; ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଡ଼େରାବିଶ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ଶାସକ ଦଳର ନେତା ଓ କର୍ମୀମାନଙ୍କ ଉତ୍ପାତରେ ସରକାରୀ ଅଧିକାରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି ।

ଅଭିଯୋଗ ଅନୁସାରେ ଶୁକ୍ରବାର ଡ଼େରାବିଶ ବିଡ଼ିଓ ନମିତା ବାରିକ ତାଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କର କିଛି ସମର୍ଥକ ତାଙ୍କ କୋଠରୀକୁ ପ୍ରବେଶ କରିଥିଲେ। ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀଙ୍କ ବଦଳି ଓ ତାଙ୍କ ସମର୍ଥକଙ୍କୁ ଉନ୍ନୟନମୂଳକ କାମ ନ ମିଳିବାକୁ ନେଇ ଉମାକାନ୍ତ ତାଙ୍କ ପ୍ରତି ଅତ୍ୟନ୍ତ କଟୁ ଭାଷା ପ୍ରୟୋଗ କରିଥିଲେ। ତାଙ୍କର ସମର୍ଥକମାନେ ମଧ୍ୟ ବିଡ଼ିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଗାଳିଗୁଲଜ କରିବା ସହ ଅଶାଳୀନ ଶବ୍ଦ ପ୍ରୟୋଗ କରିଥିଲେ। ଏତେ ଲୋକଙ୍କ ଗାଳିଗୁଲଜରେ ତାଙ୍କର ରକ୍ତଚାପ ବଢ଼ି ଯାଇଥିଲା ଓ ସେ ମାନସିକ ଭାରସାମ୍ୟ ହରାଇ ନିଜ ଚେୟାରରେ ଚେତାଶୂନ୍ୟ ହୋଇପଡ଼ିଥିଲେ।

ନିଜ ଅଧିକାର ପାଇଁ ସରକାରୀ ଅଧିକାରୀଙ୍କୁ ପ୍ରଶ୍ନ ବା ଅଭିଯୋଗ କରିବା ପ୍ରତ୍ୟେକ ଲୋକଙ୍କ ଗଣତାନ୍ତ୍ରିକ ଅଧିକାର । ଏହାକୁ ନେଇ କେହି ଆପତ୍ତି କରିପାରିବେ ନାହିଁ। ମାତ୍ର ଜନୈକ ସରକାରୀ ଅଧିକାରୀଙ୍କ କୋଠରୀରେ ତାଙ୍କୁ ଅପମାନିତ କରିବା, ତାଙ୍କ ପ୍ରତି କଟୁ ଓ ଅଶାଳୀନ ଶବ୍ଦ ପ୍ରୟୋଗ କରିବା ଓ ଦଳୀୟ ପ୍ରଭାବ ଦେଖାଇ ଚାପ ସୃଷ୍ଟି କରିବା କୌଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ବ୍ଲକ କାର୍ଯ୍ୟାଳୟରେ ବିଜେପିର ଜଣେ ପରାଜିତ ବିଧାୟକ ପ୍ରାର୍ଥୀ ତତ୍‌କାଳୀନ ବିଡ଼ିଓଙ୍କ ଉପରକୁ କମ୍ପ୍ୟୁଟର ଫିଙ୍ଗିଥିଲେ; କେଇସପ୍ତାହ ତଳେ ବିଜେପିର ଦୁଇଜଣ ପରାଜିତ ବିଧାୟକ ପ୍ରାର୍ଥୀ କଟକ ଜିଲ୍ଲାର ଏକ ବ୍ଲକ୍ କାର୍ଯ୍ୟାଳୟରେ ପ୍ରବେଶ କରି ଏବିଡ଼ିଓଙ୍କ ସହ ମହିଳା ସରକାରୀ ଅଧିକାରୀମାନଙ୍କୁ ଅତ୍ୟନ୍ତ ଅଶାଳୀନ ବ୍ୟବହାର କରିଥିଲେ। କେବଳ ଏହି ଗୋଟିଏ ଦୁଇଟି ଉଦାହରଣ ନୁହେଁ, ସାରା ରାଜ୍ୟରେ ଶହଶହ ଉଦାହରଣ ଦେଖିବାକୁ ମିଳୁଛି। ସରକାରୀ ଅଧିକାରୀ ଯଦି ନିଜ କାର୍ଯ୍ୟାଳୟରେ ନିରାପଦ ଭାବେ କାମ କରିପାରିବେ ନାହିଁ, ତେବେ ସାଧାରଣ ଲୋକଙ୍କୁ ସୁଶାସନ ଦେବା କେତେଦୂର ସମ୍ଭବ, ତାହା ଏବେ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ଶାସକ ଦଳ ସହ ସମ୍ପୃକ୍ତ ନେତା ଓ କର୍ମୀଙ୍କ ବିରୋଧରେ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଓ ଚାପ ପକାଇବା ଭଳି ଅଭିଯୋଗ ଆସିବା ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ ଅଧିକାରୀଙ୍କୁ ପିଟିଲେ, ଜୋତାରେ ଛେପ ପକାଇ ଚାଟିବାକୁ କହିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ଭୁବନେଶ୍ୱର ବିଏମ୍‌ସି କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ବିଜେପିର କର୍ମୀମାନେ ଘୋଷାରି ଘୋଷାରି ପିଟିଲେ; ନିକଟରେ ରେଭେନ୍ସା କଲେଜରେ ପଶି କଟକ ସଦର ବିଧାୟକ ବରିଷ୍ଠ ପ୍ରାଧ୍ୟାପକ ଓ ପ୍ରଫେସରମାନଙ୍କୁ ଅଭଦ୍ର ଆଚରଣ କଲେ । ମାତ୍ର ବିଡ଼ମ୍ବନା ହେଉଛି ମହିଳା ଅଧିକାରୀମାନେ ମଧ୍ୟ ଏପରି ଆକ୍ରମଣ ଓ ଅସଦାଚରଣରୁ ବାଦ ପଡୁନାହାନ୍ତି । ତେଣୁ ସରକାରୀ ଅଧିକାରୀଙ୍କୁ ଦଳୀୟ ଚାପରୁ ମୁକ୍ତ ରଖିବା ଓ ମହିଳା ଅଧିକାରୀଙ୍କୁ କାର୍ଯ୍ୟସ୍ଥଳରେ ସୁରକ୍ଷା କିଏ ସୁନିଶ୍ଚିତ ରଖିବ ତାହା ଏବେ ବଡ଼ ପ୍ରଶ୍ନ ହୋଇଛି । ଖବର ଲେଖାଯିବା ପର୍ଯ୍ୟନ୍ତ ବିଡିଓଙ୍କ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ମାତ୍ର ଜଣେ ମହିଳା ସରକାରୀ ଅଧିକାରୀ ଶାସକ ଦଳର ନେତାଙ୍କ ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଗୁରୁତର ଅସୁସ୍ଥ ହେବା ଅତ୍ୟନ୍ତ ସାଂଘାତିକ ବିଷୟ ବୋଲି ସାଧାରଣରେ ମନେକରାଯାଉଛି ।

# ଉତ୍ତର ଓଡ଼ିଶାରେ ଦ୍ୱିତୀୟ ବନ୍ୟା

**୬ ଜିଲ୍ଲାରେ ୨ ଲକ୍ଷ ଲୋକ ପ୍ରଭାବିତ**

**ସବୁ ପ୍ରମୁଖ ନଦୀରେ ବଢ଼ିଛି ଜଳସ୍ତର**

**ଆଜିଠୁ କମିବ ବର୍ଷା, ୧୯ ଓ ୨୫ ତାରିଖରେ ପଛକୁ ପଛ ୨ ଲଘୁଚାପ**

ଭୁବନେଶ୍ୱର, ୧୪।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଏଥିଜନିତ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ବନ୍ୟାର ପାଣି ସମ୍ପୂର୍ଣ୍ଣ ନ ଛାଡୁଣୁ, ପୁଣି ଥରେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ଉତ୍ତର ଓଡ଼ିଶାବାସୀଙ୍କ ପାଇଁ ବେଡ଼ି ଉପରେ କୋରଡ଼ା ମାଡ଼ ସାଜିଛି। ଏବେ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ପରିଣାମ ସ୍ୱରୂପ ଏହି ନଦୀକୂଳିଆ ଲୋକେ ପୁଣି ଥରେ ବନ୍ୟା ଘେରକୁ ଆସିଛନ୍ତି। ସନ୍ଧ୍ୟା ୫ ଟା ସୁଦ୍ଧା ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ ଏବେ ସୁଦ୍ଧା ରାଜ୍ୟର ୬ ଜିଲ୍ଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ଜିଲ୍ଲାର ମୋଟ୍ ୫୨ ବ୍ଲକର ୪୨୯ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ଏବେ ସୁଦ୍ଧା ବନ୍ୟାରେ ୨ ଲକ୍ଷ ୯ ହଜାର ୬୮୭ ଲୋକ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୧ ହଜାର ୮୮୧ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୩୩ ଟି ଗାଁ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଥିବା ବେଳେ ୧୬୨୩ଲ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ଓ ୪୨୫ଟି ଘର ଭାଙ୍ଗିଥିବା ରିପୋର୍ଟ ମିଳିଛି। ବନ୍ୟା ମୁକାବିଲା ପାଇଁ ଏହି ଜିଲ୍ଲାଗୁଡ଼ିକରେ ୩୯ ଟି ଓଡ୍ରାଫ୍ ଟିମ୍ ସହ ୭ଟି ଏନ୍‌ଡିଆର୍‌ଏଫ, ୩୩ଟି ଅଗ୍ନିଶମ ଦଳ କ୍ଷେତ୍ରସ୍ତରରେ ନିୟୋଜିତ ଅଛନ୍ତି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ଲଘୁଚାପ ଏବେ ଝାଡ଼ଖଣ୍ଡ ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଉପରେ ଅବପାତ ଭାବେ ସକ୍ରିୟ ରହିଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଝାଡ଼ଖଣ୍ଡ ମଧ୍ୟ ଦେଇ ଗତିକରିବା ସହ ଉତ୍ତର ଛତିଶଗଡ଼ ମୁହାଁ ହେବା ସମ୍ଭାବନା ରହିଛି। ଏହାପ୍ରଭାବରେ ମହାନଦୀ ଉପରମୁଣ୍ଡରେ ମଧ୍ୟ ଭୀଷଣ ବର୍ଷା ଆଶଙ୍କା କରାଯାଇଛି। ଓଡ଼ିଶାଠାରୁ ଏହି ଲଘୁଚାପ ଦୂରରେ ଥିଲେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ଏହା ପ୍ରଭାବରେ ଆଜି ବର୍ଷା ଅନୁଭୂତ ହୋଇଛି। ସନ୍ଧ୍ୟାରେ ଭୁବନେଶ୍ୱରରେ ଭାରି ବର୍ଷା ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ୧୯ଟି ସ୍ଥାନରେ ପ୍ରବଳ ବର୍ଷା ଓ ୬ଟି ଷ୍ଟେସନ୍‌ରେ ଅତି ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଶନିବାର ବର୍ଷାର ପ୍ରଭାବ ଅପେକ୍ଷାକୃତ କମ୍ ରହିଲେ ମଧ୍ୟ ବରଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଏହି ଲଘୁଚାପ ପଛକୁ ପୁଣି ଏକ ଲଘୁଚାପ ୧୯-୨୦ ମଧ୍ୟରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାସହ ୨୫ରୁ ୨୬ ତାରିଖ ମଧ୍ୟରେ ଆଉ ଏକ ଲଘୁଚାପ ଯୋଗୁଁ ସାରା ରାଜ୍ୟରେ ବର୍ଷା ହେବା ନେଇ ଆକଳନ କରାଯାଉଛି। ବର୍ତ୍ତମାନ ରହିଥିବା ଅବପାତ ଯୋଗୁଁ ସମୁଦ୍ର ଅଶାନ୍ତ ରହିଛି।


## ପୂର୍ବ ତଟ ରେଳପଥ

**ଶୁଦ୍ଧିପତ୍ର ସଂ.5 ଏବଂ 6**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIV BBS2026016, ତା.18.04.2026 ରିଖ

**କାର୍ଯ୍ୟର ନାମ :** ପ୍ରକାଶିତ ଅନୁଯାୟୀ : ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ବରଗଡ଼ ରୋଡ୍, ସରସରା, ଡୁମେରପାଲି, ବିଜେପୁର ରୋଡ୍ ଏବଂ ବଡ଼ିପାଲି ୟାର୍ଡ଼ଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ତଥା ବରଗଡ଼ ରୋଡ୍ ଏବଂ ବଡ଼ିପାଲି ମଧ୍ୟରେ ମାଟିକାମ, P.Way କାର୍ଯ୍ୟ ତଥା ବଡ଼ ପୋଲ, ଛୋଟ ପୋଲ, ରୋଡ୍ ଓଭର ବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

**କାର୍ଯ୍ୟର ନାମ :** ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ OHE, PSI, PLC ଏବଂ GS କାର୍ଯ୍ୟର ବିଦ୍ୟୁତୀକରଣ ସହିତ ବରଗଡ଼ ରୋଡ୍, ସରସରା, ଡୁମେରପାଲି, ବିଜେପୁର ରୋଡ୍ ଏବଂ ବଡ଼ିପାଲି ୟାର୍ଡ଼ଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ତଥା ବରଗଡ଼ ରୋଡ୍ ଏବଂ ବଡ଼ିପାଲି ମଧ୍ୟରେ ମାଟିକାମ, P.Way କାର୍ଯ୍ୟ ତଥା ବଡ଼ ପୋଲ, ଛୋଟ ପୋଲ, ରୋଡ୍ ଓଭର ବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

**ଶୁଦ୍ଧିପତ୍ର ସଂ. 04**

**ବିଷୟ:** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ: ତା.18.08.2026 ରିଖ 1200 ଘଟିକା । ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.03.09.2026 ରିଖ 1200 ଘଟିକା ।

ସଂପୂର୍ଣ୍ଣ ବିବରଣୀ ପାଇଁ ଟେଣ୍ଡରଦାତାଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-172/CJ/26-27

## OFFICE OF THE EXECUTIVE ENGINEER

GROUND WATER DEVELOPMENT DIVISION-1HP BUILDING,UNIT-8,DELTA SQUARE,BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com

32001/690/2627

"e" Procurement Notice No. 960 of 2026-27 Dt-12.08.2026
Bid Identification No. GWD DIV-1BBSR-07/26-27

Executive Engineer, GWD Division-I , Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line percentage-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1 | Nature of the Work | Civil Work |
| 2 | Name of the Work : | Construction of 11nos of Recharge shafts under ARUA scheme in Bolagarh block ph-III of Khordha district for the FY - 2026-27. |
| 3 | Approximate amount put to tender | Rs.18.12 Lakh |
| 4 | Period of Completion | 2 (Two) Calendar Months |
| 5 | Class of Contractor | "C" & "D" Class Contractor |
| 6 | Date & time of Availability of Bid document in the portal | Dt. 20.08.2026 at 11.00 AM to 31.08.2026 up to 11.00 AM |
| 7 | Last date & time of receipt of Bids in the Portal | Dt. 31.08.2026 up to 11.00 AM |
| 8 | Date, time & place of opening of Technical/ Financial Bid/s | Dt. 31.08.2026 at 11.30 AM in O/o the EE GWD Divn-1 |
| 9 | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING,UNIT-8,DELTA SQUARE,BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

Sd/- Executive Engineer
GWD division 1

OIPR-32001/32331/1/26-27/0004

## ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର


ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ :- " କୃଷି, କୃଷକ ଏବଂ ମହିଳାଙ୍କ ଉନ୍ନତି, କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ"

୧ . ଓଡିଶା ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁସାରେ କୃଷିଋଣ ଟ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ସୁଧ ଦେବାକୁ ପଡିବ ନାହିଁ ଏବଂ ଟ ୧ ଲକ୍ଷ ଟଙ୍କା ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାତ୍ର ୨ % ସୁଧହାରରେ ଋଣ ପ୍ରଦାନ ।
୨. ମିଶନ ଶକ୍ତି ସ୍କୁଟର ଯୋଜନାରେ ହିତାଧିକାରିଣୀ ମାନଙ୍କୁ ସରକାରୀ ସହାୟତାରେ ସୁଧ ମୁକ୍ତ ସ୍କୁଟି ଋଣ ପ୍ରଦାନ କରିବା ।
୩. "ମୋ ଘର" ଯୋଜନା ମାଧ୍ୟମରେ ଉପଯୁକ୍ତ ହିତାଧିକାରୀ ମାନଙ୍କୁ ସୁଲଭ ମୂଲ୍ୟ ରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପ୍ରଦାନ କରିବା ।
୪. ସ୍ୱୟଂ ସହାୟକ ଗୋଷ୍ଠୀ (ଏସ . ଏଚ . ଜି ) ମାଧ୍ୟମରେ ମହିଳା କୃଷିଜୀବୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ, ସ୍ୱଳ୍ପ ମିଆଦୀ କୃଷି ଓ ଆନୁସଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା ।
୫ . ବଳରାମ ଯୋଜନାରେ (ଜେ . ଏଲ . ଜି ) ମାଧ୍ୟମ ରେ ସ୍ୱଳ୍ପ ମିଆଦୀ କୃଷି ଋଣ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା ।
୬. ବଳିଆ ଯୋଜନାରେ ବୁଣାକାର ତନ୍ତୀ ମାନଙ୍କୁ ବୁଣାକାର ଋଣ ପ୍ରଦାନର ବ୍ୟବସ୍ଥା ।
୭. କୃଷି, ଅଣକୃଷି, ଓ ଆନୁସଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନର ବ୍ୟବସ୍ଥା ।
୮. ଗୃହ ଋଣ, ଦୀର୍ଘ ମିଆଦି କୃଷି ଋଣ ଓ ବନ୍ଧକ ଋଣ ପ୍ରଦାନର ବ୍ୟବସ୍ଥା
୯. କୃଷକ ମାନଙ୍କ ପାଇଁ କୃଷି ବୀମା ଯୋଜନା ର ପ୍ରଚଳନ ।
୧୦ . ବ୍ୟାଙ୍କ ର ଆମାନତକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ରେ ପ୍ରଚଳନ ।
୧୧. ଜିରୋ ବାଲାନ୍ସ ରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା ।
୧୨. ବରିଷ୍ଠନାଗରିକ ମାନଙ୍କୁ ସେମାନଙ୍କ ଜମା ରାଶି ଉପରେ ଅଧିକ ସୁଧ ପ୍ରଦାନର ବ୍ୟବସ୍ଥା ।
୧୩ . ବ୍ୟାଙ୍କ ର ପ୍ରତ୍ୟକ ଶାଖା ରେ NEFT/RTGS/ଇମ୍ପସ ମାଧ୍ୟମରେ ଟଙ୍କା ଦେଣ ନେଣ ର ସୁବିଧା ଓ ତତ ସହିତ ଲକର୍ ସୁବିଧା ଉପଲବ୍ଧ ।
୧୪ . ବ୍ୟାଙ୍କର ଚାରିଗୋଟି ଜିଲ୍ଲାରେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା / ଜମାଖାତା ଖୋଲିବା / ନଗଦ ଜମା ଉଠାଣ / ଏ.ଟି.ଏମ ମାଧ୍ୟମରେ ଋଣ ପ୍ରଦାନ ।
୧୫ . ବ୍ୟାଙ୍କର IFS CODE-ORCB0KPT001.
୧୬ . ସ୍ୱର୍ଣ୍ଣ ବନ୍ଧକ ଋଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନ / ଭାରତୀୟ ସଞ୍ଚୟ ପ୍ରମାଣପତ୍ର ( N . S . C), କିଷାନ ବିକାଶ ପତ୍ରିକା (K. V. P) ପ୍ରମାଣପତ୍ର ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ।

"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢ଼ାନ୍ତୁ"



ଶ୍ରୀ ଐଶ୍ୱର୍ଯ୍ୟ ରତ୍ନ ମହାନ୍ତି
ସମ୍ପାଦକ
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର



ଡଂ ଶ୍ରୀ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ
ସଭାପତି
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର


**No. 70519/CRC/PF/R.K.K/47th Bn/SSB/2024/9460-71, dated 30/07/2026**

To: UIN-11070519 HC (GD) Rabindra Kumar Kendu
S/o Sh. Gora Kendu, Village-Kankadahandi,
Post Office-Kaliagaon, Police Station-Jeypore,
District-Koraput, State- Odisha, PIN-764002.

Subject: Show Cause Notice under Rule-21.

**Whereas,** while posted in 47 Bn SSB, you proceeded on 20 days earned leave w.e.f. 04/04/2026 to 23/04/2026 and after expiry of leave you absented yourself without leave w.e.f. 24/04/2026(FN).

2. Whereas, notice for assumption of duty were issued vide this office OM No.47th Bn/Estt-III/CRC/PF-HC/GD-R.K.C/2026/4833-36 dated 04/05/2026 & even No. 5396-98 dated 14/05/2026, at your home address with direction to join your duties but you failed to report in 47th Bn SSB Raxaul.
3. Whereas, you are absenting yourself without leave since 24/04/2026 (FN) without sufficient cause and have not reported at 47th Bn SSB despite reminders.
4. Whereas, a Court of Inquiry under Section-74 of the SSB Act was convened to enquire into the aforesaid absence and the said Inquiry declared your said absence as unauthorized.
5. Whereas, Apprehension Rolls were issued to concerned Police Authority to apprehend you vide letter No.70519/CRC/PF/R.K.K/47th Bn/SSB/2024/7733-37 dated 29/06/2026 and No.70519/CRC/PF/R.K.K/47th Bn/SSB/2024/8058-62 dated 04/07/2026. You have not reported for duty after the said declaration by Court of Inquiry and also not surrendered or apprehended by the Police as such you are deemed to be deserter within the ambit of Section-74 of the said Act 2007 vide order No.70519/CRC/PF/R.K.K/47th Bn/SSB/2024/-8541-49 dated 13/07/2026 and the said offence is punishable under SSB Act -2007.
6. Whereas, in the facts and circumstances of the case, the undersigned is satisfied that your trail by Force Court for the said offence of desertion under the SSB Act is inexpedient and impracticable and is of the tentative opinion that your further retention in the service is undesirable.
7. And whereas, a copy of the Court of Inquiry referred to in para-4 above containing statements of witnesses, and nature of allegations have already been served to you as Annexure-I. to the 1st Show Cause Notice issued vide letter No.70519/CRC/PF/ R.K.K/47th Bn / SSB/2024/8688-8700 dated 15.07.2026
8. In view of the above, you are hereby called upon to submit in writing your explanation and defence in respect of above allegation(s) by 14/08/2026 as to why action to dismiss or remove you tentatively from service for said misconduct should not be initiated against you under Rule-21 of the SSB Rules 2009. In case, you fail to file any reply within the stipulated period, it shall be presumed that you have nothing to put forth in your defence and action to terminate your service as proposed above within the ambit of SSB Rule-21 shall be initiated against you ex-parte.

Commandant
65 Bn SSB, Bagaha
(Holding statutory power of Comdt. 47 Bn SSB Raxaul)

## OFFICE OF THE MUNICIPAL COUNCIL, ASIKA ( GANJAM )

(Email: - askanac@gmail.com, Ph No: -06822-273068)

13001/1544/2627

Letter no- 2106 Date-12.08.2026

### QUOTATION CALL NOTICE

Sealed quotations are invited from the Registered Suppliers/Authorized dealers/Agencies for taking of different scrap materials from Municipality Asika. The rate of goods should be quoted with excluding all taxes. The goods should be taken from Municipality Asika including transportation charges.

The Tender paper cost of Rs. 708/- and EMD of Rs.2000/-has to be deposited along with quotation paper in shape of DD in favour of "Executive Officer Municipality Asika" payable at Asika. The quotation paper will available in office hour except Govt. Holidays as follows.

Sale of tender paper- : 13.08.2026 to 21.08.2026
Last date of submission of Tender Paper-: 24.08.2026 at 12.00 Noon
Date of Opening of Tender Paper- : 24.08.2026 at 4 P.M

Executive Officer
Municipality, Asika

OIPR-13001/13181/1/26-27/0007

## OFFICE OF THE MUNICIPAL COUNCIL: SUNDARGARH

Tender Call Notice No. 3958/ Date. 12.08.2026
COMPETITIVE BIDDING THROUGH e-Procurement

**NOTICE INVITING TENDER**

Bid Reference No. SNGM-07/2026-27 13001/1531/2627

1. **Total No. of Works for which Tenders Invited:** 03 Nos.
2. **Place of Execution:** Different locations of Sundargarh Municipality.
3. **Estimated Cost of Individual Works excluding GST:** Rs. 5839633.00 to Rs. 8640761.00
4. **Eligible Class of Contractors:** Registered Contractors of Class- **'B'** as indicated against each work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of Dt.14.08.2026** to **5.00 P.M of Dt. 28.08.2026** for online bidding.
7. Bids received will be opened on e-Procurement System at **11.00 A.M onwards on Dt.29.08.2026**
8. The bidder must possess valid and compatible **Digital Signature Certificate** (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

Executive Officer,
Sundargarh Municipality

OIPR-13001/13130/1/26-27/0011

## AFFIDAVIT

I, Sayam Agrawal, S/o-Manoj Kumar Agarwal, resident at-Brindaban Apt, Gangamandir PO-Cuttack GPO, PS-LALBAG, Dist-Cuttack, Pin-753001, Odisha, declare by this affidavit No.29535 dtd-11.08.2026 that now onwards I shall be known as **SAYAM AGARWAL** for all future purposes.

## AFFIDAVIT

I, Kanaklata Samal, W/o- Darpahari Samal, resident of At/Po-Sohada, Ps-Dhamanagar, Dist-Bhadrak, Pin- 756117, Odisha declare by this affidavit No-1410, dated- 13.08.2026 that now onwards I shall be known as **KANAKALATA SAMAL** for all future purposes.

## NOTICE
(Above 18 years of age)

By virtue of an affidavit sworn before Notary Public, Baripada, dated 13.08.2026, I, ARUP ANAND DAS, Address Village-Banakati Samil Jodapada, P.O.-Gobara, P.S.-Rasgovindpur, Dist.-Mayurbhanj, Odisha, PIN-757016, declare that I have changed my name from ARUPANANDA DAS to ARUP ANAND DAS. Henceforth, I shall be known as **ARUP ANAND DAS** for all purposes.

ARUP ANAND DAS

## ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2610721(0), 2550765(R), E-Mail: srgmhep_burla@ohpco.co.in

4001/258/2627

No. HHEP/Tech-W-199(Vol-1)/ 6173 Date : 12. 08. 2026

**NOTICE INVITING TENDER NO HHEP-65/2026**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the registered firm / agency / contractor having valid MV license issued from the ELBO, Govt of Odisha for the following work as mentioned below.

| Name of work | Cost of tender paper (Non-Refundable) Rs. | EMD in Rs. |
|---|---|---|
| Annual electrical maintenance of residential and non-residential building of HHEP, Burla on job contract basis | Rs. 4720/- (Rs. 4000/- + GST 18%) | 9400/- |

- Sale of tender paper : 17.08.2026 (10.00AM) to 02.09.2026 upto 01.00PM
- Receipt of tender paper : 02.09.2026 upto 01.30PM
- Date & time of opening of tender : 02.09.2026 at 04.00PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpc.co.in

Sd/-
Unit Head, HHEP, Burla

OIPR-4001/4007/1/26-27/0023

## ZILLA PARISHAD, NABARANGPUR

Phone No- 06858-222372
Mail- ori-dnawarangpur@nic.in

19001/193/2627

Order No. 4343 **OFFICE ORDER** Date:- 12.08.2026

Sub:- Calendar for Public Hearing at Panchayat Samiti / Block Level.

In pursuance of the Letter No.172/OS, dated. 31.03.2026 of Government in Panchayati Raj Department, Odisha and Letter No.2491, dated 31.04.2026 of this office, Public Hearing under **VB G RAM G**, for the **FY: 2026-27** (period from 01.10.2025 to 31.03.2026, Ist cycle) at Block Level to be conducted as per the calendar given below:

| Sl No | Name of the Block | Date and Time of Public Hearing | District level Designated Officer to participate in the S.A. P.H | Other officer to attend | Remarks |
|---|---|---|---|---|---|
| 01 | Raighar | 18.08.2026, 10.00 AM | ADM, General | DPO, (N)/DPM, OLM | 1. All the Block Level Officers including Line Departments and staff concerned shall remain present with all records / documents. 2. Local NGOs may be associated voluntarily in the Public Hearing |
| 02 | Nandahandi | 19.08.2026, 10.00 AM | CDO-cum-EO | Addl EO, Tech/MC | |
| 03 | Nabarangpur | 20.08.2026, 10.00 AM | ADM, Revenue | Addl.Sub Collector/DSA | |
| 04 | Papadahandi | 25.08.2026, 10.00 AM | ADM, General | Sub Collector/ Dy.CEO, ORMAS | |
| 05 | Dabugam | 28.08.2026, 10.00 AM | ADM, Revenue | Addl.EO, Admin/DSA | |
| 06 | Jharigam | 29.08.2026, 10.00 AM | CDO-cum-EO | Addl E.O, Tech/MC | |
| 07 | Chandahandi | 01.09.2026, 10.00 AM | ADM, General | DPO (N) / Dy.CEO, ORMAS | |
| 08 | Umerkote | 02.09.2026, 10.00 AM | ADM, Revenue | Addl Sub Collector /DPM, OLM | |
| 09 | Kosagumuda | 03.09.2026, 10.00 AM | CDO-cum-EO | Sub Collector/MC | |
| 10 | Tentulikhunti | 05.09.2026, 10.00 AM | CDO-cum-EO | Addl.EO Admin /DSA | |

OIPR-19001/19233/1/26-27/0002

Collector, Nabarangpur

## EASTERN INVESTMENTS LIMITED

CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Audited Financial Results For the quarter and year ended 31st March'2026

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | Year Ended | | Quarter Ended | | Year Ended | |
| | | 31.03.2026 | 31.03.2025 | 31.03.2026 | 31.03.2025 | 31.03.2026 | 31.03.2025 | 31.03.2026 | 31.03.2025 |
| | | (Reviewed) | | (Audited) | | (Reviewed) | | (Audited) | |
| 1 | Total Income from Operation(including Other Income) | (40.17) | (19.40) | (0.41) | 44.27 | 5,058.02 | 2,572.79 | 18,693.84 | 13,486.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (61.89) | (41.98) | (63.47) | (44.47) | (786.82) | (3,951.42) | 973.80 | (4,061.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (61.89) | (41.98) | (63.47) | (44.47) | (786.82) | (3,951.42) | 973.80 | (4,061.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (48.73) | (29.41) | (63.11) | (28.91) | (477.35) | (3,166.75) | 739.03 | (3,481.32) |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (48.73) | (29.41) | (63.11) | (28.91) | (345.59) | (3,173.88) | 870.79 | (3,488.45) |
| 6 | Net Profit attributable to Non Controlling Interests | - | - | - | | (223.94) | (1,580.08) | 359.65 | (1,772.88) |
| 7 | Net Profit attributable to Owners of the Company | - | - | - | | (253.41) | (1,586.67) | 379.38 | (1,708.44) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 144.44 | 141.90 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,483.53 | 26,546.64 | 26,483.53 | 26,546.64 | (8,945.44) | (9,390.71) | (8,945.44) | (9,390.71) |
| 10 | Earning per share ( Rs) | | | | | | | | |
| | (i) Basic: | (3.37) | (2.04) | (4.37) | (2.00) | (17.86) | (111.82) | 26.74 | (120.40) |
| | (ii) Diluted | (3.37) | (2.04) | (4.37) | (2.00) | (17.86) | (111.82) | 26.74 | (120.40) |

1. The above results of the Company were approved by the Board of Directors at their respective meetings held on 14.08.2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Bhubaneswar
Date: 14th August 2026

Sd/-
(A.K. Bagchi)
Managing Director-EIL

## AFFIDAVIT

By virtue of an affidavit sworn before the executive magistrate, Sukinda No 2103 dated 10/08/2026. I Chittaranjan Mohanta, S/O- Bidyadhar Mohanta resident of Karadagadia, Kankadapal, Kaliapani, Jajpur declare that I have changed My name from Chitta mahanta (Old name) to Chittaranjan Mohanta (New name). Henceforth I will be known as **Chittaranjan Mohanta** for all purposes.

Sd/- Chittaranjan Mohanta

## AFFIDAVIT

By Virtue of an affidavit (SL NO-104, dtd-06.08.2026 )sworn before The executive Magistrate, Baripada, Mayurbhanj. I,chula Murmu, aged about 58 years, W/O- Mathu Murmu, resident of village- Asanbani, PO- Majhigaon, PS-Bisoi, pin-757033, DIST - Mayurbhanj. That, in my Aadhar Card bearing no - 5559 9996 4698 the name of mine as CHIULA MURMU (incorrect name) instead of CHULA MURMU (correct name). That, Both the name CHIULA MURMU and CHULA MURMU is one and same person . Henceforth, I shall be known as **CHULA MURMU** for all purposes.

S/D - CHULA MURMU

## AFFIDAVIT

By virtue of an affidavit sworn before the Executive Magistrate, Jajpur No 10769 dated 06/08/2026. I Radhashyam Sethy S/O- Panchanana Sethy resident of Panasa, (Balighai) Lalbag, Jajpur declare that I have changed My minor son name from Rudrapratap sethy(Old name) to Lipun sethy (New name) . Henceforth He will be known as **Lipun Sethy** for all purposes.

Sd/- Radhashyam Sethy

## AFFIDAVIT

I, Santosi Samal aged about 22 year D/o-Ramachandra Barik , Resident of At-Danda Sahi, Tentuliapada, Jagatsinghpur, Pin-754136, Odisha, declared by this Affidavit No.282, Dated 20.02.2026, That now onwards I shall Be Known as **SANTOSI BARIK** for all future Purposes.

## ହଜିଛି

ଆମ୍ଭେ **ଶ୍ରୀ ବ୍ରହ୍ମାନନ୍ଦ ମଙ୍ଗରାଜ,** ପିତା: ଚୈତନ୍ୟ ମଙ୍ଗରାଜ, ସା/ପୋ: ଗୋଠପାଟଣା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ଗତ ତା ୦୩.୦୨.୨୦୨୩ରିଖରେ ରେଜିଷ୍ଟ୍ରି ଦଲିଲ ନଂ: ୧୧୧୩୨୩୦୨୦୬୭ ବଳରେ ଗୀତାରାଣୀ ପାଢୀଙ୍କ ଠାରୁ ଘଙ୍ଗାପାଟଣା ମୌଜାର ଖାତା ନଂ: ୫୧୨/୬୨୨୧, ପ୍ଲଟ୍ ନଂ.: ୧୧୪୪/୪୪୭୩/ ୪୮୭୮, ଏରିଆ: ଏ୦.୦୫୮ଡି. କ୍ରୟ କରିଥିଲୁ । ଗୀତାରାଣୀ ପାଢୀ ଏହି ଜମିକୁ ତରୁଣକାନ୍ତ ମହାନ୍ତିଙ୍କ ଠାରୁ କିଣିଥିଲେ ଏବଂ ତରୁଣକାନ୍ତ ମହାନ୍ତି ଏହାକୁ ବାଲାଜୀ ବିଲଡକମ ତରଫ ପାର୍ଟନର ରାହୁଲ ଗୁଣ୍ଡୁଥିଙ୍କ ଠାରୁ କିଣିଥିଲେ । ଗୀତାରାଣୀ ପାଢୀ ମୋତେ ଜମି ବିକ୍ରି କରିବା ସମୟରେ ପୂର୍ବର ସମସ୍ତ ଦଲିଲ ଦେଇଥିଲେ । ଗତ ତା ୦୬.୦୮.୨୦୨୬ରିଖ ସନ୍ଧ୍ୟା ୭ ଘଟିକା ସମୟରେ ଘଙ୍ଗାପାଟଣା ସ୍ଥିତ ରାଧାମାଧବ ନଗରରୁ ଗୋଠପାଟଣା ଛକ ଆଡକୁ ବାଇକ ଯୋଗେ ଜେରକ୍ସ ପାଇଁ ଯାଉଥିବା ସମୟରେ ଉକ୍ତ ରେଜିଷ୍ଟ୍ରି ଦଲିଲ୍ ନଂ.: ୧୧୧୩୨୧୦୦୪୦୫, ତା୦୮.୦୧.୨୦୨୧, ଖାତା ନଂ.: ୫୧୨/୩୯୪୯, ପ୍ଲଟ୍ ନଂ.: ୧୧୪୪/ ୪୪୭୩ ଏରିଆ: ଏକର୦.୦୫୮ ଡିସିମିଲି, ଏବଂ ଘଙ୍ଗାପାଟଣା ମୌଜାର ଏକ ପଟ୍ଟା ଯାହାର ଖାତା ନଂ.: ୫୧୨/୪୪୦୬, ପ୍ଲଟ୍ ନଂ.: ୧୧୪୪/୪୪୭୩/ ୪୮୭୮, ଏରିଆ: ଏକର୦.୦୫୮ଡିସିମିଲି କେଉଁଠି ହଜିଯାଇଛି, ଯଦି କୌଣସି ସହୃଦୟ ବ୍ୟକ୍ତି ସେହି ଦଲିଲ ଏବଂ ପଟ୍ଟାକୁ ପାଇଥାନ୍ତି, ଏହି **ମୋବାଇଲ୍ ନଂ. ୯୪୩୯୬୫୧୯୩୧**ରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି କୌଣସି ବ୍ୟକ୍ତି ଏହାର ଅସଦ ବ୍ୟବହାର କରନ୍ତି ସେଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ ।

## ହଜିଛି

ମୁଁ, **ପ୍ରମୋଦ କୁମାର ଅଗ୍ରୱାଲ,** ପିତା: ନୋରଙ୍ଗ ରାୟ ଗୁପ୍ତା, ଅଗ୍ରସେନ ଆଲମେଟ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ଯାହାଙ୍କ କାରଖାନା ପ୍ଲଟ୍ ନଂ.: ୧୯୨/୬୫୪, ଖାତା ନଂ.: ୧୪୧/୧୦୮, ମୌଜା: ବେଲଡିହି, ପୋଷ୍ଟ: ବେଲଡିହି, ଥାନା: ବ୍ରାହ୍ମଣୀ ତରଙ୍ଗ, ଜିଲ୍ଲା: ସୁନ୍ଦରଗଡରେ ଅବସ୍ଥିତ), ଏହା ଘୋଷଣା କରୁଛି ଯେ, TPWODL ଦ୍ୱାରା ଉପଭୋକ୍ତା ସଂଖ୍ୟା ୮୧୩୦୦୦୦୦୦୨୬୦ ବିପକ୍ଷରେ ପ୍ରଦାନ କରାଯାଇଥିବା ଟ.୬,୧୩,୩୧୫/- (ଛଅ ଲକ୍ଷ ତେର ହଜାର ତିନି ଶହ ପନ୍ଦର ଟଙ୍କା) ର ମୂଳ ଏସ.ଡି. ଟଙ୍କା ରସିଦ୍‌ଟି ମୋ ଠାରୁ ହଜିଯାଇଛି ଏବଂ ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ଏହା ମିଳୁନାହିଁ। ଏହି ରସିଦ୍ ସମ୍ବନ୍ଧୀୟ ଯେକୌଣସି ଆଇନଗତ ବିବାଦ ପାଇଁ ମୁଁ ନିଜେ ସମ୍ପୂର୍ଣ୍ଣ ରୂପେ ଦାୟୀରହିବି।

## ବିଭାଜନ ବିଭୀଷିକା ସ୍ମୃତି ଦିବସ

# ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସମ୍ମାନ

**ଝାରସୁଗୁଡ଼ା, ୧୪।୮ (ସମିସ)**

ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ପରିସରରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳିତ ହୋଇଛି। ୧୯୪୭ ମସିହା ଦେଶ ବିଭାଜନ ସମୟରେ ଲୋକମାନେ ସହିଥିବା ଅକଥନୀୟ କଷ୍ଟ, ଯନ୍ତ୍ରଣା ତଥା ତ୍ୟାଗକୁ






ସ୍ମରଣ କରିବା ଏବଂ ବର୍ତ୍ତମାନର ସ୍ୱାଧୀନତା ଓ ଏକତାକୁ ବଜାୟ ରଖିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାରସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସଙ୍ଗୀତା ମେହେର, ଅନୁଷ୍ଠାନର ଅଧ୍ୟକ୍ଷ କାମ୍ଭପାଣି ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଜନ ସମୟରେ ପ୍ରାଣ ହରାଇଥିବା ଏବଂ ପ୍ରଭାବିତ ହୋଇଥିବା ଅଗଣିତ ନିରୀହ ଲୋକଙ୍କ ସ୍ମୃତିଚାରଣ କରାଯାଇଥିଲା। ଦେଶର ଅଖଣ୍ଡତା, ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ସହିତ ଏକ ଦକ୍ଷ ଓ ସ୍ୱାବଲମ୍ବୀ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

**ତରଭା:** ତରଭା ଏନ୍ଏସି କଲ୍ୟାଣ ମଣ୍ଡପରେ ବିଜେପି ପକ୍ଷରୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ବେଣୁଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ସଭାପତି ତଥା ବିଏମ୍ପୁର ବିଧାୟକ ଇଂ ରଘୁନାଥ ଜଗଦଳା ମୁଖ୍ୟଅତିଥି, ଏଇଏସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ମିନତୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ମହାପାତ୍ର, ନଳିନୀ ପଣ୍ଡା, ଜିଲ୍ଲା ସଂଯୋଜକ ଆନନ୍ଦ ବାରିକ, ଜିଲ୍ଲା ସହ ସଂଯୋଜକ ତଥା ସାଂସଦଙ୍କ ଏନ୍ଏସି ପ୍ରତିନିଧି ମାନସ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ବୌଦ୍ଧିକ ପ୍ରମୁଖ ନାରାୟଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଦେଶ ବିଭାଜନର ବିଭୀଷିକା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶି ପରିଚାଳନା କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କମସରା ମଣ୍ଡଳ ସଭାପତି ଅଶ୍ୱିନୀ ମହାକୁର, ମେଣ୍ଡା ମଣ୍ଡଳ ସଭାପତି ଭୁବନାନନ୍ଦ ବାଦୀ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ରଶ୍ମିତା ଷଡଙ୍ଗୀ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପ୍ରଧାନ, ଏମ୍ପି ପ୍ରତିନିଧି ବିମଳ ମିଶ୍ର, ସୁରେଶ ମହଲା, ରାଜକିଶୋର ମେଣ୍ଡଲୀ, ଅଶ୍ୱିନୀ ମଲ୍ଲିକ, ବିଭୀଷଣ ସାହୁ, ଧର୍ମରାଜ ନାଏକଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ କର୍ମୀ ସାମିଲ ଥିଲେ।

**ଦେବଗଡ଼:** ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରେକ୍ଷାଳୟରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ଏସ୍ପି କିଶୋରଚନ୍ଦ୍ର ମୁଣ୍ଡ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ୍ ଯୋଗ ଦେଇଥିଲେ। ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମୀମାନଙ୍କ ଅଦମ୍ୟ ସାହସ ଓ ବଳିଦାନକୁ ମନେ ପକାଇବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସମ୍ମାନ ଜଣାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ବାଇକ୍‌ଆରୋହୀ ମୃତ; ଜଣେ ଗୁରୁତର

**ଡୁଙ୍ଗୁରିପାଲି, ୧୪।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ୨୬ନମ୍ବର ଜାତୀୟ ରାଜପଥ ଏଫସିଆଇ ନିକଟରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛି। ଝାଡଖଣ୍ଡ ଏହି ଯୁବକ ଦ୍ୱୟଙ୍କ ନାଁ କିନ୍ତୁ ଜଣା ପଡ଼ିନାହିଁ। ସେମାନେ ଡୁଙ୍ଗୁରିପାଲିର ଏକ ଦୋକାନରେ କାମ କରନ୍ତି। ଶୁକ୍ରବାର ସନ୍ଧ୍ୟାରେ ଉଭୟ ଡୁଙ୍ଗୁରିପାଲିରୁ ଏଫସିଆଇ ପାଖରେ ରହୁଥିବା ଜାଗାକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ମାଲବାହୀ ଗାଡି ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଉଭୟ ପ୍ରାୟ କିଛି ଦୂର ଘୋଷାଡି ହୋଇଯାଇଥିଲେ। ବାଇକ୍ ଚଳାଉଥିବା ଯୁବକଙ୍କ ଉପରେ ଗାଡି ଚକ ମାଡି ଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପଛରେ ବସିଥିବା ଯୁବକ ଜଣକ ଗୁରୁତର ଅବସ୍ଥାରେ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ ବୁର୍ଲା ପଠାଯାଇଛି। ଏହି ଦୁର୍ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ମାଲ୍ ବୋଝେଇ ଗାଡିକୁ ଲୋକେ ଅଟକ ରଖିଥିଲେ। ମୃତଦେହ ନ ଛାଡିବାକୁ ଲୋକେ ଅଡି ବସିଥିଲେ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଘଟଣା ସ୍ଥଳରେ ଡୁଙ୍ଗୁରିପାଲି ଥାନା ଅଧିକାରୀ ରୋଜାଲିନ ପଟେଲ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛନ୍ତି।

## ବାଇକ୍ ଲୁଟ୍ ଅଭିଯୋଗରେ ଜଣେ ଗିରଫ

**ତରଭା, ୧୪।୮ (ସମିସ):** ତରଭା ଥାନା ପୁଲିସ ଏକ ଲୁଟ୍ ବାଇକ୍ ଜବତ କରିଛି। ଏହି ଘଟଣାରେ ୨ ଜଣକୁ ଧରିଛି। ଏହି ଦୁଇ ଅଭିଯୁକ୍ତ ହେଲେ ବଲାଙ୍ଗୀର ଟାଉନ ଥାନା ଖଲିଆପାଲି ନବାସୀ ରୋହନ ଛତ୍ରିଆ (୨୦) ଓ ପୁଇଁନ୍ତଲା ଥାନା ବେହେରାପାଲିର ଜଣେ ୧୬ ବର୍ଷର ନାବାଳକ। ୧୧ ତରଖ ସନ୍ଧ୍ୟା ୫ଟା ୪୫ରେ ଚାରଭଟ୍ଟା ପଞ୍ଚାୟତ ସନ୍ଧିଯୋର ଗ୍ରାମର ଦେବାଶିଷ ବାରିକ (୨୦) ତାଙ୍କ ବାଇକ୍‌ରେ ଆସୁଥିଲେ। କୁମ୍ଭାରମୁଣ୍ଡା ହାଇସ୍କୁଲ ନିକଟସ୍ଥ ବୁଲାଣିରେ ଦୁଇ ଅଭିଯୁକ୍ତ ତାଙ୍କୁ ଅଟକାଇ ମାରପିଟ୍ କରିଥିଲେ। ଏହାପରେ ତାଙ୍କ ବାଇକ୍ ଛଡ଼ାଇ ନେଇ ପଳାଇଥିଲେ। ଦେବାଶିଷ ଏ ସମ୍ବନ୍ଧରେ କମସରା ଫାଣ୍ଡିରେ ରିପୋର୍ଟ କରିଥିଲେ। ପୁଲିସ ତନାଘନା କରିବା ପରେ ଦୁଇ ଅଭିଯୁକ୍ତ ଧରା ପଡ଼ିଛନ୍ତି। ଏମାନଙ୍କ ନିକଟରୁ ୨ଟି ବାଇକ୍ ଉଦ୍ଧାର ହୋଇଛି। ସେଥିରୁ ଗୋଟିଏ ଦେବାଶିଷଙ୍କ ବାଇକ୍। ତେବେ ରୋହନ ନାଁରେ ଟାଉନ ଥାନାରେ ଗୋଟିଏ ଚୋରି ମାମଲା ଅଛି। ପୁଲିସ ତାକୁ ଗିରଫ କରିଛି। ସେହିଭଳି ପୁଇଁନ୍ତଲା ଥାନାରେ ନାବାଳକ ନାଁରେ ୨ଟି ଚୋରି ଅଭିଯୋଗ ରହିଛି। ତାକୁ ଜୁଭେନାଇଲ କୋର୍ଟକୁ ପଠାଇ ଦିଆଯାଇଛି।

## ୧୫୦ ଜଣ ଛାତ୍ରଛାତ୍ରୀ ଟିଟାନସ ଡିପଥେରିଆ ଭ୍ୟାକସିନ ନେଲେ

**ବୌଦ୍ଧ, ୧୪।୮ (ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀରେ ପଢୁଥିବା ୧୫୦ ଜଣ ଛାତ୍ରଛାତ୍ରୀଙ୍କୁ ଟିଟାନସ ଡିପଥେରିଆ ଭ୍ୟାକସିନ ଦିଆଯାଇଛି। ଏହା ଧନୁଷ୍ଟଙ୍କାର ଓ କଣ୍ଠଅଳତି ରୋଗର ପ୍ରତିରୋଧ କରିବ। ଏଏନଏମ୍ ରଶ୍ମିରେଖା ପଣ୍ଡା, ସାଗରିକା ନାଏକ, ଆଶାକର୍ମୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ଭାରପ୍ରାପ୍ତପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ, ସୁମନ୍ତ ସୁବୁଦ୍ଧି, ଶଶାଙ୍କ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସ ଅଧିକାରୀଙ୍କ ସହ ବିଧାୟକଙ୍କ ବୈଠକ

**କଣ୍ଟାବାଞ୍ଜି, ୧୪।୮ (ସମିସ):** ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାଁ ଦ୍ୱାରସେନୀଙ୍କ ମନ୍ଦିରରୁ ଚୋରି ଘଟଣା ନେଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ପୁଲିସ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଶିଘ୍ର ଘଟଣାର ପର୍ଦ୍ଦାଫାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, କଣ୍ଟାବାଞ୍ଜି ଆଇଆଇସି ଗୋପାଳ କର୍ଣ୍ଣ, ବଙ୍ଗୋମୁଣ୍ଡା ଆଇଆଇସି ସଞ୍ଜୀବ ପ୍ରଧାନ, ସିନ୍ଧେକେଲା ଥାନା ଏଏସଆଇ ଆଦିତ୍ୟ ସାହୁ, ମୁରିବାହାଲ ଥାନା ଆଇଆଇସି ବୁଲୁ ମୁଣ୍ଡା, ଅନିଲ ନାଏକ, ସିନ୍ଧେକେଲା ସମିତି ସଭ୍ୟ ଭୋଳାନାଥ ବେହେରା, ଅନିଲ ତ୍ରିପାଠୀ, ଚାନ୍ଦୋତରା ସରପଞ୍ଚ ଜିତେନ ବଛା ପ୍ରମୁଖ ଉପସ୍ଥିତ ଥିଲେ।

## ଲଛିପୁର ଡିଗ୍ରୀ ମହା ବିଦ୍ୟାଳୟରେ ଷ୍ଟାର୍ଟଅପ ଓ ଇନୋଭେସନ କାର୍ଯ୍ୟକ୍ରମ

**ଲଛିପୁର, ୧୪।୮ (ସମିସ):** ଲଛିପୁର ଗ୍ରାମ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଷ୍ଟାର୍ଟଅପ ଓ ଇନୋଭେସନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଅଧ୍ୟକ୍ଷ ଅରୁଣ ନାଏକଙ୍କ ସଭାପତିତ୍ୱରେ ଅଧ୍ୟାପକ ବାସୁଦେବ ସାହୁ ଛାତ୍ରଛାତ୍ରୀଙ୍କୁ ନୂତନ ଚିନ୍ତାଧାରା ନେଇ ପ୍ରତିଯୋଗିତାରେ ଭାଗନେବାକୁ ଉତ୍ସାହିତ କରିଥିଲେ। ଏଥିରେ ଅଧ୍ୟାପକ ଦିଲ୍ଲୀପ ଦେବତା, ପ୍ରବୀର ମିଶ୍ର, ଆନନ୍ଦ ଯୋଶୀ, ଅଧ୍ୟାପିକା ସନ୍ତୋଷିନୀ ମେହେରଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ନୂତନ ଆବିଷ୍କାର ମୂଳକ ପ୍ରକଳ୍ପ ଉପସ୍ଥାପନା କରିବା ପାଇଁ ନାମ ପଞ୍ଜିକରଣ କରିଥିଲେ।

## ପଲଶାଗୋରା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା

**ପଲଶାଗୋରା, ୧୪।୮ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ଥାନୀୟ ମା' ସରସ୍ୱତୀ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଦ୍ୱାରା ସ୍ୱାଧୀନତା ଦିବସ ଉପରେ ଏକ କୁଇଜ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୦୦ ଛାତ୍ରୀ ଭାଗ ନେଇଥିଲେ। ପରୀକ୍ଷା ପରିଚାଳନାରେ ବିଦ୍ୟାଳୟର ଅଧ୍ୟକ୍ଷା ମନୀଷା ଚାନ୍ଦ, ଓଡ଼ିଆ ଅଧ୍ୟାପିକା ପଦ୍ମିନୀ ମିଶ୍ର, ଅଧ୍ୟାପିକା ସ୍ୱାଗତିକା ଶର୍ମା, ଅଧ୍ୟାପକ ଅଶ୍ୱିନୀ ପ୍ରଧାନ, ଅଧ୍ୟାପକ ରାଧେଶ୍ୟାମ ମେହେର, ଅଧ୍ୟାପକ ପୀତବାସ ଦେବତା, ଅଧ୍ୟାପକ ସରୋଜ ମହାକୁଡ଼, କମ୍ପ୍ୟୁଟର କେନ୍ଦ୍ରର ସହ ସଂଯୋଜକ ଚିନ୍ମୟ ପାଣ୍ଡେ, ଅଞ୍ଜୁରାଣୀ ମହାକୁଡ଼, ସୁସନ୍ଧ୍ୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଚାଇନା ସଲ୍ଟ ଓ କୃତ୍ରିମ ରଙ୍ଗ ବ୍ୟବହାର ନ କରିବାକୁ ନୋଟିସ୍

**ଝାରସୁଗୁଡ଼ା, ୧୪।୮ (ସମିସ):** ଝାରସୁଗଡ଼ା ଜିଲ୍ଲା ପ୍ରଶାସନର ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ବେହେରାମାଲ ଛକରୁ ବିଟିଏମ୍ ବାଇପାସ ପର୍ଯ୍ୟନ୍ତ ହୋଟେଲ, ରେଷ୍ଟୋରାଣ୍ଟ, ଫାଷ୍ଟଫୁଡ୍ ଷ୍ଟଲ୍ ଓ ସ୍ନାକ୍ସ ସେଣ୍ଟର ସମେତ ମୋଟ ୧୮ଟି ଖାଦ୍ୟ ବିକ୍ରି ପ୍ରତିଷ୍ଠାନରେ ଚଢଉ କରି କଡ଼ାକଡ଼ି ଭାବେ ଯାଞ୍ଚ କରିଛି। ଖାଦ୍ୟ ପ୍ରସ୍ତୁତିରେ କୌଣସି ପ୍ରକାର କୃତ୍ରିମ ଖାଦ୍ୟ ରଙ୍ଗ ଏବଂ ଚାଇନା ସଲ୍ଟ ବ୍ୟବହାର ନ କରିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ନିରାପତ୍ତା ଓ ମାନକ ଆଇନର ନିୟମ ବ୍ୟତିକ୍ରମ କରିଥିବା ଅଭିଯୋଗରେ ସମ୍ପୃକ୍ତ ପ୍ରତିଷ୍ଠାନଗୁଡ଼ିକ ଉପରୁ ମୋଟ ୬, ୦୦୦ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏହାସହିତ ବିକ୍ରି ପାଇଁ ରଖାଯାଇଥିବା ପ୍ରାୟ ୧୯.୫ କିଲୋଗ୍ରାମ୍ ଅସ୍ୱାସ୍ଥ୍ୟକର ଓ ବାସି ଖାଦ୍ୟକୁ ଜବତ କରାଯାଇ ତୁରନ୍ତ ନଷ୍ଟ କରାଯାଇଛି। ବିଭିନ୍ନ ପ୍ରତିଷ୍ଠାନରୁ ୭ଟି ପାଣି ନମୁନା, ୩ଟି ପନୀର ନମୁନା ଏବଂ ୪ଟି ପ୍ୟାକେଟ୍ ଖାଦ୍ୟ ନମୁନା ସଂଗ୍ରହ



କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଖାଦ୍ୟ ନିରାପତ୍ତା ଆଇନର ସିଡ୍ୟୁଲ ୪ ନିୟମାନୁସାରେ ପରିଷ୍କାର-ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ୬ ଜଣ ଖାଦ୍ୟ ବ୍ୟବସାୟୀଙ୍କୁ ଇମ୍ପ୍ରୁଭମେଣ୍ଟ ନୋଟିସ ମଧ୍ୟ ଜାରି କରାଯାଇଛି। ଏହି ସ୍ୱତନ୍ତ୍ର ଚଢଉ ସମୟରେ ସହରର କିଛି ପ୍ରମୁଖ ଓ ବଡ଼ ହୋଟେଲ ଯଥା ହୋଟେଲ ରୁଦ୍ରାକ୍ଷ ଇନ୍, ହୋଟେଲ ଆର୍ଯ୍ୟନ୍, ହୋଟେଲ ଦି ପାର୍କ ଇନ୍, ଅଶୋକ ହୋଟେଲ ଏବଂ ରୋୟାଲ ଉତ୍ତମ ରେଷ୍ଟୋରାଣ୍ଟ ସମେତ ଅନ୍ୟାନ୍ୟ ଫାଷ୍ଟଫୁଡ୍ ଓ ସ୍ନାକ୍ସ ସେଣ୍ଟରଗୁଡ଼ିକୁ ବିଶେଷ ସତର୍କତା ନୋଟିସ୍ ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନର ଏହି ଏନଫୋର୍ସମେଣ୍ଟ ଟିମ୍‌ରେ ଖାଦ୍ୟ ସୁରକ୍ଷା ଅଧିକାରୀ କୁନ୍ଦନ ଲୁହାର, କାର୍ଯ୍ୟାଳୟ ସହକାରୀ ଯାଦବ ଦେହେରୀ, ପୌରପାଳିକା କର୍ମଚାରୀ ଶରତ ଚନ୍ଦ୍ର କେଶରୀ, ସଦର ଥାନା କନଷ୍ଟେବଳ ଜିତେନ୍ଦ୍ର ପ୍ରଧାନ ଏବଂ ହୋମଗାର୍ଡ ଯାଜ୍ଞସେନି ନାହାକ ପ୍ରମୁଖ ସାମିଲ ଥିଲେ।

## ଝାରସୁଗୁଡ଼ା ଜିଲ୍ଲା ଆପାତକାଳୀନ ବୈଠକ

**ଝାରସୁଗୁଡ଼ା, ୧୪।୮ (ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ସଭାପତିତ୍ୱ କରିଥିଲେ। ଜିଲ୍ଲାରେ ବିପଜ୍ଜନକ କାରଖାନାଗୁଡ଼ିକର ସୁରକ୍ଷା, ଆପାତକାଳୀନ ଆଗୁଆ ପ୍ରସ୍ତୁତି ଏବଂ ବିପଦ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କୌଣସି ବି ଶିଳ୍ପାଞ୍ଚଳରେ ଦୁର୍ଘଟଣାର ଆଶଙ୍କାକୁ ଏଡ଼ାଇବା ପାଇଁ ପୂର୍ବପ୍ରସ୍ତୁତି ଏବଂ ନିୟମିତ ସୁରକ୍ଷା ଯାଞ୍ଚ ଅତ୍ୟନ୍ତ ଜରୁରୀ ବୋଲି ଜିଲ୍ଲାପାଳ କହିଥିଲେ। ସେ ସମସ୍ତ ଶିଳ୍ପସଂସ୍ଥାକୁ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସାମ୍ନା କରିବା ପାଇଁ ସଦାସର୍ବଦା ସଜାଗ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜନବସତି ପୂର୍ଣ୍ଣ ଅଞ୍ଚଳରେ ଚାଲିଥିବା ଆମୋନିଆ ଗ୍ୟାସ୍ ପରିଚାଳନା ସଂକ୍ରାନ୍ତୀୟ ୟୁନିଟ୍‌ଗୁଡ଼ିକର ନିରାପତ୍ତାକୁ ନେଇ କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲା। ସେଗୁଡ଼ିକର ସୁରକ୍ଷା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, କାରଖାନା ଓ ବଏଲର ବିଭାଗର ଉପ-ନିର୍ଦ୍ଦେଶକ (ସମ୍ବଲପୁର ଡିଭିଜନ୍) ଇଞ୍ଜିନିୟର ସ୍ୱରୂପ ଜେନା, ସହକାରୀ ନିର୍ଦ୍ଦେଶକ ଇଞ୍ଜିନିୟର ଅର୍ଚ୍ଚନା ଦାଶ, ଜିଲ୍ଲା ଆପାତକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହଙ୍କ ସମେତ ଜିଲ୍ଲାର ପ୍ରମୁଖ ଶିଳ୍ପସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ।

## ଗାଦିଚ୍ୟୁତ ବିଜେଡି ପୌରାଧ୍ୟକ୍ଷା ପୁନଃ ଅବସ୍ଥାପିତ

**ଦେବଗଡ଼, ୧୪।୮ (ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥିବା ଦେବଗଡ଼ ପୌର ପରିଷଦର ବିଜେଡି ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଆଜି ପୁଣିଥରେ ତାଙ୍କର ପଦବୀ ଫେରି ପାଇଛନ୍ତି। ଶନିବାର ପୂର୍ବାହ୍ନରେ ଶ୍ରୀମତି ଦେଇ ନିଜ ସମର୍ଥକଙ୍କ ସହ ଏକ ପଟୁଆରରେ ବାସଭବନରୁ ବାହାରି ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚି ଆସନ ଅଳଙ୍କୃତ କରିଥିଲେ। ଏହି ଅବସରରେ ସେ ଧର୍ମ ଓ ନ୍ୟାୟର ବିଜୟ ହୋଇଛି ବୋଲି ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ରାଜନୈତିକ ଦଳ ତଥା ବ୍ୟକ୍ତିବିଶେଷ ଜନ ସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିବାକୁ ବିରୋଧୀ ଦଳ ପାରିଷଦଙ୍କୁ ଇଙ୍ଗିତ କରିଥିଲେ। ନିର୍ବାଚନ ସମୟରେ ସେ ପୌରାଞ୍ଚଳବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡିକୁ ପୂରଣ କରି ସୁନ୍ଦର ଦେବଗଡ଼ ଗଠନ କରିବାକୁ ସମସ୍ତ ପ୍ରୟାସ କରିବେ ବୋଲି ପ୍ରକାଶ କରିଥିଲେ।

## ଶିଶୁବିଜ୍ଞାନ କଂଗ୍ରେସ ଦିଗଦର୍ଶନ କାର୍ଯ୍ୟକ୍ରମ

**ବୌଦ୍ଧ, ୧୪।୮ (ସମିସ):** ବୌଦ୍ଧ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁବିଜ୍ଞାନ କଂଗ୍ରେସ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ



ଚୂଡ଼ାମଣି ବାରିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜାତୀୟ ଶିଶୁବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ ତଥା ବଡ଼ିଗାଁ ହାଇସ୍କୁଲର ସହକାରୀ ଶିକ୍ଷକ ଦିଲ୍ଲୀପ ମଲ୍ଲିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଜିଲ୍ଲାର ୧୦୬ଜଣ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଜିଲ୍ଲା ବିଜ୍ଞାନ ବିଭାଗର ସହଯୋଗୀ ଶିକ୍ଷକ ପ୍ରବୀଣ ପ୍ରଧାନ ସହଯୋଗ କରିଥଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ।

## ନୂଆପାଲି ହାଇସ୍କୁଲରେ ଘଣ୍ଟାପଡ଼ା ପୁଲିସର ସଚେତନ କାର୍ଯ୍ୟକ୍ରମ

**କଣ୍ଟାମାଳ, ୧୪।୮ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପକ୍ଷରୁ ନୂଆପାଲିସ୍ଥିତ ଆଦିବାସୀ ହାଇସ୍କୁଲରେ ସାଇବର ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନନ୍ତ କ୍ଷେତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନାଧିକାରୀ ସୌମ୍ୟରଞ୍ଜନ ପାତ୍ର ଯୋଗ ଦେଇ ବର୍ତ୍ତମାନ ସ୍ଥିତିରେ ସାଇବର ଠକେଇ, ସାଇବର ଅପରାଧ ଉପରେ ବିସ୍ତୃତ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଅନନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ଝାରସୁଗୁଡ଼ା ଅତିରିକ୍ତ ଏସ୍‌ପି, ଏସଆଇଙ୍କୁ ଡିଜିପି ଡିସ୍କ

**ଝାରସୁଗୁଡ଼ା, ୧୪।୮ (ସମିସ):** ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମଧୁସିକ୍ତା ମିଶ୍ର ଏବଂ ରେଙ୍ଗାଲି ଥାନା ଏସ୍ଆଇ ସମରେନ୍ଦ୍ର ନାୟକଙ୍କୁ ଡିଜିପି ଡିସ୍କ ଆୱାର୍ଡ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ପୁଲିସ ଭବନ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଉଭୟ ଅଧିକାରୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି।

## ବର୍ଷା ଜଳ ନିଷ୍କାସନ ପାଇଁ କ୍ଷେତ୍ର ପରିଦର୍ଶନ

**ବୌଦ୍ଧ, ୧୪।୮ (ସମିସ):** ବୌଦ୍ଧ ସହର ବୁଟୁପାଲି ଜାମୁଛକ ନିକଟରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସନ ପାଇଁ ପ୍ରଶାସନ କ୍ଷେତ୍ର ପରିଦର୍ଶନ କରିଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଜିଲ୍ଲାପାଳ ଓ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ପାଖରେ ଦାବି କରି ଆସୁଛନ୍ତି। ଗତ ଲଗାଣ ବର୍ଷାରେ ଜମି ରହିଥିବା ପାଣି ଲୋକଙ୍କ ଘର ଭିତରେ ପଶିବା ପରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ଅଗ୍ନିଶମ ବାହିନୀ ଜଳ ନିଷ୍କାସନ ପାଇଁ ନିୟୋଜିତ ହୋଇଥିଲେ ମଧ୍ୟ ଜଳ ନିଷ୍କାସନ ହୋଇପାରି ନ ଥିଲା। ଖବର ପାଇ ବୌଦ୍ଧ ତହସିଲଦାର ଅନିତା ସାହୁ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁନା ଚରଣ ସିଂ, ବୌଦ୍ଧ ଆଦର୍ଶ ଥାନା ଆଇଆଇସି ନଳିନୀକାନ୍ତ ଦାସ, ସଦର ରାଜସ୍ୱ ନିରୀକ୍ଷକ ପଙ୍କଜ କହଁର ଜାମୁଛକ ନିକଟରେ ପହଞ୍ଚି ଜଳ ନିଷ୍କାସନ ପାଇଁ ଥିବା ବିକଳ୍ପ ମାଧ୍ୟମଗୁଡିକ ଉପରେ ଅନୁଧ୍ୟାନ କରିଥିଲେ।

## ଜିଲ୍ଲାପାଳଙ୍କ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ କାର୍ଯ୍ୟାଳୟ ପରିଦର୍ଶନ

**ଝାରସୁଗୁଡ଼ା, ୧୪।୮ (ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋସ୍ନାମୟୀ ମାରାଣ୍ଡିଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ ବିଭାଗର କାର୍ଯ୍ୟକାରିତା, କର୍ମଚାରୀଙ୍କ ଉପସ୍ଥିତି, ଚାଲୁରହିଥିବା ପ୍ରମୁଖ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ନଳ ଜଳ ଯୋଗାଣ କଭରେଜ୍, ନୂତନ ନଳକୂପ ଖନନ, ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଏବଂ ସମଗ୍ର ଜିଲ୍ଲାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ବିସ୍ତୃତ ସମୀକ୍ଷା କରିଥିଲେ। ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ଏବଂ ସୁରକ୍ଷିତ ପାନୀୟ ଜଳ ଯୋଗାଇଦେବା ପ୍ରଶାସନର ମୁଖ୍ୟ ପ୍ରାଥମିକତା ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ବାକି ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ସମନ୍ୱୟ ବୈଠକ




**ଝାରସୁଗୁଡ଼ା, ୧୪।୮ (ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିଙ୍କୁ ନେଇ ଏକ ସମନ୍ୱ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ ଏବଂ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିସହ ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ ଏବଂ ସହକାରୀ କଲେକ୍ଟର (ନିର୍ବାଚନ) ଦୁଷ୍ମନ୍ତ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଜେଡି ସାଧାରଣ ସମ୍ପାଦକ ରଘୁନନ୍ଦନ ପାଢ଼ୀ, ବିଜେପିର ଯୁଗ୍ମ ସମ୍ପାଦକ ନୱଲ ଅଗ୍ରୱାଲ, ସିପିଆଇ(ଏମ୍) ସଭାପତି ଗୌରୀଶଙ୍କର ପାତ୍ର, ସିପିଆଇ(ଏମ୍) ଯୁଗ୍ମ ସମ୍ପାଦକ ବାସୁଦେବ ଧୁରୁଆ ଏବଂ ବିଏସପି ସଭାପତି ଲକ୍ଷ୍ମଣ ଉର୍ମା ପ୍ରମୁଖ ସାମିଲ ଥିଲେ।

# ସମସ୍ତଙ୍କୁ ଏକ କରିଛି ତ୍ରିରଙ୍ଗା ଶୋଭାଯାତ୍ରା

**ତରଭା, ୧୪।୮ (ସମିସ)**

ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଅବସରରେ ଶୁକ୍ରବାର ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ତରଭା ସହର ପରିକ୍ରମା କରିଛି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଛାତ୍ରଛାତ୍ରୀ, ସୁଭଦ୍ରା ଶକ୍ତି ମହିଳା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ତ୍ରିରଙ୍ଗା ଧରି ସହର ପରିକ୍ରମା କରିଥିଲେ। ପ୍ରାରମ୍ଭରେ ବଲାଙ୍ଗୀର ସାଂସଦଙ୍କ ତରଭା ବ୍ଲକ ପ୍ରତିନିଧି ବିମଳ ମିଶ୍ର, ଏନଏସି ପ୍ରତିନିଧି ମାନସ ସାହୁ, ବିଡ଼ିଓ ଶିବାନନ୍ଦ କର୍ମୀ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଏନଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକ, ବିଏସଏସଓ ପ୍ରଭାସ କର୍ଣ୍ଣଙ୍କ ନେତୃତ୍ୱରେ ବନ୍ଦେ ମାତରଂ ସଙ୍ଗୀତ ଗାନ କରାଯାଇଥିଲା।





ଶୋଭାଯାତ୍ରରେ ଏଇଏସ କଲେଜ, ବାଳକ ହାଇସ୍କୁଲ, ବାଳିକା ହାଇସ୍କୁଲ, ଶ୍ରୀ ହରି ବିଦ୍ୟାନିକେତନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ, ବ୍ଲକ, ଆଇସିଡିଏସ, ତହସିଲ, ଏନଏସି, ପୁଲିସ କର୍ମଚାରୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ରାଲି ଆୟୋଜନ କରାଯାଇଥିଲା। ଏହା ବ୍ଲକ କାର୍ଯ୍ୟାଳୟରୁ ବାହାରି ଡୁଙ୍ଗୁରିପାଲି ବସ୍ ଷ୍ଟାଣ୍ଡ ଦେଇ ସହଲା ଛକ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏଥିରେ ଡୁଙ୍ଗୁରିପାଲି ଜନ ପ୍ରତିନିଧି, ଯୁବବର୍ଗ, ସ୍ୱେଚ୍ଛାସେବୀ, ସାଧାରଣ ନାଗରିକ, ସ୍ୱୟଂ ସହାୟକ ଦଳ, ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ବିଡ଼ିଓ ସଞ୍ଜୀବ ସାହୁ, ବୀରେନ୍ଦ୍ର କଠାର, ଏବିଡ଼ିଓ ମହେଶ୍ୱର ପଧାନ, ବିଏସଏସଓ କ୍ଷୀରୋଦ ଭୂଷଣ ରାୟ, ବିପିସି ସଞ୍ଜୀତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୧୬ରେ ପରବାସୀ କୁଟୁମର ନୂଆଁଖାଇ ଭେଟ୍

**ବିଜେପୁର, ୧୪।୮ (ସମିସ):** ଗାଁ ମାଟିରୁ ବାହାରେ ରହି ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଦିଗରେ ସମର୍ପିତ ହୋଇ କାମ କରୁଥିବା ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ପରବାସୀ କୁଟୁମ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ସେପ୍ଟେମ୍ବର ୧୬ ତାରିଖ ଦିନ ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥ ବରମୁଣ୍ଡା ଗ୍ରାମରେ ନୂଆଁଖାଇ ଭେଟ୍ ଘାଟ୍ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ପରବାସୀ କୁଟୁମର କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମିଶ୍ର, ଦେବାଶିଷ ମେହେର, ଗଣେଶ ମେହେର, ହୃଦମଣୀ ପଧାନ, ଗଜାନନ ସାହୁ, ଆଶୁତୋଷ ମହାପାତ୍ର, ତରଣୀସେନ ମେହେର, ଶେଷଦେବ ମେହେର, ଦୀପକ ସିଂ ବରିହା, ଲୋକେଶ ସାହୁ, ପୀତବାସ ମେହେର, ବରମୁଣ୍ଡା ନୂଆଁଖାଇ ଭେଟ୍ ଘାଟ୍‌ର ସଭାପତି ଚନ୍ଦ୍ରଗୁପ୍ତ ନାଏକ, ସମ୍ପାଦକ ସର୍ଜନ ବଗର୍ତ୍ତୀ, ବୀରେନ୍ଦ୍ର ନାଏକ, ବାସୁଦେବ ପଧାନ, ଡିଲେଶ୍ୱର ସାହୁ ଗୋରାଚାନ୍ଦ ସାହୁ, ବିଭୁତି ଭୂଷଣ ସାହୁ, ରାଜେଶ୍ୱର ସାହୁଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସଂଗ୍ରାମୀଙ୍କ ଗାଁ ପାଣିମୋରା ଏବେ ବି ଅବହେଳିତ

## ପରିତ୍ୟକ୍ତ କୋଠରୀରେ ପଡ଼ିଛି ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି

**ବରଗଡ଼, ୧୪।୮ (ସମିସ)**






ଦେଶ ଆଜି ପାଳନ କରୁଛି ୮୦ତମ ସ୍ୱାଧୀନତା ଦିବସ। ବରଗଡ଼ ଜିଲ୍ଲାସ୍ତରରେ ମଧ୍ୟ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚାରିଆଡ଼େ ଦେଶପ୍ରେମର ଜୟଗାନ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳିର ସୁଅ ଛୁଟୁଥିବା ବେଳେ ପଶ୍ଚିମ ଓଡ଼ିଶାର ଇତିହାସ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ପାଣିମୋରା ଠାରୁ ଆସିଛି ଏକ ଅତ୍ୟନ୍ତ ଦୁଃଖଦ ଏବଂ ଚିନ୍ତାଜନକ ଖବର। ଯେଉଁ ମାଟିର ୩୨ ଜଣ ବୀର ସନ୍ତାନ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ବ୍ରିଟିଶଙ୍କ ଅତ୍ୟାଚାର ଓ କାରାଦଣ୍ଡକୁ ଖାତିର ନକରି ଦେଶ ପାଇଁ ଲଢ଼ିଥିଲେ ସେହି ଗ୍ରାମର ଏକ ପରିତ୍ୟକ୍ତ କୋଠରୀ ଭିତରେ ପଶ୍ଚିମ ଓଡ଼ିଶାର ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଗୁଡ଼ିକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡ଼ିରହିଛି। ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ସଚେତନ ନାଗରିକ ଏବଂ ସଂଗ୍ରାମୀଙ୍କ ପରିବାରବର୍ଗଙ୍କ ମଧ୍ୟରେ ତୀବ୍ର କ୍ଷୋଭ ଓ ଅସନ୍ତୋଷ ଦେଖା ଦେଇଛି। ଏହି ପରିତ୍ୟକ୍ତ କୋଠରୀରେ ଅବହେଳିତ ଅବସ୍ଥାରେ ପଡ଼ିଥିବା ମହାନ ସ୍ୱାଧୀନତା ସଂଗ୍ରାମୀମାନେ ହେଲେ - ଲକ୍ଷ୍ମୀନାରାୟଣ ମିଶ୍ର, ପ୍ରଭାବତୀ ଦେବୀ, ଜମ୍ବୁବତୀ ପଟ୍ଟନାୟକ, ଭାଗୀରଥି ପଟ୍ଟନାୟକ, ଫକିର ବେହେରା, ଦୟାନନ୍ଦ ଶତପଥୀ, ପାର୍ବତୀ ଗିରି, ପ୍ରଫୁଲ୍ଲ ପଟ୍ଟନାୟକ ପ୍ରମୁଖ। ଏନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି ଯେ, ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଣିମୋରାକୁ ଏକ 'ଆଦର୍ଶ ସ୍ୱାଧୀନତା ସଂଗ୍ରାମୀ ଗ୍ରାମ' ଭାବେ ବିକଶିତ କରିବା ନେଇ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ବାସ୍ତବ ଚିତ୍ରଟି ସମ୍ପୂର୍ଣ୍ଣ ଓଲଟା। ସ୍ୱାଧୀନତାର ୮୦ ବର୍ଷ ପୂର୍ତ୍ତି ଅବସରରେ ବୀର ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଏଭଳି ଦୁର୍ଦ୍ଦଶା ସମଗ୍ର ଜିଲ୍ଲା ପାଇଁ ଏକ କଳଙ୍କର ବିଷୟ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଆଜି ସବୁଆଡେ ଉତ୍ସବ ମୁଖର ହୋଇ ପଡ଼ିଥିବା ବେଳେ ଏ ସଂଗ୍ରାମୀମାନଙ୍କ ପାଇଁ ଏତେ ଅବହେଳା କାହିଁକି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପ୍ରଶାସନ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ପରିତ୍ୟକ୍ତ କୋଠରୀରୁ ଏହି ମୂର୍ତ୍ତି ଗୁଡ଼ିକୁ ସମ୍ମାନର ସହ ଉଦ୍ଧାର କରି ସ୍ୱତନ୍ତ୍ର ସଂଗ୍ରହାଳୟ ବା ସ୍ମାରକୀରେ ସଂରକ୍ଷିତ କରିବାକୁ ଦାବି ଜୋର ଧରିଛି।

# ପଞ୍ଜୀକରଣ ଜଟିଳତା ସମାଧାନ ପାଇଁ ଦାବି



**ଝାରବନ୍ଧ, ୧୪।୮ (ସମିସ):** ଧାନ ବିକ୍ରି ପଞ୍ଜିକରଣ ପ୍ରକ୍ରିୟାକୁ ସରଳ କରିବା ସହ ଯୋଗ୍ୟ ଚାଷୀଙ୍କ ସମସ୍ତ ଧାନ ସରକାରୀ ମୂଲ୍ୟରେ ସଂଗ୍ରହ କରିବା ଦାବିରେ ରାଜବୋଡ଼ାସମ୍ବର କୃଷକ ସଂଗଠନ ଝାରବନ୍ଧ ବ୍ଲକ ତରଫରୁ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାଥମିକ କୃଷି ସେବା ସମବାୟ ସମିତି, ଲୌଡ଼ିଦର୍ହା ସମ୍ପାଦକ ରାଧେଶ୍ୟାମ ଖରସେଲଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଚଳିତ ଖରିଫ ଋତୁରେ ଧାନ ବିକ୍ରି ପଞ୍ଜିକରଣ ବ୍ୟବସ୍ଥାରେ ରହିଥିବା ବିଭିନ୍ନ ଜଟିଳତା ଯୋଗୁଁ ଅନେକ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ କରାଯାଇଛି। ତେଣୁ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ ଓ ସହଜ କରାଯିବାକୁ ଦାବି କରାଯାଇଛି। ବୈଲୋଚନ ଭୋଇ, ଅମୋଦ ପଟେଲ ଶ୍ରୀନିବାସ ସାହୁ, ରମେଶ ମହାପାତ୍ର, ସରୋଜ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ନୀତି ଫର୍ ଷ୍ଟେଟ୍ ୟୁଜ୍-କ୍ୟାସ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ




**ପାଇକମାଳ, ୧୪।୮ (ସମିସ):** କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଦକ୍ଷତା ବିକାଶ, ସଚେତନତା ସୃଷ୍ଟି, ବ୍ୟବହାରିକ ପରିବର୍ତ୍ତନ ଏବଂ ସରକାରୀ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୁରୁବାର 'ନୀତି ଫର୍ ଷ୍ଟେଟ୍ ୟୁଜ୍-କେସ୍ ଚ୍ୟାଲେଞ୍ଜ' ବ୍ଲକ ସମିତି କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଡ଼ିଓ ପ୍ରଫୁଲ୍ଲ କୁମାର ଓଡ୍ଡ଼ୁ ସଭାପତିତ୍ୱ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ଓ ପୁଷ୍ଟି ସହିତ କୃଷି ଓ ଆନୁଷଙ୍ଗିକ ସେବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସରୋଜ ସାମଲ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ନୀତି ଫର୍ ଷ୍ଟେଟ୍ ୟୁଜ୍-କେସ୍ ଚ୍ୟାଲେଞ୍ଜର ଉଦ୍ଦେଶ୍ୟ, କ୍ଷେତ୍ରସ୍ତରରେ ସରକାରୀ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ବିଭାଗୀୟ ସମନ୍ୱୟର ଗୁରୁତ୍ୱ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏଥିରେ ଚେୟାରମ୍ୟାନ୍ ଭାବନା ସିଂ, ସିଡିପିଓ ବାସନ୍ତୀ ପୂର୍ତ୍ତି, ଆଇସିଡିଏସ୍, ବ୍ଲକ କୃଷି ଅଧିକାରୀ ନୂତନ କୁମାର ସୁରେନ, ଚିକିତ୍ସା ଅଧିକାରୀ ଅଭିଳାଷ ମହାନ୍ତି, ଆସ୍ପିରେସନାଲ ବ୍ଲକ ଫେଲୋ, ନୀତି ଆୟୋଗର ପ୍ରତିନିଧିଙ୍କ ସମେତ ସମ୍ପୃକ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଯୋଗଦେଇଥିଲେ।

# ମେଧାବୀ ଛାତ୍ରୀଙ୍କୁ ଲାପଟପ୍ ପ୍ରଦାନ

**ପବରଗଡ଼, ୧୪।୮ (ସସିସ):** ଅଭାବ ଅନାଟନ ମଧ୍ୟରେ ଉଚ୍ଚଶିକ୍ଷା ଜାରି ରଖିଥିବା ମେଧାବୀ ଛାତ୍ରୀ ଅତାବିରା ବ୍ଲକ ଖଲିଆପାଲି ଗ୍ରାମର ରୋଶନୀ ନନ୍ଦଙ୍କୁ ବରଗଡ଼ ଡକ୍ଟର ବିଆର ଆମ୍ବେଦକର ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଲାପଟପ୍ ପ୍ରଦାନ କରାଯାଇଛି। ଶୁକ୍ରବାର ଟ୍ରଷ୍ଟର ସକ୍ରିୟ ସଦସ୍ୟମାନଙ୍କଠାରୁ ତତ୍କାଳ ଅବଦାନ ସଂଗ୍ରହ କରି ରୋଶନୀଙ୍କୁ ଏହି ଲାପଟପ୍ ପ୍ରଦାନ କରାଯାଇଥିଲା। ଗୁରୁ ଚରଣ ହରପାଲ, ଶୋଭାରାମ ତାଣ୍ଡି, ପୀତାମ୍ବର ମହାନନ୍ଦ ଓ ରମେଶ ଚନ୍ଦ୍ର ଟାକିରିଙ୍କ ସମେତ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ରୋଶନୀ ଉତ୍ତରପ୍ରଦେଶର ଗ୍ରେଟର ନୋଏଡାସ୍ଥିତ ଗାଲଗୋଟିଆ ବିଶ୍ୱବିଦ୍ୟାଳୟରେ +୩ କଳା ବିଭାଗର ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ସେ +୩ ପ୍ରଥମ ବର୍ଷରେ ୯୦ ପ୍ରତିଶତ ମାର୍କ ରଖିଥିବା ବେଳେ +୨ ପରୀକ୍ଷାରେ ୯୩ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଆଗାମୀ ଦିନରେ ୟୁପିଏସସି ସିଭିଲ୍ ସର୍ଭିସ ପରୀକ୍ଷାରେ ସଫଳତା ହାସଲ କରିବା ତାଙ୍କର ଲକ୍ଷ୍ୟ ରହିଛି। ତେବେ ପାରିବାରିକ ଆର୍ଥିକ ଅବସ୍ଥା ତାଙ୍କ ଶିକ୍ଷା ଜୀବନରେ ବାଧା ସୃଷ୍ଟି କରୁଛି।




# ଷ୍ଟାର୍ଟଅପ୍ ଏବଂ ଇନୋଭେସନ୍ ପ୍ରୋଗ୍ରାମ

**ବରପାଲି, ୧୪।୮ (ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ 'ଷ୍ଟାର୍ଟଅପ୍ ଏବଂ ଇନୋଭେସନ୍ ପ୍ରୋଗ୍ରାମ୍-୨୦୨୬' ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିମାନଙ୍କୁ ଆମନ୍ତ୍ରଣ ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷା ଜୟନ୍ତୀ ଦାଶ କାର୍ଯ୍ୟକ୍ରମରେ ସ୍ୱାଗତ ଜଣାଇବା ଅବସରରେ ନୂତନ ଚିନ୍ତାଧାରା ଓ ଉଦ୍ୟୋଗୀ ମନୋଭାବନା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ନତାଶା ସିକନ୍ଦରଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଅତିଥିଗଣ ମିଳିତ ଭାବେ 'ବନ୍ଦେ ମାତରମ୍' ସମୂହ ଗାନ କରିଥିଲେ। ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ନିଜ ନିଜର ନବସୃଜନ ଓ ଷ୍ଟାର୍ଟଅପ୍ ସମ୍ବନ୍ଧୀୟ ପ୍ରୋଜେକ୍ଟର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ଶ୍ରୀଯୁକ୍ତ ଅଇଁଠୁ ସାହୁ ଯୋଗ ଦେଇଥିଲେ।

# ବୁଢ଼ାଡଙ୍ଗର ଗନ୍ଧମାର୍ଦ୍ଦନ ଅଞ୍ଚଳରେ ୩ ଟିକିଆ ହାତୀ ପଲ

**ପଦ୍ମପୁର, ୧୪।୮ (ସମିସ):** ବୁଢ଼ାଡଙ୍ଗର ଓ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତମାଳା ଅଞ୍ଚଳରେ ପୁଣିଥରେ ହାତୀପଲଙ୍କ ଆତଙ୍କ ଦେଖାଦେଇଛି। ଏହି ଅଞ୍ଚଳର ଅନ୍ତରଲା ଏବଂ ତେତେଲଖୁଣ୍ଟି ଗ୍ରାମ ଆଖପାଖରେ ଏକ ତିନି ଟିକିଆ ହାତୀପଲ ବୁଲୁଥିବା ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ବନ ବିଭାଗ ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିଥିବାବେଳେ ଗାଁ ଗାଁ ବୁଲି ସଚେତନ କରୁଛି। ପଦ୍ମପୁର ରେଞ୍ଜର ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଗଠିତ ସ୍ୱତନ୍ତ୍ର ଟିମ୍ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ଜିଲ୍ଲା ବରିଷ୍ଠ ନାଗରିକଙ୍କ ପକ୍ଷରୁ ସାମୂହିକ ଜଳଶାୟୀ




**ବରଗଡ଼, ୧୪।୮ (ସମିସ):** ଅତାବିରା ବ୍ଲକ ସରଣ୍ଡା ବାବା ବିଶ୍ୱେଶ୍ୱର ଶିବ ମନ୍ଦିର ଠାରେ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାମୂହିକ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଚ୍ୟୁତାନନ୍ଦ ବାରିକ ଓ ତାଙ୍କ ପତ୍ନୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ସଂଘର ଶତାଧିକ ଭକ୍ତ ସପତ୍ନୀକ ଜଳାଭିଷେକରେ ଯୋଗ ଦେଇଥିଲେ। ସଭାପତି କେଦାର ମିଶ୍ରଙ୍କ ସ୍ୱାଗତ ଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

# ସାଇବର୍ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୧୪।୮ (ସମିସ):** ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟରେ ସାଇବର ସଚେତନତା ସଭା ଅଧ୍ୟକ୍ଷ ଡକ୍ଟର ସରୋଜ କୁମାର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଇବର ଥାନା ଅଧିକାରୀ ଶଶୀ ଭୂଷଣ ମିଶ୍ର ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ସୁନୀଲ କୁମାର ଅଗସ୍ତି ଓ ଅଧ୍ୟାପିକା ନମିତା ବିଶି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ସାଇବର ଠକଙ୍କ କବଳରୁ ସୁରକ୍ଷା ନେଇ ସଚେତନ କରିଥିଲେ।

# ଚାରାରୋପଣ କାର୍ଯ୍ୟକ୍ରମ

**ଭେଡେନ, ୧୪।୮ (ସମିସ):** ଆଞ୍ଚଳିକ ଜନକଲ୍ୟାଣ ଭିନ୍ନକ୍ଷମ ସଂଗଠନ ଭେଡେନର ସହଯୋଗିତାରେ ଚାରାରୋପଣ କାର୍ଯ୍ୟକ୍ରମ ସରକାରୀ ପ୍ରାଇମେରୀ ସ୍କୁଲ, ନନ୍ଦିନିପୁରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାୱାର ଅଫ୍ ଦିବ୍ୟାଙ୍ଗର ଉପସଭାପତି ଅଶୋକ ଅଗ୍ରୱାଲ, ସମ୍ପାଦକ ମେଘନାଦ ସାହୁ ଯୋଗଦାନ କରି ସଭ୍ୟସଭ୍ୟା ମାନଙ୍କୁ ଉତ୍ସାହିତ କରିଥିଲେ। ସଂଘର ସଭାପତି ବସନ୍ତ କୁମାର ଭୋଇ, ସମ୍ପାଦକ ସନ୍ତୋଷ କୁମାର ଭୋଇ, ଧବଳେଶ୍ୱର ବଗର୍ତ୍ତି, ଫିରୋଜ ଚିର୍ଗୁନ୍, ଧନୁ ବେହେରା, ଆକାଶ ବେହେରା ପ୍ରମୁଖ ସକ୍ରିୟ ସଭ୍ୟ ଚାରା ରୋପଣ କରିଥିଲେ। ପ୍ରଧାନ ଶିକ୍ଷକ ଅମୃତଲାଲ ବିଶି ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ସତଲମା ବାଳିକା ଉଚ୍ଚ ବିଦ୍ୟାଳୟରେ ସାଇବର୍ ସଚେତନତା

**ବରପାଲି, ୧୪।୮ (ସମିସ):** ବରପାଲି ବ୍ଲକ ସତଲମା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରପାଲି ଥାନା ଆଇଆଇସି ପ୍ରମୋଦ କୁମାର ସାହୁ ଯୋଗଦେଇ ଡିଜିଟାଲ ଯୁଗରେ ସାଇବର ଅପରାଧର ବିଭିନ୍ନ ଦିଗ ଓ ଏଥିରୁ ସୁରକ୍ଷିତ ରହିବାର ଉପାୟ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ।

# 'ହର୍ ଘର୍ ତିରଙ୍ଗା' ରାଲିରେ ଦେଶପ୍ରେମର ନାରା

**ଭେଡ଼େନ, ୧୪।୮ (ସମିସ)**



ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ତରଫରୁ 'ଆମ ଗୌରବ ଆମ କଲେଜ' ଅଧୀନରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନ ଓ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ଭୀଷ୍ମଦେବ ପଧାନ ଓ ଅଧ୍ୟାପକ ରାକେଶ କୁମାର ମେହେରଙ୍କ ସଂଯୋଜନା ଶତାଧିକ ଛାତ୍ରଛାତ୍ରୀ ତ୍ରିରଙ୍ଗା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସେହିଭଳି ଭେଡେନ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ଦେବାଶିଷ ସିଂହ୍ନାଙ୍କ ତତ୍ତ୍ୱାବଧାନରେ ତଥା ଏବିଡ଼ିଓ ସୌଭାଗ୍ୟ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରାରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ତ୍ରିରଙ୍ଗା ଶୋଭାଯାତ୍ରାଟି ଭେଡେନ ବଜାର ପ୍ରାଙ୍ଗନରୁ ବାହାରି ଭେଡେନ ଗ୍ରାମ ପରିକ୍ରମା କରି ବ୍ଲକ ଠାରେ ପହଞ୍ଚି ଥିଲା।

**ପଦ୍ମପୁର:** ଜମଲା ଡିଗ୍ରୀ କଲେଜ ଜମଲାରେ ତ୍ରିରଙ୍ଗା ଶୋଭାଯାତ୍ରା ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କଲେଜର ପରିଚାଳନା କମିଟିର ସଭାପତି କଳାକହ୍ନାଇ ପଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସେହିଭଳି ରାଜବୋଡାସମ୍ବର ବ୍ଲକ ବରିକେଲ ମଣ୍ଡଳ କନସିଂହା ଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଓ ଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାତ୍ରାର ଶୁଭାରମ୍ଭ କରିଥିଲେ।

**ଅମ୍ବାଭୋନା:** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲୁକା ଓ ଡୁଙ୍ଗୁରି ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅମ୍ବାଭୋନାସ୍ଥିତ ବାବା କେଦାରନାଥ ମନ୍ଦିରରୁ ଏହି ଯାତ୍ରା ଆରମ୍ଭ ହୋଇ ପ୍ରକାଶପୁରସ୍ଥିତ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।ତ୍ରିରଙ୍ଗା ଯାତ୍ରାରେ ଶହ ଶହ ମୋଟରସାଇକେଲରେ ଜାତୀୟ ପତାକା ଉଡ଼ାଇ ବହୁ ସଂଖ୍ୟକ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ।

**ପାଇକମାଳ:** ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବରେଡକ୍ରସ ଓ ଏନଏସଏସର ମିଳିତ ଆନୁକୂଲ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରୁ ରାଲି ବାହାରି ସାଲେପାଲି ଗ୍ରାମ ପରିକ୍ରମା କରିଥିଲା। ସେହିପରି କଲେଜ ପରିସରରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟସ୍ତରୀୟ ସାଇବର ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସେହିଭଳି ପାଇକମାଳରେ ସବଡିଭିଜନସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ଏମଇ ସ୍କୁଲ ଖେଳ ପଡ଼ିଆ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ପାଇକମାଳ ମୁଖ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲା। ପାଇକମାଳ ମୁଖ୍ୟ ଛକ ଠାରେ ବିଡିଓ ପ୍ରଫୁଲ୍ଲ କୁମାର ଓଡ୍ଡୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଦ୍ମପୁର ଏଡିଏମ୍ ସରୋଜିନୀ ପ୍ରସନ୍ନ କୁଲ୍ଲୁ, ଉପଜିଲ୍ଲାପାଳ ହେମସାଗର ଭୋଇ ଓ ଏସଡିପିଓ ପାଣ୍ଡବ ଶବର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

**ଝାରବନ୍ଧ:** ଡୁଙ୍ଗୁରିପାଲିରେ ତିନୋଟି ବିଦ୍ୟାଳୟର ମିଳିତ ଉଦ୍ୟମରେ ୫୦୦ ମିଟର ଲମ୍ବା ତ୍ରିରଙ୍ଗାକୁ ନେଇ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲି, ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଚଣ୍ଡୀଭଟା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୁଙ୍ଗୁରିପାଲିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶୋଭାଯାତ୍ରା ପୂର୍ବରୁ ଆୟୋଜିତ ସଭାରେ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କବି ସିଂ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା ମୁଖ୍ୟ ଅତିଥି, ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟ ବକ୍ତା ଏବଂ ସାଂସଦ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ।

**ଭଟଲି:** ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ପରିସରରୁ ଭଟଲି ରଥଦାଣ୍ଡ ପଡ଼ିଆ ପର୍ଯ୍ୟନ୍ତ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ସରୋଜ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏବଇଡିଓ ଜ୍ୟୋସ୍ନାମୟୀ ଗଡ଼ତିଆ ତଥା ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ।

**ଗାଇସିଲେଟ:** ଗାଇସିଲେଟ ଅଞ୍ଚଳରେ 'ହର ଘର ତିରଙ୍ଗା' ଅଭିଯାନ ଅବସରରେ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉତ୍ସାହର ସହ ସାମିଲ ହୋଇ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ।

'ହର୍ ଘର୍ ତିରଙ୍ଗା' ରାଲି

# ଗୁଞ୍ଜରିତ ହେଲା ଦେଶପ୍ରେମର ନାରା






**ଖଡ଼ିଆଳ, ୧୪।୮ (ସମିସ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଇନ୍ଦ୍ରାଦୀ ମଣ୍ଡଳ ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଡ଼ିଆଳ ଆଜାଦ ଚୌକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମଣ୍ଡଳ ସଭାପତି ଯୁଧିଷ୍ଠିର ହଂସଙ୍କ ଅଧ୍ୟକ୍ଷତାରେ ଗଡ଼ରାମୁଣ୍ଡା ପଞ୍ଚାୟତରୁ ତ୍ରିରଙ୍ଗା ବାଇକ୍ ରାଲି ବାହାରି ଖଡ଼ିଆଳ ନଗର ପରିକ୍ରମା ପରେ ବିଭିନ୍ନ ପଞ୍ଚାୟତ ଅତିକ୍ରମ କରି ଭୋଜପୁରଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କିଶୋର ଚଲାନ, ପ୍ରଭାରୀ ପ୍ରଶାନ୍ତ କୁମାର ଦାସ, ସହପ୍ରଭାରୀ ଜନକରାମ ନାଏକ, ବରିଷ୍ଠ ବିଜେପି ନେତା ସଞ୍ଜୟ ତିୱାରୀ, ମନୋଜ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ପୂର୍ବତନ ଜିଲା ଉପସଭାପତି ମୋହନ ଭୋଇ, କୁଳମଣି ଘିଭେଲା, ସୁଶାନ୍ତ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

**ସିନାପାଲି:** ନୂଆପଡ଼ାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଜନପ୍ରତିନିଧି, ସରକାରୀ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସାଧାରଣ ଜନତା ବିପୁଳ ସଂଖ୍ୟାରେ ସାମିଲ ହୋଇଥିଲେ। ସକାଳ ୮ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଜିଲ୍ଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାରଙ୍କ ସମେତ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିବିଶେଷ, ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଯୋଗଦେଇଥିଲେ। ଶୋଭାଯାତ୍ରା ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

**କୋକସରା:** କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରା ଓ ବାଇକ୍ ରାଲିରେ ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଷୀ, ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର ଚୌଡ଼ଗଙ୍ଗ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, କୋକସରା ଥାନା ଅଧିକାରୀ ଡମ୍ବୁରୁଧର ଭରତିଆ, ଅବକାରୀ ଓଆଇସି ଗୁପ୍ତେଶ୍ୱର ପୁଟେଲଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, କର୍ମଚାରୀ, ଶିକ୍ଷକ ଓ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ଏହି ବାଇକ୍ ରାଲି ବାହାରି ଜାତୀୟ ରାଜପଥ ଦେଇ ଗମ୍ଭାରୀଗୁଡ଼ା ଓ ଚିକିଲି ଦେଇ ଲଡୁଗାଁରେ ପହଞ୍ଚିଥିଲା। ସେଠାରେ ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଅତିଥି ଓ ନେତୃବୃନ୍ଦ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ଏହି ରାଲି କେନ୍ଦୁଡଙ୍ଗରୀ ଓ ମହାଜନଗୁଡ଼ା ଛକ ଦେଇ ପୁନର୍ବାର ଜାତୀୟ ରାଜପଥରୁ କୋକସରାରେ ପହଞ୍ଚି ନଗର ପରିକ୍ରମା କରିଥିଲା।

**ଧର୍ମଗଡ଼/ଗୋଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫରଙ୍ଗ ଗ୍ରାମ ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରା ଓ ସଚେତନତା ରାଲି ସହ ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଥିଲା। ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାଏକଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଓ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଏଡିଇଓ ଡିଙ୍ଗର ପୋଡ଼ ଏବଂ ଜିଆରଏସ ବିଳାସିନୀ ଭୋଇ ଉପସ୍ଥିତ ରହି ରାଲି ପରିଚାଳନାରେ ସହଯୋଗ କରିଥିଲେ। ଏଥିସହିତ ସ୍ଥାନୀୟ ଜନପ୍ରତିନିଧି ଭାବେ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଭୋଇ ଏବଂ ସମିତି ସଭ୍ୟ ପ୍ରତିନିଧି ସୁରେନ୍ଦ୍ର ବାରିକ ଯୋଗଦେଇଥିଲେ। ବିଜେପିର ବରିଷ୍ଠ ସଦସ୍ୟ ଭାଗ୍ୟବାନ ବାଗ, ଲଳିତ ପ୍ରଧାନ ଓ ଆଦିତ୍ୟ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ସ୍କୁଲ ପିଲା ହାତରେ ତ୍ରିରଙ୍ଗା ପତାକା ଧରି ରାଲିରେ ଭାଗ ନେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟଠାରୁ ବାହାରି ଏହି ରାଲି ଗ୍ରାମର ବିଭିନ୍ନ ମୁଖ୍ୟ ରାସ୍ତା ପରିକ୍ରମା କରିଥିଲା।

**କଲମପୁର:** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ପ୍ରଶାସନ ପକ୍ଷରୁ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏହାକୁ ମିଶନ ଶକ୍ତି ବିପିଏମ ରିଗାନ୍ୟୁୟସ ଏକ୍କା ପରିଚାଳନା କରିଥିବା ବେଳେ ଏଥିରେ ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନାଏକ, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ବିଡ଼ିଓ ବିଜୟ ମାଣ୍ଡାଙ୍ଗି ସମେତ ତହସିଲଦାର ସ୍ମରଣିକା ତୁଳ, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ଷଡଙ୍ଗୀ, ଥାନାଧିକାରୀ ସୁନିଲୋ କଣ୍ଡାଗୋରି, ଏଏସଆଇ ଶିବ ଶଙ୍କର ମହାନ୍ତି, ସିଡ଼ିପିଓ ନିର୍ବାସିନୀ ଦେଇ, ବିଇଓ ବାଞ୍ଛାନିଧି ପଣ୍ଡା, ଏବିଇଓ ଦିଲିପ ବେହେରା ପ୍ରମୁଖ ମଙ୍ଗ ଧରିଥିଲେ। ବହୁ ସଂଖ୍ୟାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ଲକ ପରିସରରୁ ଏହି ଶୋଭାଯାତ୍ରା ବାହାରି କାଳୀକୃଷ୍ଣ ମନ୍ଦିର ପଥଦେଇ ମାଉସୀ ମାଁ ଛକ ଓ ସେଠାରୁ ତାରିଣୀ ମାଁଙ୍କ ଛକ ପର୍ଯ୍ୟନ୍ତ ଯାଇ ପୁନଶ୍ଚ ବ୍ଲକ ପରିସରକୁ ଫେରିଥିଲା।

**ମ. ରାମପୁର:** ମ. ରାମପୁର ବିଡିଓ ଶରତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରବଳ ବର୍ଷା ସତ୍ତ୍ୱେ ମ. ରାମପୁର ଠାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଯୁଗ ଯାତ୍ରୀ ସାହିତ୍ୟ ସଂସଦଠାରୁ ଆରମ୍ଭ ହୋଇ ଉର୍ଲାଦାନୀ ସହିଦ ରେଣ୍ଡୋ ମାଝୀ ସ୍ମୃତି ପୀଠ ପର୍ଯ୍ୟନ୍ତ ଯାଇଥିଲା। ମ. ରାମପୁର ଚାରିଛକ ଯାଏଁ ଛାତ୍ରଛାତ୍ରୀମାନେ ଏହି ଶୋଭା ଯାତ୍ରାରେ ସାମିଲ ହୋଇ ଥିବା ବେଳେ ଚାରି ଛକରୁ ଉର୍ଲାଦାନୀ ଯାଏଁ ବାଇକ ଶୋଭାଯାତ୍ର ଯାଇଥିଲା। ବିଡିଓଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ, ତହସିଲଦାର ମିମାଂସା ସାହୁ, ସେବାଜଗତ ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ, ଓକିଲ ସଂଘ ସଭାପତି ଜୟ କୁମାର ସିଂହ ଦେଓ, ସମାଜସେବୀ ବିକାଶ ସିଂହଦେଓ, ବିଜେପି ଜିଲ୍ଲା ଉପସଭାପତି ପଦ୍ମ ଲୋଚନ ମିଶ୍ର, ମହିଳା ଉପ ସଭାନେତ୍ରୀ ସଂଯୁକ୍ତା ସିଂହ ଦେଓ, ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ ସାମନ୍ତରା, ବିଜେପି ମ. ରାମପୁର ମଣ୍ଡଳ ସଭାପତି ଯଜ୍ଞସେନ ପଣ୍ଡା, ଆଇଆଇସି ସଂଯୁକ୍ତା ପଧାନ, ସିଡିପିଓ ବିଜୟଶ୍ରୀ ସିଂହ ସହ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ଲାଞ୍ଜିଗଡ଼:** ଲାଞ୍ଜିଗଡ଼ ବ୍ଲକରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସ୍ଥିତ ଜଗନ୍ନାଥ ମନ୍ଦିରରୁ ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ହାତରେ ଜାତୀୟ ପତାକା ଧରି ହଜାର ହଜାର ଯୁବକ, ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଏଥିରେ ସାମିଲ ହୋଇଥିଲେ।

ଶୋଭାଯାତ୍ରାରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ରମେଶ ମାଝୀ, ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ତହସିଲଦାର ଡ଼ଃ ବନମାଳୀ ମେହେର, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ବ୍ଲକ ଯୋଗାଣ ଅଧିକାରୀ ଦିଲ୍ଲୀପ ନାୟକ, ବିଏସ୍‌ଏସ୍‌ଓ ଅରବିନ୍ଦ ମହାପାତ୍ର, ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀଧର ପେସେନିଆ ପ୍ରମୁଖ ଯୋଗଦେଇଥିଲେ।





### ଆକ୍ରମଣ ପରେ ଯୁବକଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗରେ ଦୁଇ ଅଟକ



**କୋକସରା, ୧୪।୮ (ସମିସ):** ଆକ୍ରମଣର ଶିକାର ହୋଇ ଗୁରୁତର ଥିବା ଜଣେ ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଓ ଦୁଃଖଦ ଘଟଣା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବକ ହେଲେ ଗ୍ରାମର ଲଳିତ ପୁଝାରୀ।

ମିଳିଥିବା ସୂଚନା ଅନୁସାରେ, ଗତ ବୁଧବାର କୌଣସି କାରଣକୁ ନେଇ ଗ୍ରାମର ଲଳିତଙ୍କ ସହ ଯୁବକ ସୁଶାନ୍ତ ନାଏକଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସୁଶାନ୍ତ ଏକ ଠେଙ୍ଗାରେ ଲଳିତଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଲଳିତଙ୍କ ପରିବାର ପକ୍ଷରୁ ମାଡ଼ ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଏବଂ ସୁଶାନ୍ତଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣି ଆମପାଣି ଥାନାରେ ଏକ ମାମଲା ଦାୟର କରାଯାଇଛି। ଅଭିଯୋଗ ପାଇବା ପରେ ଆମପାଣି ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରାଯାଇ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ଯୁବକ ସୁଶାନ୍ତ ନାଏକ ଓ ତାଙ୍କ ବାପା ଶଙ୍କର ନାଏକଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମୃତ ଯୁବକଙ୍କ ପାଟିରୁ ଫେଣ ବାହାରିଥିବା ଦେଖିବାକୁ ମିଳିଥିବାରୁ ମୃତ୍ୟୁକୁ ନେଇ ପୁଲିସର ସନ୍ଦେହ ବଢ଼ିଛି। ଅନ୍ୟପଟେ ମାଡ଼ ଯୋଗୁଁ ଲଳିତଙ୍କ ମୃତ୍ୟୁ ହୋଇଛି ନାଁ ଅନ୍ୟ କୌଣସି କାରଣରୁ ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ଆମପାଣି ଥାନାରେ ଏକ ମାମଲା ରୁଜୁ ହୋଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## କୁଇଜ୍ ପ୍ରତିଯୋଗିତାରେ କଲମପୁର ଜିଲ୍ଲାରେ ପ୍ରଥମ

**କଲମପୁର, ୧୪।୮ (ସମିସ):** ସ୍ୱାଧୀନତା ଦିବସ ଅବସରରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା କୁଇଜ ପ୍ରତିଯୋଗିତା। ଏଥିରେ ବ୍ଲକ ସ୍ତରରୁ ପ୍ରତିଯୋଗୀମାନେ ଉପଖଣ୍ଡ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପହଞ୍ଚି ଥିଲେ। ଉପଖଣ ସ୍ତରରେ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ



କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ୬ଟି ବ୍ଲକ ଓ ୩ ଟି ଏନ୍‌ଏସି ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜୁନିୟର ବର୍ଗରେ କଲମପୁର ଦଳ ବିଜେତା ହୋଇଥିବା ବେଳେ ଜୁନାଗଡ଼ ଦଳ ଉପବିଜେତା ହୋଇଥିଲେ। ସେହିଭଳି ସିନିୟର ବର୍ଗରେ ଜୟପାଟଣା ଦଳ ବିଜେତା ହୋଇଥିବା ବେଳେ ଧର୍ମଗଡ଼ ଏନଏସସି ଦଳ ଉପ ବିଜେତା ହୋଇଥିଲେ। ଏମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିବା ବେଳେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ କଲମପୁର ଦଳ ଚମ୍ପିଅନ ହୋଇଛି। ଏମାନଙ୍କୁ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସରେ ସମ୍ବର୍ଦ୍ଧିତ କରାଯିବ। କଲମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମଶ୍ରେଣୀ ଛାତ୍ରୀ ସାଇ ଗାୟତ୍ରୀ ଜୈନଙ୍କ ପାଖକୁ ଏଥିପାଇଁ ଶୁଭେଚ୍ଛାର ସୁଅ ଛୁଟିଛି।

## ଭାଙ୍ଗିଥିବା ପୋଲରେ ସ୍ଲାବ୍ ପକାଇଲେ ସାମାଜିକ କର୍ମୀ

**ଖଡ଼ିଆଳ, ୧୪।୮ (ସମିସ):** ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମରୁ ସୁନ୍ଦର ନଦୀକୁ ଯିବା ମୁଖ୍ୟ ରାସ୍ତା ଓ ପୋଲ ଗତ ବନ୍ୟାର ପାଣିରେ ଭାଙ୍ଗିଯାଇଥିଲା। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ଜଗଦୀଶ ବାରିକ ରାସ୍ତାର ମରାମତି କରିଥିବା ବେଳେ ଶୁକ୍ରବାର ଭାଙ୍ଗିଥିବା ପୋଲ ଉପରେ ସ୍ଲାବ ପକାଇ ରାସ୍ତାକୁ ପୁନର୍ବାର



ଚଳାଚଳ ଯୋଗ୍ୟ କରିଛନ୍ତି। ଏହା ଫଳରେ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା କିଛି ମାତ୍ରାରେ ଦୂର ହୋଇଛି। ଗ୍ରାମବାସୀଙ୍କ ସୁବିଧା ପାଇଁ ନିଜସ୍ୱ ପଦକ୍ଷେପରେ ରାସ୍ତା ଓ ପୋଲ ମରାମତି କରିଥିବାରୁ ଗ୍ରାମବାସୀ ଜଗଦୀଶ ବାରିକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଭାଙ୍ଗିଥିବା ପୋଲର ସ୍ଥାୟୀ ମରାମତି କରିବାକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ମଧ୍ୟ ଦାବି ହୋଇଛି।

## ହଟିଲା କାଠ ଖୁଣ୍ଟରୁ ହାଇଭୋଲ୍‌ଟେଜ୍ ବିଦ୍ୟୁତ୍ ତାର

**କୋକସରା, ୧୪।୮ (ସମିସ):** କୋକସରା ବ୍ଲକ କାଶିବାହାଲ କେନାଲପଡ଼ା ଠାରେ ଦୀର୍ଘଦିନ ଧରି ଲାଗିରହିଥିବା ବିଦ୍ୟୁତ୍ ସମସ୍ୟାର ଅନ୍ତ ଘଟିଛି। ସିମେଣ୍ଟ ଖୁଣ୍ଟ ଥାଇ ମଧ୍ୟ ଏକ ବିପଜ୍ଜନକ କାଠ ଖୁଣ୍ଟରେ ହାଇଭୋଲ୍‌ଟେଜ୍ ବିଦ୍ୟୁତ୍ ତାର ଟଣାଯାଇଥିଲା। ଫଳରେ ପଡ଼ାବାସୀ ଆତଙ୍କିତ ଅବସ୍ଥାରେ ପ୍ରତିମୁହୂର୍ତ୍ତରେ ଯାତାୟାତ କରୁଥିଲେ। ଏ ନେଇ ଦୈନିକ 'ସକାଳ'ରେ "ଖୁଣ୍ଟ ପୋତି ଭୁଲିଗଲା ବିଦ୍ୟୁତ୍ ବିଭାଗ, କାଠ ଖୁଣ୍ଟରେ ଝୁଲୁଛି ହାଇଭୋଲ୍‌ଟେଜ୍ ବିଦ୍ୟୁତ୍ ତାର' ଶୀର୍ଷକରେ ଶୁକ୍ରବାର ଏକ ଖବର ପ୍ରକାଶ ପାଇବାର ମାତ୍ର କେଇ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି କାଠ ଖୁଣ୍ଟରୁ ତାର ହଟାଇ ସିମେଣ୍ଟ ଖୁଣ୍ଟରେ ସଂଯୋଗ କରିଛନ୍ତି।

ସକାଳ THE SAKALA ପ୍ରଭାବ



### ଏମ୍‌ଏସ୍‌ଏମ୍‌ଇ କନେକ୍ଟ ଓ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକ

# ୩୧୯ କୋଟି ଟଙ୍କାର ନିବେଶ ପ୍ରସ୍ତାବ

**ସିନାପାଲି, ୧୪।୮ (ସମିସ)**

ନୂଆପଡ଼ାରେ ଏମ୍‌ଏସ୍‌ଏମ୍‌ଇ କନେକ୍ଟ କାର୍ଯ୍ୟକ୍ରମ ସହ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟାରାନ୍ସ କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ

**୪୫.୬ ଲକ୍ଷ ଟଙ୍କାର ପୁଞ୍ଜି ନିବେଶ ସବ୍‌ସିଡି ପ୍ରସ୍ତାବ ଅନୁମୋଦିତ**

ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଶିଳ୍ପ ଓ ନିବେଶର ସୁଯୋଗ ବୃଦ୍ଧି ସହ ନୂତନ ଉଦ୍ୟୋଗ ସ୍ଥାପନ ଓ ରୋଜଗାର ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଶାଖାପାଟଣା ଓ ସମ୍ବଲପୁରରୁ ଆସିଥିବା ବିଭିନ୍ନ ନିବେଶକମାନେ ଯୋଗଦେଇ ଜିଲ୍ଲାରେ ଶିଳ୍ପ ସ୍ଥାପନ ସମ୍ପର୍କିତ ନିଜ ନିଜ ପ୍ରସ୍ତାବ ଜିଲ୍ଲା ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହା ମାଧ୍ୟମରେ ଜିଲ୍ଲାରେ ମୋଟ ୩୧୯.୪୨ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ଆସିଛି। ଏଥିରେ ମେସର୍ସ ହାସଭାନ ରସାୟନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସଲଭେଣ୍ଟ ଏକ୍ସଟ୍ରାକ୍ସନ୍ ୟୁନିଟ୍ ସ୍ଥାପନ ପାଇଁ ୫୬ କୋଟି ଟଙ୍କା, ଗ୍ରୋଇଂ ଟ୍ରି ଅଏଲ୍ ଆଣ୍ଡ ରିଫାଇନେରୀ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ତୈଳ ବିଶୋଧନାଗାର ସ୍ଥାପନ ପାଇଁ ୨୫୦ କୋଟି ଟଙ୍କା ଏବଂ ଶ୍ୟାମକୁମ୍ ରେସିଡେନ୍ସି ପକ୍ଷରୁ ଏକ ରିସର୍ଟ ସ୍ଥାପନ ପାଇଁ ୧୩.୪୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି। ବୈଠକରେ ଓଏମ୍‌ଏସ୍‌ଏମ୍‌ଇଡିପି-୨୦୨୨ ଅଧୀନରେ ଭେରାସ୍ଥିତ ମେସର୍ସ ଜୟ ଶ୍ରୀ କୃଷ୍ଣ ଫାର୍ମ ପକ୍ଷରୁ ଦାଖଲ କରାଯାଇଥିବା ୪୫.୬ ଲକ୍ଷ ଟଙ୍କାର ପୁଞ୍ଜି ନିବେଶ ସବ୍‌ସିଡି ପ୍ରସ୍ତାବକୁ ମଧ୍ୟ ଜିଲ୍ଲାସ୍ତରୀୟ କମିଟି ଅନୁମୋଦନ କରିଛି। ବୈଠକରେ ଜିଏମ୍, ଡିଆଇସି ସମୀର ମୁଦୁଲିଙ୍କ ସମେତ ସମ୍ପୃକ୍ତ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




### ଇନ୍ଦ୍ରାବତୀ କେନାଲ ଗେଟ୍‌ରେ ଫସିଥିଲେ ଯୁବକ

## ସୁରକ୍ଷିତ ଭାବେ ଉଦ୍ଧାର କଲା ଅଗ୍ନିଶମ ବାହିନୀ

**କୋକସରା, ୧୪।୮ (ସମିସ):** କୋକସରା ବ୍ଲକ କାଶିବାହାଲ ଦେଇ ପ୍ରବାହିତ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଗେଟ୍‌ରେ ଫସି ରହିଥିବା ଜଣେ ଯୁବକଙ୍କୁ ଶୁକ୍ରବାର ଅଗ୍ନିଶମ ବିଭାଗ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଉଦ୍ଧାର ଯୁବକ ଜଣକ ହେଲେ କନ୍ଦାବୁଟ୍ରା ଗ୍ରାମର କୁମର ରାଉତ (୩୦)। କୁମର କୌଣସି କାରଣରୁ କେନାଲର ପାୱାର ଚ୍ୟାନାଲ ଗେଟ୍ ତଳକୁ ଯାଇ ସେଠାରେ ଫସି ରହିଥିଲେ। କେନାଲ ଗେଟ୍‌ରେ ନିୟୋଜିତ କର୍ମଚାରୀ ଏହା ଦେଖିବା ପରେ କାଶିବାହାଲ ଗ୍ରାମର ଜଣେ ସାମାଜିକକର୍ମୀଙ୍କୁ ଜଣାଇଥିଲେ। ସେ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେବାରୁ ଅଗ୍ନିଶମ ବିଭାଗ ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ କଶ୍ୟପ କୁମାର ପଟ୍ଟନାୟକ, ରାଧେଶ୍ୟାମ ପ୍ରଧାନୀ, ସୁନୀଲ ରଞ୍ଜନ ବାରଲା, ହେମନ୍ତ ନାଏକ, ଉମାକାନ୍ତ ନାଏକ, ଦେବାଶିଷ ମହାପାତ୍ର ଓ ସୁମିତ ରଞ୍ଜନ ବିଶ୍ୱାଳ ପ୍ରମୁଖ ପହଞ୍ଚି ସୁରକ୍ଷିତ ଭାବେ ଯୁବକଙ୍କୁ ଉଦ୍ଧାର କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ବାର୍ଦ୍ଧକ୍ୟର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଙ୍ଗଳିକ କାମ ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନା ମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାମୁକ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।


## ଆଜିର ଇତିହାସ

- ୧୮୭୨- ମହାନ୍ ଦାର୍ଶନିକ ଶ୍ରୀ ଅରବିନ୍ଦଙ୍କ ଜନ୍ମ।
- ୧୯୪୨- ଭାରତର ମହାନ୍ କ୍ରାନ୍ତିକାରୀ ମହାଦେବ ଦେଶାଇଙ୍କ ପରଲୋକ।
- ୧୯୪୭- ବ୍ରିଟିଶ୍ ଶାସନରୁ ଭାରତ ସ୍ୱାଧୀନ ହେଲା।
- ୧୯୭୨- ଭାରତୀୟ ଡାକ ବିଭାଗ ପକ୍ଷରୁ ପିନ୍‌କୋଡ୍ ଲାଗୁ କରାଗଲା।
- ୧୯୭୯- ଫରିଦାବାଦ ହରିଆନାର ୧୨ତମ ଜିଲ୍ଲା ହେଲା।
- ୨୦୦୭- ପେରୁରେ ଆସିଥିବା ଶକ୍ତିଶାଳୀ ଭୂମିକମ୍ପ ଯୋଗୁ ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି।



# ୧୨ ବର୍ଷ ପରେ ପୁଣି ଏକାଠି ଅକ୍ଷୟ-ବିପୁଲ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବେ ପୁଣି ଥରେ ତାଙ୍କର ଏକ ଫିଲ୍ମକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଅକ୍ଷୟ ତାଙ୍କର ଆଗାମୀ ଫିଲ୍ମ 'ସମ୍ପୁକ' ପାଇଁ ଏବେ ଚର୍ଚ୍ଚାରେ। ଏଲିଅନ୍ ପୃଷ୍ଠଭୂମିରେ ନିର୍ମିତ ଏହି ଫିଲ୍ମର ସୁଟିଂ ଅଗଷ୍ଟ ୨୩ରୁ ଲଣ୍ଡନରେ ଆରମ୍ଭ ହେବାକୁ ଯାଉଛି। ପ୍ରଯୋଜକ ବିପୁଲ ଅମୃତଲାଲ ଶାହା ଏବଂ ଅକ୍ଷୟ କୁମାର ଏହି ଫିଲ୍ମ ମାଧ୍ୟମରେ ପ୍ରାୟ ୧୨ ବର୍ଷ ପରେ ପୁଣି ଏକାଠି କାମ କରୁଛନ୍ତି। ବିପୁଲ ପୂର୍ବରୁ ମଧ୍ୟ ଅକ୍ଷୟଙ୍କ ସହ 'ଆଖେଁ' 'ନମସ୍ତେ ଲଣ୍ଡନ', 'ସିଂ ଇଜ୍ କିଙ୍ଗ୍' ଏବଂ 'ଆକ୍ସନ୍ ରିପ୍ଲେ' ଫିଲ୍ମରେ କାମ କରିଛନ୍ତି। ଏହି ନୂଆ ଫିଲ୍ମରେ ଅକ୍ଷୟ ଏଭଳି ଏକ ଚରିତ୍ରରେ ନଜର ଆସିବେ, ଯାହା ଭାରତୀୟ ସିନେମାରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଫିଲ୍ମର କାହାଣୀ ଜଣେ ସାଧାରଣ ମଣିଷକୁ ନେଇ ଗତିଶୀଳ ହେବ। ସେ ହଠାତ୍ ଏଭଳି ଏକ ପରିସ୍ଥିତିରେ ଫସିଯାଉଛନ୍ତି, ଯେଉଁଠି ତାଙ୍କର ସାମ୍ନା ଏକ ଅଜଣା ଗ୍ରହର ଜୀବ ସହିତ ହେଉଛି। ଏହି ଫିଲ୍ମରେ ଏଲିଅନ୍‌କୁ ଅତ୍ୟନ୍ତ ହିଂସ୍ର ଓ ମାରାତ୍ମକ ଜୀବ ଭାବେ ଦେଖାଯିବ। ସେହି ଅଦୃଶ୍ୟ ବିପଦ କବଳରୁ ନିଜକୁ ଏବଂ ନିଜର ଆପଣାର ଲୋକଙ୍କୁ ବଞ୍ଚାଇବା ପାଇଁ ଅକ୍ଷୟ କିଭଳି ସଂଘର୍ଷ କରୁଛନ୍ତି, ତାହା ହିଁ ଏହାର ମୂଳ କାହାଣୀ। ଫିଲ୍ମର ସୁଟିଂର ପ୍ରାୟ ୯୦ ପ୍ରତିଶତ ଭାଗ ଲଣ୍ଡନରେ ହେବ। ବାକି ଅଂଶର ସୁଟିଂ ମୁମ୍ବାଇରେ କରାଯିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି କନିଷ୍କ ବର୍ମା। ଏହି ପ୍ରୋଜେକ୍ଟରେ ଆନ୍ତର୍ଜାତୀୟ ବୈଷୟିକ ବିଶେଷଜ୍ଞଙ୍କ ଏକ ଟିମ୍‌କୁ ମଧ୍ୟ ସାମିଲ କରାଯାଇଛି। ଏଲିଅନ୍ ଚରିତ୍ରର ଡିଜାଇନ୍ ପାଇଁ ଓସ୍କାର ନୋମିନେଟେଡ୍ ଏଲେକ୍ ଗିଲିସ୍ ଏବଂ ଆକ୍ସନ୍ ପାଇଁ ହଲିଉଡ୍‌ର ଷ୍ଟଣ୍ଟ କୋଅର୍ଡିନେଟର ଲ୍ୟୁକ୍ ଟମ୍ବରଙ୍କୁ ସାମିଲ କରାଯାଇଛି। ଏହି ଫିଲ୍ମ କେବଳ ଅକ୍ଷୟଙ୍କ ପାଇଁ ଏକ ନୂଆ ଚ୍ୟାଲେଞ୍ଜ୍ ନୁହେଁ, ବରଂ ଦର୍ଶକଙ୍କୁ ମଧ୍ୟ ଏକ ନୂଆ ଅନୁଭୂତି ପ୍ରଦାନ କରିବ। ଅକ୍ଷୟଙ୍କ କାମ କଥା କହିବାକୁ ଗଲେ ସେ ଆର୍. ଡି. ବର୍ମନଙ୍କ ବାୟୋପିକ୍ ଫିଲ୍ମ ଏବଂ 'ଗୋଲମାଲ ୫'ରେ ନଜର ଆସିବେ। ଏହା ବ୍ୟତୀତ, ତାଙ୍କ ଫିଲ୍ମ 'ହୈୱାନ୍' ସେପ୍ଟେମ୍ବର ୧୧ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି, ଯେଉଁଥିରେ ସେ ଏକ ନକାରାତ୍ମକ ଚରିତ୍ରରେ ନଜର ଆସିବେ।




# ଅବସାଦ ପାଇଁ ୨୫୮ କୋଟି ଟଙ୍କାର ସପିଙ୍ଗ୍

ମାନସିକ ଚାପ ବା ଅବସାଦକୁ ଦୂରେଇ ଦେବା ପାଇଁ କିଏ ଯୋଗ, ପ୍ରାଣାୟମ ଆଦି କରେ ତ ପୁଣି କିଏ ପୁଣି ପ୍ରକୃତିର କୋଳରେ ବା ଗଛଲତାଙ୍କ ସହ ରହି ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରେ। ହେଲେ ଜାପାନର ଜଣେ ମହିଳା ଅବସାଦ କମ୍ କରିବା ପାଇଁ ୨୫୮ କୋଟି ଟଙ୍କାର ଅନଲାଇନ୍ ଅର୍ଡର କରି ସଭିଙ୍କୁ ଚକିତ କରିଛନ୍ତି। ମାୟୁ ୟୋଶିଦା ନାମ୍ନୀ ଏହି ୩୨ ବର୍ଷୀୟା ମହିଳା ଜଣକ ଏକ ରେଷ୍ଟୋରାଁରେ କାର୍ଯ୍ୟ କରନ୍ତି। ସେ ଅନ୍‌ଲାଇନ୍‌ରେ ଜିନିଷ ଅର୍ଡର କରିବା ସତ୍ତ୍ୱେ ଏହାକୁ କେବେ ଗ୍ରହଣ କରୁ ନ ଥିଲେ। ମାୟୁ ଏଥିପାଇଁ ଜାପାନର ପ୍ରସିଦ୍ଧ ପବ୍ଲିସିଂ ହାଉସ୍ 'ଶୁଏସା'ର ଅନ୍‌ଲାଇନ୍ ଷ୍ଟୋର୍ 'ଜମ୍ପ୍ କ୍ୟାରେକ୍ଟର୍ସ ଷ୍ଟୋର୍‌'କୁ ଟାର୍ଗେଟ୍ କରିଥିଲେ। ସେ ସେଠାରୁ ବହୁ ପରିମାଣର ଖେଳନା, ଚିତ୍ର ଏବଂ ପ୍ରସିଦ୍ଧ ଆନିମେ ସିରିଜ୍‌ର ସାମଗ୍ରୀ ଅର୍ଡର କରୁଥିଲେ। ସେ ପ୍ରାୟ ଦୁଇ ବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ଥର ଅର୍ଡର କରିଥିଲେ। ଏହି ସବୁ ଅର୍ଡରର ମୋଟ ମୂଲ୍ୟ ପ୍ରାୟ ୨୫୮ କୋଟି ଟଙ୍କା ଥିଲା। କମ୍ପାନି ଯେମିତି ତାଙ୍କୁ ଚିହ୍ନି ନ ପାରିବ, ସେଥିପାଇଁ ସେ ୨୩୮ଟି ନକଲି ଆକାଉଣ୍ଟ ଏବଂ ନକଲି ନାଁ ବ୍ୟବହାର କରିଥିଲେ। ସେ ସାମଗ୍ରୀ ଅର୍ଡର କରିବାବେଳେ କ୍ୟାଶ ଅନ୍ ଡେଲିଭରି ବିକଳ୍ପ ବାଛୁଥିଲେ। ଯେତେବେଳେ ଡେଲିଭରି ବୟ ସାମଗ୍ରୀ ନେଇ ତାଙ୍କ ଘରକୁ ଆସୁଥିଲା, ସେ ପାର୍ସଲ ଗ୍ରହଣ କରିବାକୁ ଏବଂ ଟଙ୍କା ଦେବାକୁ ସିଧା ମନା କରିଦେଉଥିଲେ। କିଛି ଅର୍ଡରରେ ସେ ଦୋକାନରେ ଯାଇ ପଇସା ଦେବାର ବିକଳ୍ପ ବାଛୁଥିଲେ, କିନ୍ତୁ ସମୟ ସୀମା ମଧ୍ୟରେ ଟଙ୍କା ଜମା କରୁନଥିଲେ, ଯାହାଫଳରେ ଅର୍ଡରଗୁଡ଼ିକ ଆପେ ଆପେ ରଦ୍ଦ ହୋଇଯାଉଥିଲା। ଏହାପରେ କମ୍ପାନି ପକ୍ଷରୁ ମହିଳାଙ୍କ ନାଁରେ ଥାନାରେ ଏତଲା ଦିଆଯାଇଥିଲା। ଯଦିଓ ମହିଳା ଜଣକ କୌଣସି ଜିନିଷ ଚୋରି କରିନାହାନ୍ତି, ତଥାପି ଏତେ ବଡ଼ ପରିମାଣର ପାର୍ସଲ ପଠାଇବା ଏବଂ ସେଗୁଡ଼ିକ ଫେରିବା ଯୋଗୁଁ କମ୍ପାନିର ପ୍ୟାକେଜିଂ ଏବଂ ଡେଲିଭରି ବାବଦରେ କମ୍ପାନିର ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କା ନଷ୍ଟ ହୋଇଛି। ଅପରପକ୍ଷରେ ପୋଲିସ ଜେରା ବେଳେ ମହିଳା ଜଣକ କହିଛନ୍ତି ଯେ, ଦୈନନ୍ଦିନ ଜୀବନର ମାନସିକ ଚାପ ଓ ଅବସାଦରୁ ମୁକ୍ତି ପାଇବା ପାଇଁ ସେ ଏପରି କରୁଥିଲେ। କେବଳ ଅନ୍‌ଲାଇନ୍ କାର୍ଟରେ ଜିନିଷ ରଖି ଅର୍ଡର ହେବାର ଦେଖିଲେ ତାଙ୍କ ମନକୁ ଶାନ୍ତି ଓ ସନ୍ତୋଷ ମିଳୁଥିଲା ବୋଲି ମାୟୁ କହିଛନ୍ତି।

# କେଶର ଲମ୍ବ ଆଠଫୁଟ ଦଶ ଇଞ୍ଚ

ଉତ୍ତରାଖଣ୍ଡର ହଲଦ୍ୱାନୀ ବାସିନ୍ଦା ରେଣୁ ଧରିୟାଲଙ୍କ କେଶର ଲମ୍ବ ୮ ଫୁଟ ୧୦ ଇଞ୍ଚ। ଏବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସବୁଠାରୁ ଲମ୍ବା କେଶ ଥିବା ଜୀବିତ ମହିଳା ଭାବେ ସ୍ଥାନ ପାଇଛନ୍ତି। ସେ ୟୁକ୍ରେନର ଆଲିଆ ନାସିରୋଭାଙ୍କ ପୂର୍ବ ରେକର୍ଡକୁ ଭାଙ୍ଗି ଏହି ସଫଳତା ହାସଲ କରିଛନ୍ତି। ଆଲିଆଙ୍କ କେଶର ଲମ୍ବ ୮ ଫୁଟ ୫ ଇଞ୍ଚ ଥିଲା। ଭାରତୀୟ ସଂସ୍କୃତି ଓ ପରମ୍ପରାରୁ ପ୍ରେରିତ ହୋଇ ରେଣୁ ୨୦୧୫ ମସିହା ପରଠାରୁ କେବେବି ନିଜ କେଶ କାଟିନାହାନ୍ତି। ସେ ଚାଲିବା ସମୟରେ ତାଙ୍କ କେଶ ମାଟିକୁ ଛୁଇଁଥାଏ ଏବଂ ଏହାକୁ ସମ୍ଭାଳିବା ପାଇଁ ସେ ବଡ଼ ବେଣୀ କରନ୍ତି। ରେଣୁ ତାଙ୍କ କେଶର ଯତ୍ନ ନେବା ପାଇଁ କୌଣସି ଦାମୀ ପାର୍ଲର ଟ୍ରିଟମେଣ୍ଟ ବା କେମିକାଲ୍ ଯୁକ୍ତ ପ୍ରଡକ୍ଟ ବ୍ୟବହାର କରନ୍ତି ନାହିଁ। ସେ ସମ୍ପୂର୍ଣ୍ଣ ରୂପେ ପାରମ୍ପରିକ ଏବଂ ପ୍ରାକୃତିକ ଉପାୟ ଆପଣାନ୍ତି। ସେ କେବଳ ନିଜ ହାତରେ ପ୍ରସ୍ତୁତ କରିଥିବା କେମିକାଲ୍-ମୁକ୍ତ ଘରୋଇ ହେୟାର୍ ଅଏଲ୍ ଏବଂ ସାମ୍ପୁ ବ୍ୟବହାର କରନ୍ତି। ଏତେ ଲମ୍ବା କେଶକୁ ଧୋଇବା, ଶୁଖାଇବା ଏବଂ ଜଟ ଛଡ଼ାଇବା ପାଇଁ ତାଙ୍କୁ ପ୍ରତିଥର ଘଣ୍ଟା ଘଣ୍ଟା ସମୟ ଲାଗିଥାଏ। ରେଣୁ ଜଣେ ୟୁଟ୍ୟୁବର୍ ଏବଂ କଣ୍ଟେଣ୍ଟ କ୍ରିଏଟର୍ ମଧ୍ୟ। ସେ ନିଜ ସୋସିଆଲ୍ ମିଡିଆ ଓ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଘରୋଇ ଉପାୟରେ ସାମ୍ପୁ ଓ ତେଲ ତିଆରି କରିବାର କୌଶଳ ଶିଖାଇଥାନ୍ତି।





## ସପନ କରିବି ସତ


ନଗେନ୍ଦ୍ରନାଥ ପଟ୍ଟନାୟକ

ଦିଅ ମା' ମତେ ତିରଙ୍ଗା ପତାକା
ଉଡ଼େଇବି ଫର୍ ଫର୍
ଭାରତମାତାର ଗରିମା ଗରବ
ବଢ଼ାଇବି ନିରନ୍ତର ॥
ବାଛି ସତପଥ, ବରଜି କୁପଥ
ରଖିବି ଦେଶର ଟେକ
ଶ୍ରମ-ସାହସରେ କାମ କରୁଥିବି
ସାଜି କୁନି ସଇନିକ ॥
ପଢ଼ାଲେଖା ଶିଖି ବୀରଯୋଦ୍ଧା ବନି
ସପନ କରିବି ସତ
ମା' ତୋର ଏଇ ଧରଣୀ କୋଳରେ
ସଚା, ଲଢୁଆ ସୁତ ॥
ଅନନ୍ତ ସୁନୀଳ ଆକାଶ ଛାତିରେ
ଉଡ଼ିବ ତିରଙ୍ଗା ଯେବେ
ଭାରତବାସୀଙ୍କ ମନରେ ଜାଗିବ
ଦେଶଭକ୍ତି ଭାବ ସେବେ ॥
ଫିରଙ୍ଗୀ କବଳୁ ଦେଶ ସିନା ମୁକ୍ତ
ହାତରେ ଶାସନ ଡୋରି
ଆଗେଇ ନେବିଟି ଡିଜିଟାଲ ଭାରତ
ସଠିକ୍ ମାର୍ଗକୁ ଧରି ॥
ଦେଶହିତ କାମେ ଲଗାଇବି ମୁହିଁ
ଇଣ୍ଟରନେଟ୍‌କୁ ବାଗେ
ଦେବିନିଟି କେବେ ଖରାପ ଖବର
ପ୍ରସାର ହେବାକୁ ଆଗେ ॥

ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ଼
ଭୁବନେଶ୍ୱର

## ସ୍ମୃତିର ଦିନ


ପ୍ରଶାନ୍ତ କୁମାର ସାହୁ

ଅଗଷ୍ଟ ମାସର ପନ୍ଦର ତାରିଖ
ସ୍ମୃତି ଦିନ ଭାରତର,
କେତେ କଷ୍ଟ ସହି ଫିରିଙ୍ଗି କବଳୁ
ପାଇଲା ମୁକତି ତା'ର।
ବାଜା ତାଳେ ତାଳେ ନାଚ ଗୀତ ସୁରେ
ପାଳିଲା ସ୍ମୃତିର ଦିନ,
ପଲ୍ଲୀ ଠାରୁ ଦିଲ୍ଲୀ ଦିଲ୍ଲୀ ଠାରୁ ପଲ୍ଲୀ
ଖୁସିରେ ମଜ୍ଜିଲେ ଜନ।
ବିଦ୍ୟାଳୟ ଠାରୁ ପାର୍ଲାମେଣ୍ଟ ଯାଏ
ଉଡ଼ିଲା ତ୍ରିରଙ୍ଗା କେତ,
କାଶ୍ମୀର ଠାରୁ ସେ କୁମାରୀକା ଯାଏ
ଦେଲା ବିଜୟ ସଙ୍କେତ।
ଜାତି ଧର୍ମ ଭୁଲି ତ୍ରିରଙ୍ଗାର ତଳେ
ହେଲେ ସର୍ବେ କୋଳାକୋଳି,
ଜାତିର ଉନ୍ନତି ଦେଶ ଅଗ୍ରଗତି
ଏଇ କଥା ମନେ ଭାଳି।
କରିଲେ ଶପଥ ଦେଶର ମହତ
ରଖିବେ ଜୀବନ ଦେଇ,
ପରସ୍ପର ମଧ୍ୟେ ମିଷ୍ଟାନ୍ନ ଭୋଜନେ
ଦିନଟି ଦେଲେ ବିତାଇ।

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ



## ସେଇ ମୋ ଭାରତ ଭୂଇଁ


ସୁହଂସ ଭୋଇ

ବଙ୍ଗୋପସାଗର ଛୁଇଁଛି ପୟର
ପୁଣ୍ୟ ଗଙ୍ଗା ବହେ ଯହିଁ
ଶୋଭା ପାଏ ଯା'ର ଶିରେ ଗିରିବର
ସେଇ ମୋ ଭାରତ ଭୂଇଁ
ତରୁଲତା ଭରା ସବୁଜ ବନାନୀ
ମଧୁର ଝରଣା ପାଣି
ମୃଦୁ ମୃଦୁ ତା'ର ଶୀତଳ ପବନ
ସୁଆଦିଆ ଲାଗେ ପୁଣି
ଜନମିଲେ କେତେ ଏଇ ମୋର ଦେଶେ
ସାଧୁ ସନ୍ଥ ଯୋଗୀ ମୁନି
ବିଚାର ଆଚର ରହିଛି ଅମର
ତାଙ୍କର ମହତ ବାଣୀ
ଗାନ୍ଧୀ ଗୋପବନ୍ଧୁ ଜନମ ଯେଉଁଠି
ସେ'ତ ଏ ପବିତ୍ର ମାଟି
ସାହସୀ ସୁଭାଷ ବୀର ସୁରେନ୍ଦର୍
ଯଶ ରଖିଗଲେ ଏଠି
କଥା କହେ ତାର କଳା କାରିଗରୀ
କୋଣାରକ ଯା'ର ସାକ୍ଷୀ
ତାଜମହଲର ଚାରୁ ଚିତ୍ରପଟ
ଦେଖି ଆଖି ଯାଏ ଲାଖି
ଜାତି ଧର୍ମ ଭୁଲି ଏକାଠି ରଖିଛି
ଭେଦଭାବ ଜମା ନାହିଁ
ଏ ପୁଣ୍ୟ ମାଟିରେ ଜନମ ଲଭିଛି
ବଡ଼ ଭାଗ୍ୟବାନ ମୁହିଁ

ପହଣ୍ଡି, ବିଜେପୁର, ବରଗଡ଼

# ସୁମନ



## ତ୍ରିରଙ୍ଗା ମୋ ଗର୍ବ


ସୁବ୍ରତ କୁମାର ଦାସ

ସକାଳୁ ସକାଳୁ ମିଟୁର ଆଖି ଖୋଲିଗଲା। ଝରକା ପାଖକୁ ଯାଇ ଦେଖିଲା, ଆକାଶଟା ନୀଳ ନୀଳ ଦିଶୁଛି। ଗାଁ ଦାଣ୍ଡରେ କିଛି ପିଲା ହାତରେ ଛୋଟ ଛୋଟ ତ୍ରିରଙ୍ଗା ଧରି ଦୌଡୁଛନ୍ତି। ମାଆ, ମାଆ! ଆଜି କ'ଣ ହେବ? ମିଟୁ ଉତ୍ସାହରେ ପଚାରିଲା। ମାଆ ହସି କହିଲେ, ଆଉ ଦୁଇଦିନ ପରେ ସ୍ୱାଧୀନତା ଦିବସ। ତୋ ସ୍କୁଲରେ ମଧ୍ୟ କାର୍ଯ୍ୟକ୍ରମ ହେବ ନା! ମିଟୁ ଖୁସିରେ ଡେଇଁ ପଡ଼ିଲା। ତା'ର ମନରେ ଗୋଟିଏ ପ୍ରଶ୍ନ ଘୁରି ବୁଲୁଥିଲା- ତ୍ରିରଙ୍ଗାକୁ ସମସ୍ତେ ଏତେ ଭଲ କାହିଁକି ପାଆନ୍ତି? ସନ୍ଧ୍ୟାରେ ମିଟୁ ଜେଜେବାପାଙ୍କ ପାଖରେ ବସିଲା। ଜେଜେବାପା ବାରଣ୍ଡାରେ ବସି ଖବରକାଗଜ ପଢୁଥିଲେ। ମିଟୁ ପଚାରିଲା, ଜେଜେବାପା, ଆମ ଜାତୀୟ ପତାକାକୁ ତ୍ରିରଙ୍ଗା କାହିଁକି କୁହାଯାଏ? ଜେଜେବାପା ଖବରକାଗଜଟିକୁ ତଳେ ରଖି ହସିଲେ। କାରଣ ଏଥିରେ ତିନୋଟି ରଙ୍ଗ ଅଛି - ନାରଙ୍ଗୀ, ଧଳା ଓ ସବୁଜ। ଆଉ ମଝିରେ ଅଛି ନୀଳ ରଙ୍ଗର ଅଶୋକ ଚକ୍ର। ମିଟୁ ଆଶ୍ଚର୍ଯ୍ୟରେ ପଚାରିଲା, ଏହି ରଙ୍ଗଗୁଡ଼ିକ କ'ଣ କହନ୍ତି? ଜେଜେବାପା କହିଲେ, ନାରଙ୍ଗୀ ରଙ୍ଗ ଆମକୁ ସାହସ ଓ ତ୍ୟାଗର କଥା ମନେ ପକାଏ। ଧଳା ଆମକୁ ଶାନ୍ତି ଓ ସତ୍ୟର ବାଟ ଦେଖାଏ। ସବୁଜ ଆମକୁ ପ୍ରକୃତି, ଉନ୍ନତି ଓ ସମୃଦ୍ଧିର ସ୍ୱପ୍ନ ଦେଖାଏ। ଆଉ ଅଶୋକ ଚକ୍ର କହେ- ଜୀବନର ଚକ ଯେମିତି ସବୁବେଳେ ଘୂରେ, ଆମେ ମଧ୍ୟ ସବୁବେଳେ ଆଗକୁ ବଢ଼ିବା। ମିଟୁ ଚୁପ୍‌ଚାପ୍ ତ୍ରିରଙ୍ଗାକୁ ଚାହିଁ ରହିଲା। ପୁଣି ପଚାରିଲା, ଜେଜେବାପା, ତ୍ରିରଙ୍ଗା ତଳେ ଆମେ କ'ଣ ଶପଥ ନେବା? ଜେଜେବାପା ତା'ର ମୁଣ୍ଡରେ ହାତ ରଖି କହିଲେ, ଭଲ ପାଠ ପଢ଼ିବା, ସତ କହିବା, ଅନ୍ୟକୁ ସାହାଯ୍ୟ କରିବା, ଦେଶକୁ ସଫା ରଖିବା, ଗଛ ଲଗାଇବା ଓ ସମସ୍ତଙ୍କୁ ଭଲ ପାଇବା। ତୁମେ ଯେତେବେଳେ ଭଲ ମଣିଷ ହେବ, ସେତେବେଳେ ହିଁ ତ୍ରିରଙ୍ଗାର ସମ୍ମାନ ହେବ। ମିଟୁର ଆଖି ଚମକି ଉଠିଲା। ଅଗଷ୍ଟ ପନ୍ଦର ସକାଳ ହେଲା। ମିଟୁ ନୂଆ ପୋଷାକ ପିନ୍ଧି ସ୍କୁଲକୁ ଗଲା। ସ୍କୁଲ ପରିସର ରଙ୍ଗବେରଙ୍ଗ ବେଲୁନ୍ ଓ ଫୁଲରେ ସଜାଯାଇଥିଲା। ପତାକା ଉତ୍ତୋଳନର ସମୟ ହେଲା। ପ୍ରଧାନଶିକ୍ଷକ ଦଉଡ଼ି ଟାଣିଲେ। ଆକାଶ ତଳେ ତ୍ରିରଙ୍ଗା ଫରଫର ହୋଇ ଉଡ଼ିଲା। ସମସ୍ତ ପିଲା ଏକାଠି ହୋଇ ଜାତୀୟ ସଙ୍ଗୀତ ଗାନ କଲେ। ମିଟୁର ଛାତିଟା ଗର୍ବରେ ଫୁଲି ଉଠିଲା। କିଛି ସମୟ ପରେ ଶିକ୍ଷକ ପଚାରିଲେ, ପିଲାମାନେ, କୁହ ତ! ଆମ ତ୍ରିରଙ୍ଗା ଆମକୁ କ'ଣ ଶିଖାଏ? ସମସ୍ତେ ଚୁପ୍ ହୋଇଗଲେ। ହେଲେ ମିଟୁ ଧୀରେ ଧୀରେ ହାତ ଉଠାଇଲା। ସାର୍, ମୁଁ କହିବି? ଶିକ୍ଷକ କହିଲେ, ହଁ ମିଟୁ, କୁହ। ମିଟୁ କହିଲା, ସାର୍! ତ୍ରିରଙ୍ଗା ଆମକୁ ସାହସୀ ହେବାକୁ, ଶାନ୍ତିରେ ରହିବାକୁ ଓ ଦେଶକୁ ଆଗକୁ ନେବାକୁ ଶିଖାଏ। ଏହା ଆମ ପାଇଁ କେବଳ ଗୋଟିଏ ପତାକା ନୁହେଁ। ଏହା ଆମ ଦେଶର ଗର୍ବ। ଏହାକୁ ଦେଖିଲେ ମୋତେ ମୋ ଦେଶ ପାଇଁ କିଛି ଭଲ କାମ କରିବାକୁ ଇଚ୍ଛା ହୁଏ। ଶିକ୍ଷକ ଖୁସି ହୋଇ ମିଟୁକୁ ପାଖକୁ ଡାକି ତା'ର ପିଠିକୁ ଥାପୁଡେଇ ଦେଲେ। କହିଲେ, ବାଃ! ଆଜି ତୁମେ ଖୁବ୍ ସୁନ୍ଦର କଥା କହିଲ। ମିଟୁ ଆକାଶରେ ଉଡୁଥିବା ତ୍ରିରଙ୍ଗାକୁ ଚାହିଁ ମନେ ମନେ ଗର୍ବ ଅନୁଭବ କରୁଥାଏ। ସେଦିନ ଘରକୁ ଫେରିବା ବେଳେ ମିଟୁ ତା'ର ଛୋଟ ତ୍ରିରଙ୍ଗାଟିକୁ ହାତରେ ଜାବୁଡ଼ି ଧରିଥିଲା। ତା'ର ମୁହଁରେ ଥିଲା ହସ, ଆଖିରେ ଥିଲା ସ୍ୱପ୍ନ ଏବଂ ହୃଦୟରେ ଥିଲା ଗୋଟିଏ ଗର୍ବର କଥା- ତ୍ରିରଙ୍ଗା ମୋ ଗର୍ବ, ଭାରତ ମୋର ଗର୍ବ।

ରାଜେନ୍ଦ୍ରପୁର, ବାରିକପୁର
ବଜାର, ଭଦ୍ରକ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## କୁନି ହାତରେ ତୁଳୀ




ଶୁଭମ୍ ମହାନ୍ତି
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ



ଶୁଭଶକ୍ତି ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ
ମୟୂରଭଞ୍ଜ




ଇପ୍‌ସିତା ଜେନା
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡା, ପୁରୀ




ଶ୍ରୀୟାଦିତା ରାୟ
ପଞ୍ଚମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା, ପୁରୀ



ଦମୟନ୍ତୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ଆଜି ଆରମ୍ଭ

# ଗରମ, କୁକାବୁରା ଭାରତର ବଡ଼ ପ୍ରତିଦ୍ୱନ୍ଦ୍ୱୀ

**ଗଲ,୧୪।୮ (ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି ବା ଶନିବାରରୁ ଏଠାରେ ଆରମ୍ଭ ହେବ। ମ୍ୟାଚ୍ ଖେଳାଯିବାକୁ ଥିବା ଗଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ପିଚ୍ ଭାରତୀୟ ଉପମହାଦେଶର ପିଚ୍ ହୋଇଥିବାରୁ ଭାରତକୁ ଏଠାରେ ଖେଳିବା ଲାଗି ବିଶେଷ କଷ୍ଟ ହେବା କଥା ନୁହେଁ। କିନ୍ତୁ ପିଚ୍ କିମ୍ବା ଘରୋଇ ଖେଳାଳି ନୁହଁନ୍ତି, ଏଠାରେ ଭାରତର ବଡ଼ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଅସହ୍ୟ ଗରମ ଓ ଆଦ୍ରତା। ବର୍ଷା ହେବା ପରେ ଅସହ୍ୟ ଗରମ ହେଉଛି। ଏହା ସହ କୁକାବୁରା ବଲ୍‌ରେ ଖେଳିବା ମଧ୍ୟ କଷ୍ଟକର। ଶ୍ରୀଲଙ୍କାର ଖେଳାଳି ଯେତିକି ଅସୁବିଧା ସୃଷ୍ଟି ନ କରିବେ ଏହି ଦୁଇଟି କାରଣ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ପ୍ରତିବନ୍ଧକ ସୃଷ୍ଟି କରିଛି।

ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲଙ୍କ କହିବା କଥା ହେଲା ଡ୍ୟୁକ୍ ବଲ ଭଳି କୁକାବୁରା ବଲ ୨୦ରୁ ୨୫ ଓଭରପରେ ଢ଼ିଲା ହୋଇଯାଉଛି। ଏହି ସମୟରେ କିପରି ବୋଲିଂ କରିବାକୁ ହେବ ତାହା ଚିନ୍ତାର କାରଣ ହୋଇଛି। ବଲ ଢ଼ିଲା ହୋଇଗଲେ ସ୍ପିନର ପ୍ରଭାବଶାଳୀ ହୋଇ ପାରିବେ ନାହିଁ। ରିଭର୍ସ ସୁଇଂ ଓ ସଟ୍ ବଲ ହିଁ ଭରସା। ପିଚ୍ ମନ୍ଥର ହୋଇଗଲେ ଏହା ସମ୍ଭବ ହେବ ନାହିଁ।




**ସମ୍ଭାବ୍ୟ ଭାରତୀୟ ଦଳ** : ଲୋକେଶ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ୱିକେଟରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ମାନବ ସୁତାର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା। **ରିଜର୍ଭ** - ଗୁରନୁର ବ୍ରାର, ସର୍ଫରାଜ ଖାନ, ସାରାଂଶ ଜୈନ, ଆକ୍ୱିବ ନବି।

**ଶ୍ରୀଲଙ୍କା ଦଳ** : ଲାହିରୁ ଉଦାରା, ନିଶାନ ମଦୁସ୍କା, ଦିନେଶ ଚାଣ୍ଡିମଲ, କାମିନ୍ଦୁ ମେଣ୍ଡିସ୍ (ଉପଅଧିନାୟକ), ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ନିରୋସନ ଡିକ୍‌ୱେଲା (ୱିକେଟ ରକ୍ଷକ), ସୋନାଲ ଦିନୁଶା, ରମେଶ ମେଣ୍ଡିସ୍, ପ୍ରବାତ ଜୟସୁରିଆ, ଅସିଥା ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା।

**ରିଜର୍ଭ**- କେଶରା ନୁୱାନ୍ଥା, ମିଲନ ରତନାୟକେ, ବିଶ୍ୱ ଫର୍ଣ୍ଣାଣ୍ଡୋ, ଦିଲସାନ ମଦୁଶଙ୍କା, ପାସିନ୍ଦୁ ସୁରିଆବାନ୍ଦରା।

**ଖେଳ ଆରମ୍ଭ- ପୂର୍ବାହ୍ଣ ୧୦ଟା**
**ଟିଭି ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ - ସୋନି ଲାଇଭ୍**

## ଜେଏଫ୍‌ସିକୁ ୧୦୦ ଟଙ୍କାରେ ବିକିଦେଲା ଟାଟା ଷ୍ଟିଲ

**ରାଞ୍ଚି,୧୪।୮ (ଏଜେନ୍ସି):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଟିମ୍ ଜାମ୍‌ସେଦପୁର ଫୁଟବଲ କ୍ଲବ୍ (ଜେଏଫ୍‌ସି)କୁ ମାତ୍ର ୧୦୦ ଟଙ୍କାରେ ଏହାର ଫ୍ରାଞ୍ଚାଇଜ୍ ମାଲିକ ଟାଟା ଷ୍ଟିଲ ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ବିକ୍ରି କରିଦେଇଛି। ଏହା ଫଳରେ ଟାଟା ଷ୍ଟିଲ୍‌ର ଆଇଏସ୍‌ଏଲ୍‌ରେ ପ୍ରତିନିଧିତ୍ୱ ଶେଷ ହୋଇଛି। ସେପ୍ଟେମ୍ବର ମାସରୁ ଚର୍ଚ୍ଚିଲ ବ୍ରଦର୍ସ ଜେଏଫ୍‌ସିର ସମସ୍ତ ଦାୟିତ୍ୱ ନେବ। ଜେଏଫ୍‌ସିର ସମସ୍ତ ଅଂଶଧନକୁ ମଧ୍ୟ ଚର୍ଚ୍ଚିଲ ବ୍ରଦର୍ସକୁ ଟାଟା ଷ୍ଟିଲ ହସ୍ତାନ୍ତର କରିଛି। ଏହା ସହ କ୍ଲବର ୧୨ଜଣ ଖେଳାଳି ଓ ୨ ଜଣ କୋଚ୍‌ଙ୍କ ଦାୟିତ୍ୱ ଗ୍ରହଣ କରିବ।

## ଏସିଆ କପ୍ ଓ ଏସିଆଡ୍‌ରୁ ବାଦ୍ ପଡ଼ିଲେ ଜେମିମା

**ମୁମ୍ବଇ,୧୪।୮ (ଏଜେନ୍ସି):** ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର ଜେମିମା ରୋଡ୍ରିଗ୍ସ ଆଘାତ ଜନିତ କାରଣରୁ ଏସିଆ କପ୍ ଓ ଏସିଆନ ଗେମ୍ସରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ପ୍ରତୀକା ରାୱଲଙ୍କୁ ଦଳରେ ସାମିଲ କରାଯାଇଛି। ୟୁଏଇରେ ଏସିଆ କପ୍ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ଯାଏ, ଏସିଆନ ଗେମ୍ସ ସେପ୍ଟେମ୍ବର ୧୭ରୁ ୨୨ଯାଏ ଖେଳାଯିବ।

## ତାନ୍‌ଜିଦ୍‌ଙ୍କ ପ୍ରଥମ ଶତକ

**ଡାରୱିନ୍,୧୪।୮ (ଏଜେନ୍ସି):** ତାନଜିଦ ହାସନଙ୍କ ପ୍ରଥମ ଟେଷ୍ଟ ଶତକ (୧୦୧ରନ୍) ଓ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ (୮୪ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଅଷ୍ଟ୍ରେଲିଆ ସହ ଚାଲିଥିବା ପ୍ରଥମ ଟେଷ୍ଟ ବାଂଲାଦେଶ ୧୫୩ ରନ୍‌ରେ ଆଗୁଆ ରହିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୮ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ବାଂଲାଦେଶ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୫୧ ରନ୍ ସଂଗ୍ରହ କରିନେଇଛି।

## ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍ ହକି ଆଜିଠାରୁ

# ଭାରତ-ୱେଲ୍ସ ଉଦ୍‌ଘାଟନୀ ମୁକାବିଲା

**ଆମଷ୍ଟଲଭିନ୍,୧୪।୮ (ଏଜେନ୍ସି)**

ଭାରତ ଓ ୱେଲ୍ସ ମୁକାବିଲା ସହ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକକ କ୍ରୀଡ଼ା ପ୍ରତିଯୋଗିତା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକିର ୧୬ତମ ସଂସ୍କରଣ ଆସନ୍ତାକାଲିଠାରୁ ନେଦରଲ୍ୟାଣ୍ଡସ ଓ ବେଲଜିୟମରେ ଆରମ୍ଭ ହେବ। ଅଗଷ୍ଟ ୩୦ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଦୁଇଟି ଭେନ୍ୟୁ ଯଥା ଆମଷ୍ଟଲଭିନ ଓ ୱାଭରେରେ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିଥିବା ୧୬ଟି ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ପୁଲ୍-ଏ ଓ ପୁଲ୍-ଡି'ର ମ୍ୟାଚ୍‌ଗୁଡିକ ଅମଷ୍ଟଲଭିନ୍‌ରେ ଓ ପୁଏ-ବି ଓ ସି'ର ମ୍ୟାଚ୍ ବେଲଜିୟମର ୱାଭରେ ସହରରେ ଖେଳାଯିବ। ଆସନ୍ତାକାଲି ପୁଲ-ଡି'ରେ ଭାରତ ଓ ୱେଲ୍ସ ମୁକାବିଲାରୁ ଏହି ବିଶ୍ୱକପ୍ ଆରମ୍ଭ ହେବ। ଗୋଟିଏ ଦିନ ପରେ ମହିଳା ଦଳ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ପୁରୁଷ ଦଳ ଭଳି ମହିଳା ଟିମ୍ ମଧ୍ୟ ପୁଲ-ଡି'ରେ ସ୍ଥାନ ପାଇଛି।




**ଭାରତ- ୱେଲ୍ସ ମ୍ୟାଚ୍: ଅପରାହ୍ଣ ୪.୩୦**
**ଟିଭି ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ**
**ଲାଇଭ୍ ଷ୍ଟ୍ରିମିଂ- ଜିଓହଟ୍‌ଷ୍ଟାର**

ଏହି ପ୍ରତିଯୋଗିତାରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତ ଖେଳିବାକୁ ଯାଉଛି। ଦଳରେ ହରମନପ୍ରୀତ୍, ମନ୍‌ପ୍ରୀତ ସିଂହ, ମନଦୀପ ସିଂହ ଓ ଅମିତ ରୋହିଦାସ ମିଳିତ ଭାବେ ଦଳର ମୋଟ ୪୧ଶତକଡ଼ା ମ୍ୟାଚ୍ ଖେଳିଛନ୍ତି। ଅନ୍ୟମାନେ ନବାଗତ ଓ ଏତେଟା ଅଭିଜ୍ଞ ନୁହଁନ୍ତି। ଅମିତଙ୍କ ପରେ ଶିଳାନନ୍ଦ ଲାକ୍ରା ଓଡ଼ିଶାରୁ ଦ୍ୱିତୀୟ ଖେଳାଳି ଭାବେ ସାମିଲ ହୋଇଛନ୍ତି। ପୁଲ୍-ଏ'ରେ ଇଂଲଣ୍ଡ ନିଃସନ୍ଦେହରେ ଏକ ଶକ୍ତିଶାଳୀ ଦଳ। ୱେଲ୍ସ ଓ ପାକିସ୍ତାନକୁ ହରାଇ ଭାରତକୁ ଦ୍ୱିତୀୟ ରାଉଣ୍ଡରେ ପ୍ରଥମେ ପ୍ରବେଶ କରିବାକୁ ହେବ। ଏହା ପର କଥା ପରେ ନିର୍ଣ୍ଣୟ କରାଯିବ। ମହିଳା ବିଭାଗରେ ସଲିମା ଟେଟେ ଦଳର ନେତୃତ୍ୱ ନେଉଛନ୍ତି। ଦଳ ପୁଲ୍-ଡି'ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଅଗଷ୍ଟ ୧୬ରେ ଚୀନ ସହ ପ୍ରଥମ, ୧୮ରେ ଇଂଲଣ୍ଡ ସହ ଦ୍ୱିତୀୟ ଓ ୨୦ରେ ଦକ୍ଷିଣ ଆଫ୍ରିକା ସହ ତୃତୀୟ ମ୍ୟାଚ୍ ଖେଳିବ।

## ଓସିଏ କର୍ମକର୍ତ୍ତା ନିର୍ବାଚନ


# ବିସିସିଆଇକୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ,୧୪।୮ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କର୍ମକର୍ତ୍ତା ନିର୍ବାଚନ ପ୍ରସଂଗ ନେଇ ଦାୟର ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଂଗରେ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ)କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନରାଇଜ କ୍ଲବ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟ ପ୍ରତିପକ୍ଷମାନେ ମଧ୍ୟ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିପାରିବେ। ଅଗଷ୍ଟ ୨୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। କାର୍ଯ୍ୟକାଳ ଶେଷ ହୋଇଥିବା ଓସିଏର ବିଭିନ୍ନ ପଦପଦବୀ ପାଇଁ ନିୟମ ଅନୁସାରେ ନିର୍ବାଚନ ଘୋଷଣା କରାଯାଉ ଏବଂ ବିଭିନ୍ନ କର୍ମକର୍ତ୍ତା ନିର୍ବାଚିତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ବିସିସିଆଇ, ଓସିଏ, ଓସିଏ ସଭାପତି, ଉପସଭାପତି, ଯୁଗ୍ମସଚିବ, କୋଷାଧ୍ୟକ୍ଷ ଓ କଟକ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।










PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS